


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୬ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 06 October 2025
Vol.No. 36 ■ No.262 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଦାର୍ଜିଲିଂରେ ପ୍ରକୃତିର ତାଣ୍ଡବ: ବନ୍ୟାରେ ଭୁଶୁଡ଼ିଲା ପୋଲ, ୧୭ ମୃତ



ନୂଆଦିଲ୍ଲୀ,୦୫/୧୦ : ଯେତେବେଳେ ପ୍ରକୃତି କୋପ କରିବ , ତା'ର ପରିଣାମ ଭୟଙ୍କର ହେବ । କିଛି ଏଭଳି ଘଟିଛି ପଶ୍ଚିମବଙ୍ଗର ସ୍ୱର୍ଗ କୁହାଯାଉଥିବା ଦାର୍ଜିଲିଂରେ । ଲଗାଣ ବର୍ଷାରେ ବେହାଲ ହୋଇପଡ଼ିଛି ଦାର୍ଜିଲିଂ । କେଉଁଠି ବର୍ଷା ପାଣିରେ ପୋଲ ଭୁଶୁଡ଼ିଛି ତ କେଉଁଠି ଭୂସ୍ଖଳନ ଯୋଗୁଁ ରାସ୍ତାକୁ ଧସେଇ ପଡ଼ିଛି ମାଟି ଅତଡ଼ା । ପ୍ରକୃତିର ଏହି ତାଣ୍ଡବରେ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ନିଖୋଜ ଥିବା ସୂଚନା ମିଳିଛି । ଉତ୍ତର ବେଙ୍ଗଲରେ ଲଗାତାର ବର୍ଷା ଯୋଗୁଁ ସ୍ଥିତି ବେହାଲ। ଦାର୍ଜିଲିଂର ମିରିକ ଓ ସୁଖିଆ ପୋଖରୀରେ ଭୟଙ୍କର ଭୂସ୍ଖଳନ ଯୋଗୁଁ ୧୭ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ଭୂସ୍ଖଳନ ଯୋଗୁଁ ପଶ୍ଚିମବଙ୍ଗ ଏବଂ ସିକ୍କିମକୁ ସଂଯୋଗ କରୁଥିବା ରାସ୍ତା ଏବଂ ଦାର୍ଜିଲିଂ ଏବଂ ସିଲିଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ସମେତ ପ୍ରମୁଖ ରାସ୍ତାଗୁଡ଼ିକରେ ରାସ୍ତା ଅବରୋଧ ହୋଇଛି । ଭୂସ୍ଖଳନ ଯୋଗୁଁ ଅନେକ ଘର ଭଗ୍ନାବଶେଷରେ ପରିଣତ ହେବା ସହ ପ୍ରମୁଖ ରାସ୍ତାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି । ଅନେକ ଦୁର୍ଗମ ଗାଁକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଛି । ମିରିକ-ସୁଖିଆପୋଖରୀ ରାସ୍ତାରେ ମାଟି ଅତଡ଼ା ଧସିବା ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଫଳରେ ଅନେକ ଗାଁ ସମ୍ପୂର୍ଣ୍ଣ ଭାବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ତେବେ ବାତ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି । ଲଗାଣ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ସ୍ଥିତି ଗମ୍ଭୀର ରହିଛି । ଦୁର୍ଗା ପୂଜା ପରେ କୋଲକାତା ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ବହୁ ସଂଖ୍ୟକ ପର୍ଯ୍ୟଟକ ଦାର୍ଜିଲିଂ ଆସିଥିବା ବେଳେ ସେମାନେ ଫସି ରହିଛନ୍ତି । କୌଣସି ଅପ୍ରୀତିକର ଘଟଣା ଏଡ଼ାଇବା ପାଇଁ ଟାଇଗର ହିଲ୍ ଏବଂ ରକ୍ ଗାର୍ଡେନ୍ ସମେତ ଦାର୍ଜିଲିଂରେ ପର୍ଯ୍ୟଟନସ୍ଥଳଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ସେପଟେ ଦାର୍ଜିଲିଂ ବିପର୍ଯ୍ୟୟକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଅନ୍ୟପକ୍ଷରେ ଦାର୍ଜିଲିଂ ଓ କାଲିପୋଙ୍ଗ ସମେତ ଆଉ କିଛି ଅଞ୍ଚଳ ପାଇଁ ରେଡ୍ ଆଲର୍ଟ ଜାରି କରିଛି ଭାରତୀୟ ପାଣିପାଗ ବିଭାଗ ।

# ନୂଆପଡ଼ା ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ : ଦେଇପାରନ୍ତି ବଡ଼ ଭେଟି, ଶକ୍ତି ପ୍ରଦର୍ଶନ କରିବେ ବିଜେପି ନେତା



ଭୁବନେଶ୍ୱର, ୦୫/୧୦ (ନି.ପ୍ର): ନୂଆପଡ଼ା ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇନି। କିନ୍ତୁ ଏବେଠୁ ସରଗରମ ହେଲାଣି ନୂଆପଡା ରାଜନୀତି । ଅଞ୍ଚଳକୁ କିଏ ଦଖଲ କରିବ, ଏହାକୁ ନେଇ ସବୁ ଦଳ ଭିତରେ ଆରମ୍ଭ ହୋଇଗଲାଣି ପ୍ରତିଯୋଗିତା। ଏହାରି ଭିତରେ କାଲି ନୂଆପଡ଼ା ଯିବେ ମୁଖ୍ୟମନ୍ତ୍ରୀ । ସେପଟେ ପଦଯାତ୍ରା କରିବାକୁ ଯୋଜନା କରିଛି କଂଗ୍ରେସ । ରାଜ୍ୟ ରାଜନୀତିର ହଟସ୍ପଟ୍ ପାଲଟିଥିବା ନୂଆପଡ଼ାକୁ କାଲି ଯିବେ ମୁଖ୍ୟମନ୍ତ୍ରୀ । ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ନୂଆପଡାବାସୀଙ୍କୁ ଭେଟି ଦେବେ ଏକାଧିକ ପ୍ରକଳ୍ପ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉପନିର୍ବାଚନରେ କିଏ ହେବେ ବିଜେପି ପ୍ରାର୍ଥୀ ତାକୁ ନେଇ ଚର୍ଚ୍ଚା ଭିତରେ ଆସନ୍ତାକାଲି ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି ଆଶାୟୀ ପ୍ରାର୍ଥୀ। ବିଜେପି ନେତା ଯଦୁମଣି ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ଶକ୍ତି ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ୨୦୧୯ ରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ୧୬ ହଜାର ୫ ଶହ ଭୋଟ୍ ପାଇଥିଲେ ଯଦୁମଣି। ଗତ ନିର୍ବାଚନରେ ଅଭିନନ୍ଦନ ପଣ୍ଡାଙ୍କୁ ଟିକେଟ ଦେଇଥିଲା ବିଜେପି। ହେଲେ ବିଜେପିର ହାୱା ସତ୍ତ୍ୱେ ଅଭିନନ୍ଦନ ୩ୟ ସ୍ଥାନରେ ରହିଥିଲେ। ଆସନ୍ତାକାଲି କଂଗ୍ରେସ ମଧ ନୂଆପଡ଼ାରେ ପଦଯାତ୍ରା କରିବାକୁ ଘୋଷଣା କରିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ବାତିଲ କରିବାକୁ ଚାପ ପଡୁଥିବା ଅଭିଯୋଗ କରିଛନ୍ତି ପିସିସି ସଭାପତି। ତେବେ ନୂଆପଡ଼ା ଉପନିର୍ବାଚନ ତିନି ଦଳ ପାଇଁ ଏସିଡ୍ ଟେଷ୍ଟ ବୋଲି କହିଛନ୍ତି ରାଜନୀତି ସମୀକ୍ଷକ। ବିଜେଡିରୁ ସ୍ୱର୍ଗତ ରାଜେନ୍ଦ୍ର ଢ଼ୋଲକିଆଙ୍କ ପୁଅ ଜୟ ଢ଼ୋଲକିଆ, କଂଗ୍ରେସରୁ ଘାଷିରାମ ମାଝୀଙ୍କୁ ଟିକେଟ ମିଳିବା ନେଇ ଚର୍ଚ୍ଚା ହେଉଛି। କିନ୍ତୁ ବିଜେପିରୁ ଯଦୁମଣି ନା ଅଭିନନ୍ଦନ, କାହାକୁ ମିଳିବ ଟିକେଟ ? ତା ଉପରେ ରହିଛି ସମସ୍ତଙ୍କ ନଜର ।

# ଆଜି କଟକ ବନ୍ଦ ଡାକରା: ସିଲ୍‌ଭର ସିଟିରେ ସୋସିଆଲ ମିଡିଆ ଉପରେ କଟକଣା

## ଶାନ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅପିଲ




କଟକ, ୦୫/୧୦ (ନି.ପ୍ର): ଦୁର୍ଗାପୂଜା ଭସାଣ ବେଳେ ଗଣ୍ଡଗୋଳ ଘଟଣାକୁ ନେଇ ଆସନ୍ତାକାଲି ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ । ପରିସ୍ଥିତି ସମ୍ବେଦନଶୀଳ ଥିବାରୁ କଟକରେ ମୋବାଇଲ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି । ହ୍ୱାଟସ୍ଆପ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ସ୍ନାପ୍‌ଚାଟ୍ ଆଦି ଚଳାଇ ପାରିବେନି ୟୁଜର୍ସ । ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ସେବା ବି ବନ୍ଦ ରହିବ । ୨୪ ଘଣ୍ଟା ପାଇଁ କଟକଣା ଜାରି କଲା ପ୍ରଶାସନ । ସେପଟେ ଶାନ୍ତି ରକ୍ଷା ପାଇଁ ନିବେଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ । ଗଣ୍ଡଗୋଳ ହୋଇଥିବା ସ୍ଥାନରେ ଆଜି ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି । ସେପଟେ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ କାଲି କଟକ ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ । ଗଣ୍ଡଗୋଳ ହୋଇଥିବା ସ୍ଥାନ ହାତୀପୋଖରୀ ଓ ଦରଘା ବଜାରରେ ପୁଲିସ, ବିଏସ୍ଏଫ୍ ଏବଂ ସିଆରପିଏଫ୍ ଯବାନ ମିଳିତ ଭାବେ ଫ୍ଲାଗମାର୍ଚ୍ଚ କରିଛନ୍ତି । ଏପରିକି ସାହି ଗଳିରେ କ୍ୟାମ୍ପ୍ ଲଗାଇ ଡେରା ପକାଇଛି ପୁଲିସ । ଏପଟେ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ କାଲି କଟକ ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ । ବନ୍ଦ ଡାକରା ପୂର୍ବରୁ ଭିଏଚ୍‌ପି ପକ୍ଷରୁ ବିଦ୍ୟାଧରପୁରରୁ ଏକ ବାଇକ୍ ଶୋଭାଯାତ୍ରା ବାହାରିଛି ।

# ଏସଆଇ ପରୀକ୍ଷା କେଳେଙ୍କାରୀ ପଛରେ ବଡ଼ମୁଣ୍ଡ: ରିପୋର୍ଟ ମିଳିବା ପରେ ବଡ଼ କାର୍ଯ୍ୟାନୁଷ୍ଠାନ !



ଭୁବନେଶ୍ୱର, ୦୫/୧୦ (ନି.ପ୍ର): ଏସଆଇ ନିଯୁକ୍ତି ପରୀକ୍ଷା ବାତିଲ ପରେ ଉଠୁଛି ପଡୁଛି ରାଜ୍ୟ । ମୁଖ୍ୟ କାର୍ପଟଦାରଙ୍କୁ ଧରିବା ପାଇଁ ଚାଲିଛି ରେଡ୍ । ଜୁନ ୨୦୨୪ ପରେ କେତେ ପରୀକ୍ଷା ବାତିଲ ହୋଇଛି ସେନେଇ ରିପୋର୍ଟ ମାଗିଛନ୍ତି ରାଜ୍ୟ ସରକାର । ଆଜି ରାତି ସୁଦ୍ଧା ରିପୋର୍ଟ ଦେବାକୁ କୁହାଯାଇଛି । ସେପଟେ ପରୀକ୍ଷା କେଳେଙ୍କାରୀକୁ ନେଇ ତେଜିଛି ରାଜନୀତି । ଏସଆଇ ପରୀକ୍ଷା କେଳେଙ୍କାରୀ ନେଇ ଆକ୍ସନରେ ରାଜ୍ୟ ସରକାର । ନିଯୁକ୍ତି ପରୀକ୍ଷା ବାତିଲ ନେଇ ସବୁ ବିଭାଗକୁ ରିପୋର୍ଟ ମାଗିଛନ୍ତି ରାଜ୍ୟ ସରକାର। ଜୁନ ୨୦୨୪ରୁ ଆଜି ଯାଏଁ ଯେଉଁ ସବୁ ପରୀକ୍ଷା ବାତିଲ ହୋଇଛି ଆଜି ରାତି ସୁଦ୍ଧା ତା'ର ରିପୋର୍ଟ

▶▶ପୃଷ୍ଠା ୭


# ନୂଆପଡା ଉପ ନିର୍ବାଚନ ପାଇଁ ବିଜେଡିର ପ୍ରସ୍ତୁତି

ଭୁବନେଶ୍ୱର, ୦୫/୧୦ (ନି.ପ୍ର): ନୂଆପଡା ଉପ ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତି ଆରମ୍ଭ କରିଛି । ପଶ୍ଚିମ ଓଡିଶା ର ଟାଣୁଆ ନେତା ମାନେ ନୂଆପଡାରେ ଡେରା ପକାଇଲେଣି । ପୂର୍ବତନ ଅର୍ଥ ମନ୍ତ୍ରୀ ତଥା ବିଧାୟକ ନିରଞ୍ଜନ ପୂଜାରୀଙ୍କ ସହ ଅନ୍ୟ କିଛି ନେତା ନୂଆପଡା ଗସ୍ତ କରିଛନ୍ତି । ଅନ୍ୟ ପକ୍ଷରେ ବିଜେଡି ମୁଖପାତ୍ର ଲେଲିନ ମହାନ୍ତି କହିଛନ୍ତି ଯେ ଉପନିର୍ବାଚନ ପାଇଁ ଶୀଘ୍ର ଦଳ କମିଟି ଘୋଷଣା କରିବ ।

# ମଧ୍ୟପ୍ରଦେଶର ଛିନ୍ଦୱାଡ଼ାରେ ୧୧ ଶିଶୁଙ୍କ ମୃତ୍ୟୁ ପରେ କଫ୍ ସିରପ୍ ଲେଖିଥିବା ଡାକ୍ତର ଗିରଫ

ନୂଆଦିଲ୍ଲୀ,୦୫/୧୦ : ମଧ୍ୟପ୍ରଦେଶର ଛିନ୍ଦୱାଡ଼ା ଜିଲ୍ଲାର ପରାସିୟା ଅଂଚଳରେ କଫ୍ ସିରପ୍ ସେବନ କରି ୧୧ ଶିଶୁଙ୍କ ମୃତ୍ୟୁ ପରେ, ପ୍ରଶାସନ ଶେଷରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଶନିବାର ବିଳମ୍ବିତ ରାତିରେ ପରାସିୟା ପୋଲିସ ଷ୍ଟେସନରେ ଡାକ୍ତର ପ୍ରବୀଣ ସୋନି ଏବଂ ଶ୍ରୀସାନ ଔଷଧ କମ୍ପାନୀ (କାଂଚିପୁରମ, ତାମିଲନାଡୁ)ଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ କରାଯାଇଥିଲା। ଏହା ପରେ, ପୋଲିସ ଅଧିକ୍ଷକଙ୍କ ଦ୍ୱାରା ଗଠିତ ଏକ ସ୍ୱତନ୍ତ୍ର ପୋଲିସ ଦଳ ଶନିବାର ବିଳମ୍ବିତ ରାତିରେ ଛିନ୍ଦୱାଡାର କୋତୱାଲି ପୋଲିସ ଷ୍ଟେସନ ଅଂଚଳର ରାଜପାଲ ଚୌକରୁ ଡାକ୍ତର ପ୍ରବୀଣ ସୋନିଙ୍କୁ ଗିରଫ କରିଥିଲେ। ଏହି ଡାକ୍ତର ପିଲାମାନଙ୍କୁ ମାରାତ୍ମକ କଫ୍ ସିରପ୍ ଲେଖିଥିଲେ। ବିଏମଓ ଡାକ୍ତର ଅଙ୍କିତ ସଲ୍ଲାମଙ୍କ ଅଭିଯୋଗ ଆଧାରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

# ପିଓକେ ଭାରତର ଏକ କୋଠରୀ, ନିଶ୍ଚିତ ଫେରାଇଆଣିବୁ: ଆରଏସଏସ ମୁଖ୍ୟ



ନୂଆଦିଲ୍ଲୀ,୦୫/୧୦ : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)କୁ ଭାରତର ଘରେ ଏକ କୋଠରୀ ଭାବରେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ଏହି କୋଠରୀ ଭାରତର ଏକ ଅଂଶ ଏବଂ ଏହାକୁ ଦିନେ ଫେରାଇ ଆଣିବାକୁ ପଡିବ। ମଧ୍ୟପ୍ରଦେଶର ସତନାରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ସେ କହିଛନ୍ତି, 'ସମ୍ପୂର୍ଣ୍ଣ ଭାରତ ଗୋଟିଏ ଘର। କିନ୍ତୁ ଆମ ଘରର ଏକ କୋଠରୀ, ଯେଉଁଠାରେ ଆମର ଟେବୁଲ, ଚେୟାର ଏବଂ ପୋଷାକ ରଖାଯାଇଥିଲା, ତାହା କେହି ଜଣେ ଦଖଲ କରିନେଇଛି। ଗୋଟିଏ ଦିନ ଆମକୁ ଏହାକୁ ଫେରାଇ ନେବାକୁ ପଡିବ।' ସେ କହିଛନ୍ତି ଯେ ପିଓକେ ଆମ ନିଜ ଘରର ଏକ ଅଂଶ ଯାହା ବର୍ତ୍ତମାନ ଅଜଣା ଲୋକଙ୍କ ଦ୍ୱାରା ଅଧିକୃତ ଏବଂ ଏହା କେବଳ ଏକ ଭୂଗୋଳ ନୁହେଁ ବରଂ ଭାରତ ପାଇଁ ଏକ ଭାବପ୍ରବଣ ପ୍ରସଙ୍ଗ। ଭାଗବତଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ପିଓକେରେ ପାକିସ୍ତାନୀ ଶାସନ ବିରୋଧରେ ବ୍ୟାପକ ବିରୋଧ ପ୍ରଦର୍ଶନ ଚାଲିଛି। ଗତ ତିନି ଦିନ ମଧ୍ୟରେ ପିଓକେରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୦୦ ରୁ ଅଧିକ ଆହତ ହୋଇଛନ୍ତି। ଧୀରକୋଟରେ ସବୁଠାରୁ ଭୟଙ୍କର ହିଂସା ଘଟିଥିଲା, ଯେଉଁଠାରେ ଚାରି ଜଣ ପ୍ରତିବାଦକାରୀଙ୍କୁ ଗୁଳି କରାଯାଇଥିଲା।

▶▶ପୃଷ୍ଠା ୭

# ଜାପାନରେ ୬ ତୀବ୍ରତାର ଭୂମିକମ୍ପ ଅନୁଭୂତ

ଟୋକିଓ, ୦୫/୧୦ : ଜାପାନରେ ଶନିବାର ରାତିରେ ହୋନ୍‌ଶୁ ର ପୂର୍ବ କୂଳରେ ୬ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି । ନେସନାଲ୍ ସେଣ୍ଟର୍ ଫର୍ ସିସ୍ମୋଲଜି (ଘଉଝ) ଅନୁସାରେ, ହୋନ୍‌ଶୁ ର ପୂର୍ବ କୂଳର ପାଖରେ ୬.୦ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହାର କେନ୍ଦ୍ର ଭୂମିରୁ ପ୍ରାୟ ୫୦ କିଲୋମିଟର ଗଭୀରତାରେ ଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବଡ଼ କ୍ଷତି କିମ୍ବା ସୁନାମି ସତର୍କତା ଜାରି ହୋଇନାହିଁ। ଉଲ୍ଲେଖନୀୟ, ଜାପାନ ଅତ୍ୟନ୍ତ ସକ୍ରିୟ ଭୂମିକମ୍ପୀୟ କ୍ଷେତ୍ରରେ ଅବସ୍ଥିତ। ଏଠାରେ ପ୍ରାୟତଃ ଭୂମିକମ୍ପ ଘଟିଥାଏ। ଏହି ଦ୍ୱୀପପୁଞ୍ଜରେ ଅନେକ ବିନାଶକାରୀ ଭୂମିକମ୍ପ ଘଟିଛି, ଯେଉଁଥିରୁ ସୁନାମି ସୃଷ୍ଟି ହୋଇଛି।

# ଶିଶୁ-କିଶୋର ପତ୍ରିକା 'ଫୁଲଚାଙ୍ଗୁଡ଼ି'ର ପୂଜା ସଂଖ୍ୟା ଉନ୍ମୋଚିତ



ବାଲେଶ୍ୱର , ୦୫/୧୦ (ନି.ପ୍ର): ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସ୍ୱାଧୀନତା ସଂଗ୍ରାମୀ ୰ ସୂର୍ଯ୍ୟମଣି ପଣ୍ଡାଙ୍କ ମାନସସନ୍ତାନ ଶିଶୁ-କିଶୋର ପତ୍ରିକା 'ଫୁଲଚାଙ୍ଗୁଡ଼ି'ର ପୂଜାସଂଖ୍ୟା ଷ୍ଟେସନ୍ ରୋଡ୍ ସ୍ଥିତ ବୀଣାପାଣି ପୁସ୍ତକାଳୟ ପରିସରରେ ପୂର୍ବାହ୍ନ ୯ ଘଟିକାରେ ଉନ୍ମୋଚିତ ହୋଇଯାଇଛି। ଉକ୍ତ ଉନ୍ମୋଚନ ଉତ୍ସବରେ କବି ଶ୍ରୀଦେବ, ପ୍ରଶାନ୍ତ ଦାସ, ବାକ୍ୟଶିଳ୍ପୀ ସର୍ବେଶ୍ୱର ଦାସ, 'ଧ୍ୱନିପ୍ରତିଧ୍ୱନି'ର ସମ୍ପାଦକ ସୃଷ୍ଟିଧର ପରିଡ଼ା, ଶିଳ୍ପୀ କେଶୁଦାସ, ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, 'ଅପରାହ୍ନ'ର ସମ୍ପାଦକ ବଂଶୀଧର ଜେନା, ସମାଜସେବୀ ରାଜେଶ ଗିରି, ଶ୍ୟାମସୁନ୍ଦର ଜେନା, କମଳ ଦାସ ପ୍ରମୁଖ ଯୋଗଦେଇ ଏକତ୍ରଭାବେ ପତ୍ରିକାଟିକୁ ଉନ୍ମୋଚନ କରିବା ସହ ଶିଶୁ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରକାଶଥାଉକି' ୨୦୧୭ ମସିହାରୁ କୌଣସି କାରଣବଶତଃ ପ୍ରକାଶ ହୋଇପାରୁ ନଥିଲା ବେଳେ ସାହିତ୍ୟିକ ପୀତାମ୍ବର ଦାସଙ୍କ ସହଯୋଗ ଓ ସମ୍ପାଦନାରେ ଚଳିତ ପୂଜାସଂଖ୍ୟାଟି ପୁନଃ ପ୍ରକାଶ ପାଇବାକୁ ସକ୍ଷମ ହୋଇପାରିଛି। ପତ୍ରିକାଟିର ମୁଖ୍ୟ ସମ୍ପାଦକ ସର୍ବେଶ୍ୱର ପଣ୍ଡା ତଥା ସହ-ସମ୍ପାଦନାରେ ସ୍ୱର୍ଣ୍ଣପ୍ରଭା ପଣ୍ଡା, ହୃଷିକେଶ ପଣ୍ଡା, ପ୍ରତୀକ୍ଷା ପଣ୍ଡା ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ନଭେମ୍ବର ୨୨ ପୂର୍ବରୁ ସମାପ୍ତ ହେବ ବିହାର ବିଧାନସଭା ନିର୍ବାଚନ: ସିଇସି

ନୂଆଦିଲ୍ଲୀ,୦୫/୧୦ : ରାଜନୈତିକ ଦଳଗୁଡ଼ିକ ବିହାର ବିଧାନସଭା ନିର୍ବାଚନରେ ସକ୍ରିୟ ଭାବରେ ନିୟୋଜିତ ଥିବା ବେଳେ, ନିର୍ବାଚନ କମିସନ ମଧ ପ୍ରସ୍ତୁତି ସମାପ୍ତ କରିଛନ୍ତି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଛନ୍ତି ଯେ, ବିହାର ବିଧାନସଭା ନିର୍ବାଚନ ନଭେମ୍ବର ୨୨ ତାରିଖ ପୂର୍ବରୁ ସମାପ୍ତ ହେବ, କାରଣ ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ ତାରିଖରେ ଶେଷ ହେଉଛି। ସେ କହିଛନ୍ତି, ବିହାର ପରି, ସାରା ଦେଶରେ ଏସଆଇଆର ପରିଚାଳନା କରାଯିବ। ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି, ଏହି ନିର୍ବାଚନରେ କମିସନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ନୂତନ ପଦକ୍ଷେପଗୁଡ଼ିକ ଭବିଷ୍ୟତରେ ସାରା ଦେଶରେ କାର୍ଯ୍ୟକାରୀ ହେବ। ବିହାରରେ ମୋଟ ୨୪୩ଟି

▶▶ପୃଷ୍ଠା ୭

# ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ : ନଭେମ୍ବର ୧୫ରେ ପାଳନ ହେବ ରାଜ୍ୟସ୍ତରୀୟ ବିର୍ଷା ମୁଣ୍ଡା ଜୟନ୍ତୀ

ବଲାଙ୍ଗିର, ୦୫/୧୦ (ନି.ପ୍ର): ସ୍ଥାନୀୟ ଆଦିବାସୀ ଭବନ ବ୍ରହ୍ମପୁରା ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ଼ ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବ୍ଲକ ସଭାପତି ଭୁବନେଶ୍ୱର କୁଅଁର ଅଧ୍ୟକ୍ଷତା କରିଥିଲେ । ବିଗତ ରାଜ୍ୟ ସରକାର ଆଦିବାସୀ ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ପରମ୍ପରା, ଦେବାଦେବୀ ପୀଠର ସୁରକ୍ଷା ସଂରକ୍ଷଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଥିଲେ କିନ୍ତୁ ଏବର ବିଜେପି ସରକାର ତାହାକୁ ଗୋଟି ଗୋଟି କରି ବନ୍ଦ କରୁଛନ୍ତି । ଅନ୍ୱେଷା ଯୋଜନାକୁ ବନ୍ଦ କରିଦେଲେ,ଏସ. ଡି. ସି. କୁ ବନ୍ଦ କରିଦେଲେ,ଏ. ଏନ. ଏମ, ଜି. ଏନ. ଏମ ପାଠ୍ୟକ୍ରମର ଷ୍ଟାଇପେଣ୍ଡ ବନ୍ଦ କରିଦେଇ ଥିବାରୁ ରାଜ୍ୟ ସରକାରକୁ ନିନ୍ଦା କରାଯାଇଥିଲା । ରାଜ୍ୟରେ ବିଜେପି ସରକାର ଜଣେ ଆଦିବାସୀକୁ ମୁଖ୍ୟମନ୍ତ୍ରୀ କରି ରାଜ୍ୟର ଖଣି ଖାଦାନ ନିଲାମ ଦେବାରେ ବ୍ୟସ୍ତ, ଆଦିବାସୀଙ୍କୁ ସର୍ବହରା କରିବା ପାଇଁ ରାଜ୍ୟରେ ଆହୁରି ବନ୍ଦ ଥିବା ୭୦ ଗୋଟି ମଦ କମ୍ପାନୀ ଖୋଲିବ, ବିକାଶ ନାଁ ରେ ଆଦିବାସୀ ମାନଙ୍କୁ ବିସ୍ଥାପିତ କରୁଛି, ହରିଶଙ୍କର ଗନ୍ଧମାର୍ଦନ ପର୍ବତକୁ ଆଦାନୀ ହାତରେ ଟେକି ଦେବାକୁ ଯୋଜନା ଚଳେଇଛି, ସାଲେପାଲି ଗ୍ରାଫାଇଟ ମାଇନିଂ ବ୍ଲକକୁ ତାମିଲନାଡୁର ଏକ ଘରୋଇ କମ୍ପାନୀ ହାତରେ ନିଲାମ ଦେଇଛି, ଲୋୟର ଶୁକତେଲ ଡେମ ଗର୍ଭରେ ଥିବା କୁମିଆପାଲିର ଶହେ ଆଦିବାସୀ ପରିବାରକୁ ଉଚିତ କ୍ଷତିପୂରଣ ନଦେଇ ଥଇଥାନ ମଧ୍ୟ କରିନାହିଁ ସେମାନେ ଆଜି ପାଣି ଘେରରେ ସଂଘର୍ଷ କରୁଛନ୍ତି । ରାଜ୍ୟ ସରକାର ଆଦିବାସୀ ବିରୋଧୀ କାର୍ଯ୍ୟରୁ ପଛଘୁଂଚା ନଦେଲେ ଆଦିବାସୀଙ୍କ ଉଗ୍ର ରୂପ ଦେଖିବାକୁ ଚେତାବନୀ ଦେଇଛନ୍ତି ଆଦିବାସୀ ନେତା ଗଣ । ରାଜ୍ୟରେ ଆଦିବାସୀ ମାନଙ୍କ ଉପରେ ଦିନକୁ ଦିନ ଅନ୍ୟାୟ ଅତ୍ୟାଚାର ବଢ଼ି ବଢ଼ି ଚାଲିଛି । ଗତ କିଛି ଦିନ ତଳେ ଖପ୍ରାଖୋଲ ଥାନା ଦର୍ଲିପାଲି ପଂଚାୟତ ମାଲପଡ଼ା ଗାଁର ଜଣେ ଆଦିବାସୀ ବିଞ୍ଝାଳ ପରିବାରର ତିନି ଏକଡ଼ ଫଳନ୍ତି କପା ଚାଷକୁ ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ଗ୍ରାମର ବିଜେପି ନେତା ଉପେନ୍ଦ୍ର ଭୋଇ ନିଜର ଜେସିବି ଲଗେଇ ଖପ୍ରାଖୋଲ ପୋଲିସକୁ ହାତ ବାରିସୀ କରି ସମ୍ପୂର୍ଣ ଭାବେ ନଷ୍ଟ କରିଦେଇଥିବାରୁ ସଭାରେ ବିଜେପି ନେତାଙ୍କ କାର୍ଯ୍ୟକୁ ନିନ୍ଦା କରି ପୋଲିସ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଓ କରାଯିବାକୁ ଚେତାବନୀ ଦେଇଛି । ଆଗାମୀ ନଭେମ୍ବର ୧୫ ରେ ବଲାଙ୍ଗୀର ଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ବିର୍ଷାମୁଣ୍ଡା ଜୟନ୍ତୀରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଆହ୍ୱାନ କରିଥିଲେ । ଆସନ୍ତା ତା. ୧୨/୧୦/୨୫ ରବିବାର ଦିନ ବ୍ରହ୍ମପୁରା ଆଦିବାସୀ ଭବନ ଉଦଘାଟନ କାର୍ଯ୍ୟକ୍ରମ ରହିଛି ଏହି ଅବସରରେ ରାଜ୍ୟସଭା ସାଂସଦ ଡଃ. ନିରଞ୍ଜନ ବିଶିଙ୍କ କରକମଳରେ ଉଦଘାଟନ କରିବେ ।

ଆଜିର ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ସମ୍ପାଦକ ସାରଥୀ ବାଗ, ଯୋଗେଶ୍ୱର ଭୋଇ, ଭୋଳା ମଲ୍ଲିକ, ଜଗଦାନନ୍ଦ ମାଝୀ, ପ୍ରଦୀପ ବରିହା, ବରୁଣ ବିଶି, ଦୟାନିଧି ବରିହା, ଧବଳେଶ୍ୱର ଭୋଇ, ଜଳ ଧରୁଆ, ଯୁଧିଷ୍ଠିର ମିର୍ଦ୍ଧା, ଭାବ ବରିହା, ଯୁଧିଷ୍ଠିର ଶବର, ପୁରନ୍ଦର ରାଉତ, ବଂଶୀଧର ଧରୁଆ, କଷ୍ଟ ରାଏ, ଭୀଷ୍ମ ଦେବ ମଲ୍ଲିକ, ସନୁ ବରିହା, ଘନ ଭୁଏ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ହୃଷିକେଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ୮୮ ପ୍ରତିଶତକୁ ପହଁଚିଲା

ମୁଖୀଗୁଡା, ୦୫/୧୦ (ନି.ପ୍ର): ଆଜି ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ୬୪୦.୬୭ ମିଟରକୁ ପହଂଚିବା ସହ ଜଳ ସଂରକ୍ଷଣ ୮୮.୦୪ ପ୍ରତିଶତକୁ ପହଂଚିଛି । ଏହି ଜଳଭଣ୍ଡାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୪୨ ମିଟର ରହିଥିବା ବେଳେ ଗୁରୁବାର ଠାରୁ ଥୁଆମୁଳ ରାମପୁର ବ୍ଲକରେ ୩୦୦ ମି.ମି.ରୁ ଅଧିକ ବର୍ଷା ଯୋଗୁଁ ଆଜି ସକାଳ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୪୦.୬୭ ମିଟର ଅର୍ଥାତ ୧,୩୦୭୮୧ ହେକ୍ଟୋ ମିଟର ସହିତ ୮୮.୦୪ ପ୍ରତିଶତରେ ପହଂଚିଛି । ଗତ ବର୍ଷ ଆଜିର ଦିନରେ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ୬୩୭.୦୪ ମିଟର ରହିଥିଲା, ଯାହା ୬୩ ପ୍ରତିଶତ ରହିଥିଲା । ହାତୀ ବ୍ୟାରେଜର ଜଳ ସ୍ତର ୨୬୨.୨୦ ମିଟର ରହିଛି । ହାତୀ ବ୍ୟାରେଜର ଦୁଇଟି ଗେଟ ଖୋଲାଯାଇ ୧୬୩.୩୫ କ୍ୟୁମେକ୍ସ ଜଳ ହାତୀ ନଦୀକୁ ଛଡାଯାଉଛି ।

# ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ଓ ଯାତ୍ରୀ ପ୍ରତୀକ୍ଷାଳୟ ଦାବି ତେଜିଲା

ଧର୍ମଶାଳା, ୦୫/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ସନ୍ନିକଟ ବ୍ରାହ୍ମଣୀ ନଦୀ କୂଳରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ ଓ ଜାରକା ଫ୍ଲାଇଓଭର ବ୍ରିଜର ଉଭୟ ପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ପାଇଁ ଅର୍ଥମଞ୍ଜୁର ହୋଇଥିଲେ ମଧ ଏହାର ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବାରୁ ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଦୁଇଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧାପକ ବଳଭଦ୍ର ଦାଶ ଏବଂ କନିଷ୍ଠପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଯଥାଶିଘ୍ର ଉକ୍ତ ଦୁଇଗୋଟି କାର୍ଯ୍ୟକୁ ଆରମ୍ଭ କରିବାକୁ ସ୍ୱର୍ଗତ ଲାବଣ୍ୟଙ୍କ ଦୁଇପୁତ୍ର ଶୁକ୍ରବାର ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଅନୁରୋଧ କରିଥିବା ଜଣାପଡିଛି । ସ୍ୱର୍ଗତ ଲାବଣ୍ୟ ୨୦୨୧ରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ପାଇଁ ଯାଜପୁରର ତତ୍‌କାଳୀନ ଜିଲ୍ଲାପାଳ ଚକ୍ରବର୍ତୀ ସିଂ ରାଠୋରଙ୍କ ନିକଟରେ ଦାବି କରିଥିଲେ । ଧର୍ମଶାଳା ତହସିଲଦାର ଏଥିପାଇଁ ଅଢେଇ ଏକର ଜମି ଯୋଗାଇ ଦେଇଛନ୍ତି । ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ୧୦ ଲକ୍ଷଟଙ୍କା ଓ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ସେହିପରି ଜାରକା ବସ୍‌ଷ୍ଟପ ଠାରେ ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ଖରା ବର୍ଷା ଶୀତ କାକରରେ ଠିଆହୋଇ ବସ୍‌କୁ ଅପେକ୍ଷା କରି ରହୁଥିବାରୁ ବସ୍‌ଯାତ୍ରୀମାନଙ୍କ ନିମନ୍ତେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ସ୍ୱର୍ଗତ ଲାବଣ୍ୟ ୨୦୨୩ ରେ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଥିଲେ । ତଦନୁଯାୟୀ ତତ୍‌କାଳୀନ ଜିଲ୍ଲାପାଳ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଜାତୀୟ ରାଜପଥ କର୍ତୃପକ୍ଷ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି । ମାତ୍ର ଜମି ଅଧିଗ୍ରହଣ ହୋଇ ପାରିନଥିବାରୁ ଏହି ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ । ତେବେ ତିରନ୍ତ ସ୍ୱର୍ଗଦ୍ୱାର ନିର୍ମାଣ କରିବା ସହିତ ଜାରକା ଛକରେ ଯାତ୍ରୀ ପ୍ରତିକ୍ଷାଳୟ ପାଇଁ ଜମି ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି ।

# ଉଦ୍‌ଯାପିତ ହେଲା ଲଙ୍କେଶ୍ୱରୀ ମହାଆଳତୀ ସନ୍ଧ୍ୟା

ସୁବର୍ଣ୍ଣପୁର, ୦୫/୧୦ (ନି.ପ୍ର): ମହାଳୟା ଠାରୁ ଆରମ୍ଭ ହୋଇଥିବା ମା ଲଙ୍କେଶ୍ୱରୀଙ୍କ ଦଶହରା ମହା ଆଳତୀର ଦଶହରା ସନ୍ଧ୍ୟାରେ ଶେଷ ହୋଇଯାଇଛି । ଶାରଦୀୟ ନବରାତ୍ରୀ ଉପଲକ୍ଷେ ମହାନଦୀ ଗର୍ଭରେ ଥିବା ମା ଲଙ୍କେଶ୍ୱରୀ ଉଦ୍ଦେଶ୍ୟରେ ଏହି ମହା ଆଳତୀ ୬ ବର୍ଷ ହେବ ମା ଲଙ୍କେଶ୍ୱରୀ ମହା ଆଳତୀ କମିଟି ପକ୍ଷରୁ ଧୁମଧାମ ରେ ପାଳିତ ହୋଇ ଆସୁଛି । ସଂସାର ର ତଥା ସୁବର୍ଣ୍ଣପୁର ବାସୀଙ୍କ ମଙ୍ଗଳ କାମନା ପାଇଁ ଏବଂ ମହାନଦୀର ସୁରକ୍ଷା ତଥା ସ୍ୱଚ୍ଛତା ଉଦ୍ଦେଶ୍ୟରେ ଏହି ମହା ଆଳତୀ ଆୟୋଜନ କରାଯାଉଥିବା କମିଟି ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ ତଥା ସାମ୍ବାଦିକଙ୍କୁ ଅତିଥି ଭାବରେ ନିମନ୍ତ୍ରିତ କରାଯାଇଥିବା ବେଳେ ସ୍ଥାନୀୟ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବା ବେଳେ କମିଟି ପକ୍ଷରୁ ପ୍ରତ୍ୟେକ ଦିନ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି । ଆସନ୍ତୁ ଜାଣିବା ମା ଲଙ୍କେଶ୍ୱରୀଙ୍କ ବିଷୟରେ କିଛି କଥା । ଦେବୀ କାହିଁ ଆବାହମାନ କାଳରୁ ସୋମବଂଶୀ ଶାସନ କାଳରେ ୧୦୪୦ ଖ୍ରୀଷ୍ଟାବ୍ଦରୁ ପୂଜା ପାଇ ଆସୁଛନ୍ତି କ୍ଷ ଯେଉଁ ଶିଳା ରେ ଦେବୀ ପୂଜା ପାଉଛନ୍ତି ଏକ ଶିଳା ଲେଖ, ସାତବହନି ଚିତ୍ର, ବିଷ୍ଣୁପାଦ, ଚକ୍ର ଚିହ୍ନ ଉତ୍କିର୍ଣ୍ଣ ହୋଇଥିବା ଦେଖାଯାଏ । କଥାରେ ଅଛି ପୂଜକ ଦିନେ ପ୍ରସାଦ ଅର୍ପଣ କରି ସାରି କଳସି ଗଡୁ ଛାଡ଼ି ଆସିବାରୁ ନେବା ପାଇଁ ପୁଣି ଫେରିବାରୁ ପୀଠରେ ସାତ ଭଉଣୀ ପ୍ରସାଦ ସେବନ କରୁଥିଲେ ନଜିର ଅଛି । ପରେ କୈବର୍ତ ସମାଜର ଉଦ୍ୟମ କ୍ରମେ ନଦୀ ଗର୍ଭରେ ଏକ ସୁନ୍ଦର ମନ୍ଦିର ନିର୍ମାଣ ସହ ମା ଙ୍କ ମୁଗୁନି ପଥରରେ ନିର୍ମିତ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି । ମନ୍ଦିର ନିର୍ମାଣ ପରେ ପୀଠର ପ୍ରଚାର ପ୍ରସାର ହେବା ସହ ପର୍ଯ୍ୟଟକଙ୍କ ଏବେ ସୁଅ ଛୁଟୁଛି । ମା' ଙ୍କ ପୀଠରେ ଚୈତ୍ର ମାସରେ ମା ଙ୍କ ଯାତ୍ରା ସହର ପରିକ୍ରମା କରିଥାଏ । ବନ୍ୟା ସମୟରେ ପୂର୍ଣ୍ଣ ଗର୍ଭା ନଦୀ ଯେତେବେଳେ ନଦୀ ପାଣି ଦେଖିଲେ ଡର ଲାଗେ ସେତେବେଳେ ନାଉରୀ ତଥା କୈବର୍ତ ମାନେ କେବଳ ମା' ଙ୍କ ସାହା ଭରସାରେ ହିଁ ସଫଳତାର ସହ ନଦୀ ପାରି କରୁଥିବା କଥା ଲୋକ ବିଶ୍ୱାସ କରିଥାନ୍ତି ।

# ଫୁଲବାଣୀରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ପାଳିତ : ସମ୍ବର୍ଦ୍ଧିତ ହେଲେ, ଶିବିର ଆୟୋଜକ

କନ୍ଧମାଳ, ୦୫/୧୦ (ନି.ପ୍ର): ଫୁଲବାଣୀରେ ପାଳିତ ହୋଇଯାଇଛି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ। ଏହି ଅବସରରେ ରକ୍ତଦାନ ଶିବିର ଆୟୋଜନ ଓ ରକ୍ତ ସଂଗ୍ରହ ପାଇଁ ଫୁଲବାଣୀ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ଭାରତୀୟ ଜନତା ପାର୍ଟି ଓ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ଗଦାଧର ପାତ୍ର ଯୋଗଦେଇ ଜିଲ୍ଲାରେ ରକ୍ତଦାନ ଶିବିର ସଂଖ୍ୟାକୁ ବୃଦ୍ଧି କରିବା ଏବଂ ଗ୍ରାମାଂଚଳରେ ଯୁବ ପିଢ଼ିଙ୍କୁ ରକ୍ତଦାନ ଦିଗରେ ପ୍ରୋତ୍ସାହିତ କରିବା ପାଇଁ ସରକାରୀ ସ୍ତରରେ ଗୀତିକାର ନାଟ୍ୟ, ପଥପ୍ରାନ୍ତ ନାଟକ ଓ ସାମାଜିକ ଗଣମାଧ୍ୟମର ସହାୟତା ନେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଭାରତୀୟ ଜନତା ପାର୍ଟିର ସଭାପତି ଶ୍ରୀ ପଣ୍ଡିତ ବିଶିମାଝି ଓ ବରିଷ୍ଠ ନେତା ତଥା ଆଇନଜିବୀ ଶ୍ରୀ ରମେଶଚନ୍ଦ୍ର ମହାନ୍ତି ଯୋଗଦେଇ କନ୍ଧମାଳ ଜିଲ୍ଲାର ଗ୍ରାମାଂଚଳରେ ରକ୍ତଦାନର ସଚେତନତା କାର୍ଯ୍ୟକ୍ରମ କରିବା ସହିତ ଦଳ ପକ୍ଷରୁ ଅଧିକରୁ ଅଧିକ ରକ୍ତଦାନ ଶିବିର ଆୟୋଜନ କରାଯାଇ ଅଧିକରୁ ଅଧିକ ରକ୍ତ ସଂଗ୍ରହ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଫୁଲବାଣୀ ର ବିଶିଷ୍ଟ ରକ୍ତଦାତା ତଥା ସମାଜସେବୀ ପ୍ରଶାନ୍ତ କୁମାର ବେହେରା ଫୁଲବାଣୀ ରକ୍ତଭଣ୍ଡାରର ଆରମ୍ଭ ଠାରୁ ଏ ଯାବତ୍ ରକ୍ତ ଦାତା ତଥା ଶିବିର ଆୟୋଜକ ତଥା ଦୁଇ ଶହରୁ ଅଧିକ ଥର ରକ୍ତଦାନ କରିଥିବା ଶ୍ରୀ ଜଟେଶ୍ୱର ଦାସଙ୍କ ସମେତ ସ୍ୱର୍ଗତ, ଫଂଚାନନ ସାହୁ, ସୟଦ ରସିଦ୍ ଓ ଇପାରୀ ଆଦି ନାରାୟଣ, ସମରେନ୍ଦ୍ର ପଟ୍ଟନାୟକଙ୍କ ରକ୍ତଦାନ କ୍ଷେତ୍ରରେ ଥିବା ଅବଦାନ ବାବଦରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏଥିସହ ଦେହାନ୍ତ ହୋଇଥିବା ରକ୍ତଦାତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆଗକୁ କିପରି ଜିଲ୍ଲା ରେ ଅଧିକରୁ ଅଧିକ ରକ୍ତ ସଂଗ୍ରହ ହୋଇପାରିବ ସେହି ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ସହ ନୂତନ ଓ ଯୁବ ରକ୍ତଦାତାଙ୍କୁ ଏହି ଦିଗରେ ପ୍ରେରଣା ଯୋଗାଇବା ଆବଶ୍ୟକ ବୋଲି ପ୍ରଶାନ୍ତ କୁମାର ବେହେରା। ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ. ଜୟଦୀପ ଘୋଷ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଫୁଲବଣୀ ଟିମ୍ ହ୍ୟୁମାନିଟି କନ୍ଧମାଳର ର ଆବାହକ ଭି. ଲୋକନାଥ ରାଜୁ, ଫୁଲବାଣୀ ଆଇଟିଆଇ ର ପ୍ରଶିକ୍ଷଣ ଅଧିକାରୀ ଡଃ ନୃସିଂହାନନ୍ଦ ମହାପାତ୍ର ଓ ପ୍ରଶାନ୍ତ କୁମାର ମିଶ୍ର ଏବଂ ଅନ୍ୟ ରକ୍ତଦାତା ଓ ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ।

# ପାଠପଢ଼ାରେ ଡ଼ୋରି ବାନ୍ଧିଲେ ବାପଛେଉଣ୍ଡ କନ୍ୟା 'ବେଙ୍ଗି'

ଉଦଳା , ୦୫/୧୦ (ନି.ପ୍ର): ଚାହୁଁ ଚାହୁଁ ଇତି ମଧ୍ୟରେ ୫ବର୍ଷ ସମୟ ଅତିକ୍ରାନ୍ତ ହୋଇଗଲାଣି । ଅଧାରୁ ପାଠପଢ଼ା ଛାଡୁଥିବା ଓ ଆଦୌ ବିଦ୍ୟାଳୟର ମାଟି ମାଡ଼ି ନଥିବା ପିଲା କପ୍ତିପଦା ଉପଖଣ୍ଡ ମଧ୍ୟରେ ଯେଉଁଭଳି ଦେଖିବାକୁ ମିଳୁଥିଲେ ଆଜିବି ଠିକ୍ ସେହିଭଳି ଦେଖିବାକୁ ମିଳୁଛନ୍ତି । ଏଥିପାଇଁ ଶିକ୍ଷା ବିଭାଗର ଅଣଦେଖା ସାଙ୍ଗକୁ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପର ନିରବତା ହିଁ ମୂଳକାରଣ ବୋଲି ସମସ୍ତେ ବେଶ ଭଲଭାବରେ ଅନୁଭବ କରୁଛନ୍ତି । ଏଠାରେ ମୋଟା ଅଙ୍କରେ ଦରମା ନେଇ ନିଯୁକ୍ତି ପାଇଥିବା ସରକାରି ବାବୁ ମାନେ 'ନିଜେ ବଂଚିଲେ ବାପର ନାଁ' ନିତି ଧରି ଚାଲିଛନ୍ତି । ଫଳରେ ଏ ଅଂଚଳରେ ବସବାସ କରୁଥିବା ଗରିବ ଆଦିବାସି ଲୋକେ ଖୁବ୍ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବାକୁ ବାଧ୍ୟ ହେଉଛନ୍ତି । କପ୍ତିପଦା ବ୍ଲକର ବଡ଼ଖଲାଡ଼ି ପଂଚାୟତ ଅନ୍ତର୍ଗତ ଚତୁରି ଘାଟି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଠୁମ୍ପୁ ସୋରେନଙ୍କର ୧୩ବର୍ଷ ବୟସର କନ୍ୟା 'ବେଙ୍ଗି' ଆଜକୁ ଦୁଇବର୍ଷ ହେବ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ୍ୟ ହୋଇଛନ୍ତି । ଖବର ନେବାରୁ ଜଣାଯାଇଛି 'ବେଙ୍ଗି' ଗ୍ରାମ ନିକଟରେ ଥିବା ଫୁଲବାଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅଷ୍ଟମଶ୍ରେଣୀ ପାସ କରିଛନ୍ତି । ନବମ ଶ୍ରେଣୀରେ ନାମ ଲେଖାଇବାକୁ ହେଲେ ପାଖରେ ବିଦ୍ୟାଳୟ ନଥିବାରୁ ବହୁଦୁର ଯିବାକୁ ପଡୁଛି । ସେହିପରି ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ୍ୟ ହୋଇଥିବାର ଜଣାଇଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ବେଙ୍ଗି'ଙ୍କ ପରି ଏବେ ମଧ୍ୟ ବହୁସଂଖ୍ୟାରେ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି । ବିଭାଗୀୟ କତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନେ ଦାବି ଜଣାଇଛନ୍ତି । ଏହି ବୟସର ପିଲାଙ୍କୁ ପାଠ ସହିତ ବାନ୍ଧି ରଖାନଯିବା ଫଳରେ ଏ ଅଂଚଳରେ ବାଲ୍ୟ ବିବାହ ଖୁବ୍ ଦୃତଗତିରେ ବଢ଼ି ବଢ଼ି ଚାଲିଥିବାର ଜଣାଯାଇଛି ।

# ବିଦ୍ୟୁତ ଚୋରି ଏକ ଦଣ୍ଡନୀୟ ଅପରାଧ : ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଟିପିଡବ୍ଲ୍ୟୁଓଡିଏଲ୍

ବଲାଙ୍ଗୀର, ୦୫/୧୦ (ନି.ପ୍ର): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ(ଟିପିଡବ୍ଲୁଓଡିଏଲ୍) ପୁଣି ଥରେ ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣ ଅବଗତ ନିମନ୍ତେ ପ୍ରକାଶ କରୁଛି ଯେ, ଯେକୌଣସି ପ୍ରକାରର ବିଦ୍ୟୁତ ଚୋରି ବିଦ୍ୟୁତ ଆଇନ, ୨୦୦୩ର ଧାରା ୧୩୫ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ। ତେଣୁ ବିଦ୍ୟୁତ୍ ଚୋରି ବିରୋଧରେ କମ୍ପାନୀ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଉଅଛି। ନିକଟରେ ଏହିପରି କିଛି ଘଟଣା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଟିପିଡବ୍ଲୁଓଡିଏଲ ର ଟିଟଲାଗଡ଼ ବିଦ୍ୟୁତ୍ ବିଭାଗ ଅଧିନରେ ଘଟିଅଛି, ଯାହାକୁ ନେଇ କମ୍ପାନୀ ପକ୍ଷରୁ ନିକଟସ୍ଥ ପୋଲିସ୍ ଷ୍ଟେସନରେ ମଧ ମାମଲା ରୁଜୁ କରାଯାଇଅଛି।

ପ୍ରାପ୍ତ ସୂଚନା ଅନୁଯାଇ, ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ମୁରିବାହାଲ ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ଶ୍ରୀମତୀ ସୁଭାଶିନୀ ମହାରଣା(ଗ୍ରାହକ କ୍ରମିକ ୯୧୨୨୧୩୦୧୦୩୩୦) ବିଦ୍ୟୁତ୍ ବିଲ୍ ବକେୟା ରଖିଥିବାରୁ କମ୍ପାନୀ ତରଫରୁ ତାଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ୱେ(ନୋଟିସ୍) ବିଦ୍ୟୁତ୍ ବିଲ୍ ପୈଠ ନ କରିବାରୁ ଆଇନ ଅନୁଯାଇ ଗତ ତା. ୦୨.୦୧.୨୦୨୫ ଦିନ ତାଙ୍କ ଘରର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ବିଶେଷ ସୁତ୍ରରୁ ଖବର ପାଇ ଟିପିଡବ୍ଲୁଓଡିଏଲର ଏନଫୋର୍ସମେଂଟ ଦଳ ଗତ ତା. ୧୨.୦୯. ୨୦୨୫ ଦିନ ଶ୍ରୀମତୀ ମହାରଣଙ୍କ ଘର ଯାଂଚ କରିବା ପରେ ଅନୈତିକ ଉପାୟରେ ସେ ବିଦ୍ୟୁତ୍ ଚୋରି କରୁଥିବା ଧରା ପଡ଼ିଥିଲେ। ଏନେଇ ବିଦ୍ୟୁତ୍ ଉପଭୋକ୍ତା ଶ୍ରୀମତୀ ମହାରଣାଙ୍କୁ କମ୍ପାନୀ ତରଫରୁ ବିଦ୍ୟୁତ୍ ଚୋରି ଅଭିଯୋଗରେ ଫାଇନ କରାଯିବା ସହିତ ଏହି ସବୁ ଅନୈତିକ କାର୍ଯ୍ୟରେ ଶ୍ରୀମତୀ ସୁଭାଶିନୀ ମହାରଣଙ୍କ ପୁଅ ରାମଚନ୍ଦ୍ର ମହାରାଣାଙ୍କ ସମ୍ପୃକ୍ତି ଥିବା ଜାଣି କମ୍ପାନୀ ତରଫରୁ ଗତ ତା. ୧୬.୦୯.୨୦୨୫ ଦିନ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ମୁରିବାହାଲ ପୋଲିସ ଷ୍ଟେସନରେ ଏକ ମାମଲା (କେସ୍ ନମ୍ବର ୧୯୫/୨୦୨୫) ରୁଜୁ କରାଯାଇଅଛି ଏବଂ ପୋଲିସ ତରଫରୁ ଉକ୍ତମାମଲାର ତଦନ୍ତ ଚାଲିଛି।

ସେହିପରି ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ମୁରିବାହାଲ ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ଶ୍ରୀ ଅରୁଣ ବାଗ (ଗ୍ରାହକ କ୍ରମିକ ୯୧୨୧୨୪୦୧୦୫୩୬) ବିଦ୍ୟୁତ୍ ବିଲ୍ ବକେୟା ରଖିଥିବାରୁ କମ୍ପାନୀ ତରଫରୁ ତାଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ୱେ (ନୋଟିସ୍) ବିଦ୍ୟୁତ୍ ବିଲ୍ ପୈଠ ନ କରିବାରୁ ଆଇନ ଅନୁଯାଇ ଗତ ୨୬.୦୬.୨୦୨୪ ଦିନ ତାଙ୍କ ଘରର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ବିଶେଷ ସୁତ୍ରରୁ ଖବର ପାଇ ଟିପିଡବ୍ଲୁଓଡିଏଲର ଏନଫୋର୍ସମେଣ୍ଟ ଦଳ ଗତ ତା. ୧୩.୦୯.୨୦୨୫ ଦିନ ଶ୍ରୀ ବାଗଙ୍କ ଘର ଯାଞ୍ଚ କରିବା ପରେ ଅନୈତିକ ଉପାୟରେ ସେ ବିଦ୍ୟୁତ୍ ଚୋରି କରୁଥିବାର ଧରା ପଡ଼ିଥିଲେ । ଏନେଇ ବିଦ୍ୟୁତ୍ ଉପଭୋକ୍ତା ଶ୍ରୀ ବାଗଙ୍କୁ କମ୍ପାନୀ ତରଫରୁ ବିଦ୍ୟୁତ୍ ଚୋରି ଅଭିଯୋଗରେ ଫାଇନ କରାଯିବା ସହିତ ଏହି ସବୁ ଅନୈତିକ କାର୍ଯ୍ୟରେ ଶ୍ରୀ ବାଗଙ୍କ ପୁଅ ଶ୍ରୀ ଧବଳେଶ୍ୱର ବାଗଙ୍କ ସମ୍ପୃକ୍ତି ଥିବା ଜାଣି କମ୍ପାନୀ ତରଫରୁ ଗତ ତା. ୧୬.୦୯.୨୦୨୫ ଦିନ ବିଦ୍ୟୁତ ଆଇନ, ୨୦୦୩ର ଧାରା ୧୩୫ ଅନୁଯାୟୀ ସିନ୍ଧେକେଲା ପୋଲିସ ଷ୍ଟେସନରେ (କେସ୍ ନମ୍ବର ୨୩୭/୨୦୨୫) ଏକ ପୋଲିସ ମାମଲା ରୁଜୁ କରାଯାଇଛି।

ଉଲ୍ଲେଖଥାଉ କି, ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସମସ୍ତ ଗ୍ରାହକ ତଥା ଜନସାଧାରଣଙ୍କୁ ପୁଣିଥରେ ଅନୁରୋଧ କରାଯାଉଅଛି ଯେ, ବିଦ୍ୟୁତ୍ ଚୋରି କେବଳ ଯେ ଏକ ଅନୈତିକ କାର୍ଯ୍ୟ ନୁହେଁ ବରଂ ଏହା ଆଇନ ଅନୁଯାଇ ଏକ ଦଣ୍ଡନୀୟ ଅପରାଧ। ଏହା ମଧ ଏକ ଅମାନବିକ କାର୍ଯ୍ୟ ଅଟେ। ଯଦି ଜନସାଧାରଣ କୌଣସି ସ୍ଥାନ, ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ ଏହି ଅମାନବିକ କାର୍ଯ୍ୟ ପାଇଁ କମ୍ପାନୀକୁ ସୂଚନା ଦେବାକୁ ଚାହାଁନ୍ତି, ତେବେ ସେମାନେ ୮୦୯୩୦୬୧୧୭୯ ହେଲ୍ପଲାଇନ୍ ନମ୍ବରରେ ଯୋଗଯୋଗ କରିପାରିବେ । ସେମାନଙ୍କ ପରିଚୟ ଗୁପ୍ତ ରଖାଯିବ ବୋଲି କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା ଜଣାଇଛନ୍ତି।

## ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

ଜୟପୁର, ୦୫/୧୦ (ନି.ପ୍ର): ରୋଟାରୀ କ୍ଲବ ଜୟପୁର ପ୍ରାଇଡ ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ଗୋପାଳ ସେବା ସମିତି ଓ ରୋଟାରୀ କ୍ଲବ ଜୟପୁର ପ୍ରାଇଡ ପକ୍ଷରୁ କୁନ୍ଦାରିଗୁଡା ଗୋଶାଳା ଠାରେ ଏସଡିଭିଓ ତଥା ଜିଲ୍ଲା ପ୍ରାଣୀ ମଙ୍ଗଳ ଅଧିକାରୀ ବିଶ୍ୱଜିତ ରାୟଙ୍କ ଉପସ୍ଥିତିରେ ଗୋସେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କର୍ମକର୍ତା ମାନେ ଗୋଶାଳାରେ ଥିବା ସମସ୍ତ ଗୋ ମାତାଙ୍କୁ ଘାସ, କଦଳୀ ଖାଦ୍ୟ ଦେଇ ପୂଜା କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ରବି ନନ୍ଦ, ପ୍ରତିଷ୍ଠାତା ସଭାପତି ପ୍ରକାଶ ନୟକ ତଥା ଅନ୍ୟାନ୍ୟ ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ। ଗୋଶାଳାର ସଭାପତି ରାମନାଥ ସହୁ, ସମ୍ପାଦକ ନରେଶ ମହାଙ୍କୁଡ, କୋଷାଧ୍ୟକ୍ଷ ଓ ଅନ୍ୟାନ୍ୟ ସଭ୍ୟବୃନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗୁରୁଗ୍ରାମରେ ପ୍ରବାସୀ ଓଡିଆଙ୍କ ପକ୍ଷରୁ ଦୁର୍ଗାପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଖଇରା, ୦୫/୧୦ (ନି.ପ୍ର): ଦିଲ୍ଲୀ ନିକଟବର୍ତ୍ତୀ ଗୁରୁଗ୍ରାମ ୪ନମ୍ବର ସେକ୍ଟରସ୍ଥିତ କମ୍ୟୁନିଟି ସେଣ୍ଟର ଠାରେ ପବିତ୍ର ଦୁର୍ଗାପୂଜା ପାଳନ ଅବସରରେ ପ୍ରବାସୀ ଓଡିଆଙ୍କ ଦ୍ୱାରା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କଳିଙ୍ଗ କଲଚୁରାଲ ଏଣ୍ଡ ୱେଲଫେୟାର ଆସୋସିଏନ ଆନୁକୂଲ୍ୟରେ ଆୟୋଜିତ ଏହି ଷୋଡଶ ବାର୍ଷିକ ପୂଜାରେ ପଣ୍ଡିତ ରୁଦ୍ର ନାରାୟଣ ପଣ୍ଡା ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମାଙ୍କର ପୂଜା,ଚଣ୍ଡିପାଠ ସାଙ୍ଗକୁ ହୋମ ଯଜ୍ଞାଦି ମାଙ୍ଗଳିକ କାର୍ଯ୍ୟକ୍ରମ ସମ୍ପର୍ଣ ହୋଇଥିଲା । ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶାର ଉଦୀୟମାନ ତାରକା ବିଶିଷ୍ଟ ଗାୟକ ପ୍ରଭୁପାଦ ମହାନ୍ତି,ଗାୟିକା ପାୟଲ ମହାନ୍ତି ଙ୍କ ହୃଦୟସ୍ପର୍ଶୀ ସଙ୍ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଆକାଶ ମହାନ୍ତି ଓ ସରଗମ ଖିଲାର ମଞ୍ଚ କାର୍ଯ୍ୟକ୍ରମର ସଞ୍ଚାଳନା ଓ ସଂଯୋଜନା କରିଥିଲେ । ଗୁରୁଗ୍ରାମ ବିଧାୟକ ମୁକେଶ ଶର୍ମା,ଡିପି ଗୋୟଲ, ବିଚାରପତି ବିରେନ୍ଦ୍ର ସିଂ, ଆଇନଜୀବୀ କୁମୁଦ ଗୁଗନାନୀ, ଡ ରବି ରଞ୍ଜନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ପୂଜା କମିଟି ର ଉପଦେଷ୍ଟା ହରେକୃଷ୍ଣ ମହାନ୍ତି, ଆଇନଜୀବୀ ମୋନାଲିସା ମହାପାତ୍ର, ସୁଶାନ୍ତ କର, ମୁରଲୀଧର ସାହୁ,ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରା,ସମ୍ପାଦକ ଭୀମସେନ ସେଠୀ,ଉପସଭାପତି ରଞ୍ଜନ ସାହୁ,ସଙ୍ଗଠନ ସଚୀବ କୃଷ୍ଣ ସ୍ୱାଇଁ,କୋଷାଧକ୍ଷ ବିନାୟକ ନାୟକ, ପ୍ରଦ୍ୟୁମ୍ନ ରଥ,ମାନସ ସାହୁ, ସତ୍ୟବ୍ରତ ନାୟକ,ରାଜେନ୍ଦ୍ର ସାହୁ, ଅଶୋକ ସାହୁ,ଚରଣ ଜେନା, ସଂଗ୍ରାମ ଦାସ,ମଳୟ ରଞ୍ଜନ, ସୋମାଲୀନ ଦାଶ, ଦେବଦତ୍ତ ବକ୍ସି, ସଂଗ୍ରାମ ସାହୁ, ସଞ୍ଜୟ ସାହୁ, ସତ୍ୟରଞ୍ଜନ ସାହୁ ଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପୂଜାକୁ ସରସ ସୁନ୍ଦର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

# ମାଥିଲି ଲ୍ୟାମ୍ପସ ଦୁର୍ନୀତି ଉପରୁ ଧୀରେ ଧୀରେ ପରଦା ଉଠୁଛି

ମାଲକାନଗିରି, ୦୫/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ଲ୍ୟାମ୍ପସ ଦୁର୍ନୀତି ଉପରୁ ଧୀରେ ଧୀରେ ପରଦା ଉଠାଉଛି ସମବାୟ ବିଭାଗ । ତଦନ୍ତ ରିପୋର୍ଟ ପରିଚାଳନା କମିଟି ସଦସ୍ୟ ଓ କର୍ମଚାରୀଙ୍କ ଦୁର୍ନୀତିର ପୂରା ମୁଖା ଖୋଲିଦେଇଛି । ମାଲକାନଗିରି ଜିଲ୍ଲା ମାଥିଲି ଲ୍ୟାମ୍ପସ ଦୁର୍ନୀତି ଉପରୁ ଧୀରେ ଧୀରେ ପରଦା ଉଠୁଛି । ମାଲକାନଗିରି ସମବାୟ ବିଭାଗର ତଦନ୍ତ ରିପୋର୍ଟ ପରିଚାଳନା କମିଟି ସଦସ୍ୟ ଏବଂ କର୍ମଚାରୀଙ୍କ ଦୁର୍ନୀତିର ପର୍ଦ୍ଦାଫାସ କରିଛି । ସନ୍ତୋଷୀ ପରିଡ଼ା (ଲ୍ୟାମ୍ପସ୍ ଏମ୍ ଡି), ଜୀବନ ସାହୁ (ଲ୍ୟାମ୍ପସ୍ ନିର୍ଦ୍ଦେଶକ), ମୁନିବତୀ ବୁଡୁବାଡ଼େ (ଲ୍ୟାମ୍ପସ ପରିଷଦ ସଭାପତି), ଉଦୟ ମାଦ୍ରୀ (ନିର୍ଦ୍ଦେଶକ), ଡମ୍ବୁଣି ପୂଜାରୀ (ଲ୍ୟାମ୍ପସ ଉପସଭାପତି), ହଳଧର ପୂଜାରୀ (ନିର୍ଦ୍ଦେଶକ) । ଏମାନେ ସମସ୍ତେ ଲ୍ୟାମ୍ପସରେ ପରିବାରବାଦ ଚଳାଇଥିବା କର୍ମଚାରୀ । ସମବାୟ ନିୟମକୁ ଫୁ' କରି ଚାଷୀଙ୍କ ଋଣ ଟଙ୍କାକୁ ନେଇ ଚଲାଇଥିଲେ ମନମାନି । ଖାଲି ଋଣ ନୁହେଁ ଏମିତି ଅନେକ ଦୁର୍ନୀତି ତଦନ୍ତ ରିପୋର୍ଟରୁ ବାବୁମାନଙ୍କ କାରନାମା ଧରା ପଡ଼ିଛି । ଏସବୁ ଦୁର୍ନୀତିର ତଦନ୍ତ କରି ଉଭୟ କର୍ମଚାରୀ ଏବଂ ପରିଷଦର ନିର୍ଦ୍ଦେଶକଙ୍କୁ କୈଫିୟତ ମାଗିଛି ସମବାୟ ବିଭାଗ । ଅନ୍ନଦାତାଙ୍କ ପେଟକୁ ଲାତ ମାରି ଲ୍ୟାମ୍ପସ ମାଧ୍ୟମରେ କୋଟିକୋଟି ଉପାର୍ଜନର ମାଧ୍ୟମ ପାଲଟିଛି । ଆଗାମୀ ଦିନରେ ବିଭାଗର ତଦନ୍ତ ରିପୋର୍ଟ ଏବଂ କାର୍ଯ୍ୟାନୁଷ୍ଠାନ ଉପରେ ସମସ୍ତଙ୍କ ନଜର ରହିଛି ।

## ଶିରିଡି ସାଇ ସଂଗଠନ ପକ୍ଷରୁ ପାଲିଙ୍କି ଶୋଭାଯାତ୍ରା

କେନ୍ଦ୍ରାପଡ଼ା, ୦୫/୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର କଜଳା ଠାରେ ଥିବା ଶିରିଡି ସାଇ ସଂଗଠନ ପକ୍ଷରୁ ଏକ ବର୍ଣ୍ଣାଢ୍ୟ ପାଲିଙ୍କି ଶୋଭାଯାତ୍ରା କଜଳାରୁ ବାହାରି ସହର ପରିକ୍ରମା କରିଥିଲା । ଏଥିରେ ବହୁ ସଂଖ୍ୟକ ସାଇ ଭକ୍ତ ସଂକୀର୍ତନ ସହ ଅଂଶଗ୍ରହଣ କରି ଶୋଭାଯାତ୍ରାକୁ ପରିଚାଳନା କରିଥିଲେ । ଏଥିସହ ସାଇ ବାବାଙ୍କ ସଂପର୍କିତ ପ୍ରଚାରପତ୍ର ବଂଟନ କରାଯିବା ସହ ସାଇ ବାଣୀ ପ୍ରସାରଣ କରା ଯାଇଥିଲା । ସାଇ ସଂଗଠନ ର ପ୍ରାରମ୍ପରିକ ବେସ ପୋଷାକ ପରିହିତ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରା ରେ ଅଂଶ ଗ୍ରହଣ କରି ନଗର ପରିକ୍ରମା କରି ଶାନ୍ତିର ବାର୍ତା ପ୍ରଚାର କରିଥିଲେ ।

# କୁମାର ଉତ୍ସବ

## ନିଶୀଥେ ବରଦା ଲକ୍ଷ୍ମୀଃ କୋ ଜାଗର୍ତ୍ତୀ ଭାଷିନୀ...

**ଡ଼ଃ.ଅରୁନ୍ଧତୀ ଦେବୀ**



ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ । ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ୧୬ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି - ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି - ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ ।

ଓଡ଼ିଆ ଚିନ୍ତା ଚେତନାରେ କୁମାର ଉତ୍ସବ ବା କୁମାର ପୂର୍ଣ୍ଣିମା ଅନ୍ୟତମ । ଆଶ୍ୱିନ ମାସ ପୂର୍ଣ୍ଣିମୀ ତିଥିରେ ଏହି ପର୍ବଟି ପାଳିତ ହୁଏ । ଏହି ଦିନ ଜଗତ୍‌ମାତା ବା ଲକ୍ଷ୍ମୀ ଦେବୀଙ୍କ ପୂଜା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା କୁହାଯାଏ । ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଶ୍ରୀ ଲକ୍ଷ୍ମୀ । ଶାରଦୀୟ ପୂର୍ଣ୍ଣିମାରେ ଲକ୍ଷ୍ମୀ ଦେବୀଙ୍କର ଆରାଧାନା କରିବା ତ ସ୍ୱାଭାବିକ କଥା । ଶରତର ଶେଷ ସହିତ ହେମନ୍ତର ଆଗମନ । ଶସ୍ୟ ସବୁଜିମାରେ ପରିପୂର୍ଣ୍ଣ ଧରିତ୍ରୀ କେଉଁଠି କେମିତି ପାଚିଲା ଧାନକିଆରୀର ସୁନେଲୀ ଆଡ଼ମ୍ବର । ବର୍ଷାଋତୁତ ଧରାପୃଷ୍ଠରୁ ବିଦାୟ ନେଇ ସାରିଥାଏ ତେଣୁ ନିର୍ମଳ ଆକାଶ, ନଦୀ, ପୁଷ୍କରିଣୀର ଜଳରାଶି ଅନାବିଳ । ସତେଯେପରି ମାଆ ଧରିତ୍ରୀ ହସୁଛନ୍ତି । ଏହି ସମୟରେ ଗଜପୃଷ୍ଠରେ ଲକ୍ଷ୍ମୀ ଦେବୀଙ୍କର ହୁଏ ପଦାର୍ପଣ । ଭକ୍ତିପୂତ ହୃଦୟର ନିବେଦନ ଶୁଣି ମହାଲକ୍ଷ୍ମୀ ରାତ୍ରୀ ସମୟରେ ଭକ୍ତ ଗୃହରେ ଉପସ୍ଥିତ ହୋଇ କୁହନ୍ତି 'ନିଶୀଥେ ବରଦା ଲକ୍ଷ୍ମୀଃ କୋ ଜାଗର୍ତ୍ତୀ ଭାଷିନୀ, ତସ୍ମୈ ବିତଂ ପ୍ରୟଚ୍ଛାମିସ୍ମିଃ ଅକ୍ରୋଡ଼ାଂ କରୋତି ଯଃ' । ଯିଏ ରାତ୍ର ଉଜାଗର ରହି ପଶାଖେଳରେ ନିଯୁକ୍ତ ରହେ ତାହାକୁ ହିଁ ଲକ୍ଷ୍ମୀ ଦେବୀ ବରପ୍ରଦାନ କରନ୍ତି । ମୃତ୍ୟୁର କରାଳ କବଳରେ ନବଜାତକ ଅକସ୍ମାତ ପତିତ ହେବା କିମ୍ବା ପୌଷର ଶୁଷ୍କପତ୍ର ତୁଲ୍ୟ ବୃଦ୍ଧଗଣ ମୃତ୍ୟୁ ପ୍ରତୀକ୍ଷାରେ ଅତିଷ୍ଠ ହୋଇ ଉଠିବା - ଏତ ସଂସାରର ନିୟମ । ଏହାର ବ୍ୟଞ୍ଜନାତ୍ମକ ଅଭିବ୍ୟକ୍ତ ହେଉଛି ପଶାଖେଳ । ତେଣୁ କୁମାର ପୂର୍ଣ୍ଣମୀରେ ପଶାଖେଳର ପ୍ରଚଳନ - ଏଇ ସାଂସାରିକ ତତ୍ତ୍ୱର ଉପଲବ୍ଧି ପାଇଁ।

ମା'ଲକ୍ଷ୍ମୀଙ୍କର ନିର୍ଦ୍ଦେଶ, ଯେଉଁ ବ୍ୟକ୍ତି ଏ ଉଠାପଡ଼ା ଦୁନିଆରେ ନିଜ ପୁରୁଷାକାର ଦ୍ୱାରା ସ୍ଥିର ରହେ ସେହି କେବଳ ଜିତାପଟ ନିଏ । କାରଣ ଲକ୍ଷ୍ମୀଙ୍କର ଅନ୍ୟ ନାମ ଚଞ୍ଚଳା । ସେ କାହାକୁ ହସାନ୍ତି ତ କାହାକୁ କନ୍ଦାନ୍ତି । କାହା ମୁଣ୍ଡରେ ରାଜମୁକୁଟ ପିନ୍ଧାନ୍ତି ତ କାହାକୁ ଦାଣ୍ଡର ଭିକାରୀ କରନ୍ତି । ତେଣୁ ରୋଗ, ଶୋକ, ଅଭାବ, ଅନାଟନର ଅନ୍ଧକାର ରାତ୍ରିରେ ଯିଏ ଉଜାଗର ରହେ ଏବଂ ଅସ୍ଥିର ଓ କ୍ଲାନ୍ତ ହୁଏ ନାହିଁ ସେହି କେବଳ ଲକ୍ଷ୍ମୀଙ୍କର ବରପୁତ୍ର ହୁଏ । ତେଣୁ କୁମାର ପୂର୍ଣ୍ଣମୀରେ ଉଜାଗର ରହିବା ପ୍ରଥା ଓଡ଼ିଶାର ବହୁ ସ୍ଥଳରେ ପ୍ରଚଳନ ରହିଛି । କୁମାର ପୂର୍ଣ୍ଣମୀ ରାତ୍ରିରେ ଚୂଡ଼ା ଓ ନଡ଼ିଆରେ ଶ୍ରୀଲକ୍ଷ୍ମୀଙ୍କର ଅର୍ଚ୍ଚନା କରାଯାଏ । ଏହା ମଧ୍ୟ ପୁରାଣରେ ବର୍ଣ୍ଣିତ ଅଛି - 'ନାରିକେଳୈଶ୍ଚ ପିଟକୈଃ ପିତମ୍ ଦେବାନ୍ ସମର୍ଚ୍ଚୟେତ୍, ବନ୍ଧୁଂଶ୍ଚ ପ୍ରୀନୟେଦ୍ଭେନ ସ୍ୱୟଂ ତଦଶନୋ ଭବେତ୍' । ଚୂଡ଼ା ନଡ଼ିଆରେ ଲକ୍ଷ୍ମୀ ଦେବୀଙ୍କ ନୈବେଦ୍ୟ ପ୍ରସ୍ତୁତ କରିବାର ତାତ୍ପର୍ଯ୍ୟ ହେଉଛି - ଅନ୍ନହିଁ ଲକ୍ଷ୍ମୀଙ୍କର ରୂପମନ୍ତ ପ୍ରକାଶ । ସେହି ହେତୁରୁ ଧାନ ମଧ୍ୟ ଲକ୍ଷ୍ମୀ ନ୍ୟାୟରେ ପୂଜ୍ୟ । ଏହି ଦିନରେ ପୁଣି ଚନ୍ଦ୍ର ଓ କାର୍ତ୍ତିକଙ୍କର ପୂଜା କରାଯାଏ । ପ୍ରତ୍ୟେକ ଘରର କୁମାର କୁମାରୀ ମାନେ ନୂତନ ବସ୍ତ୍ର ପରିଧାନ କରନ୍ତି ଓ ସଂଧ୍ୟା ସମୟରେ ନବୋଦିତ୍ ଚନ୍ଦ୍ରଙ୍କର ଆରାଧନା କରନ୍ତି । କୁମାରୀମାନଙ୍କର ଏହା ଏକ ବଡ଼ ଉତ୍ସବ ଦିନ । ଏଥିପାଇଁ ମାସକ ପୂର୍ବରୁ ଏମାନଙ୍କର ପ୍ରସ୍ତୁତି ଚାଲିଥାଏ । ଭାଦ୍ରବ ପୂର୍ଣ୍ଣମୀ ବା ଇନ୍ଦୁ ପୂର୍ଣ୍ଣମୀ ଠାରୁ କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା କରନ୍ତି । ଜହ୍ନି ଫୁଲରେ କୋଠି ତିଆରି କରି, କଳସ ସ୍ଥାପନ କରି, ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି । ସେହି ପୂଜାର ଉଦ୍‌ଯାପନ ହୁଏ କୁମାର ପୂର୍ଣ୍ଣମୀରେ ।

ସନ୍ଧ୍ୟାର ପୂଜା ଉତ୍ସବ ବେଳେ ମଧ ଆକାଶରୁ ଗୋଧୂଳିର ରକ୍ତିମା ଲିଭି ନଥାଏ କିମ୍ବା ପୂର୍ଣ୍ଣମୀ ଜହ୍ନ ତାର ସମୁଦାୟ କାନ୍ତି ପ୍ରକାଶ କରିନଥାଏ । ଏହିପରି ମଧୁର ସନ୍ଧିବେଳାରେ ଚନ୍ଦ୍ର ପୂଜାର ଆୟୋଜନ ହୁଏ । ତେଣୁ ଏମାନେ ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟର ପୂଜା କରି ନିଜର ସୌଭାଗ୍ୟ କାମନା କରିଥାନ୍ତି । କୁମାରୀମାନେ କୌତୁକ କ୍ରୀଡ଼ାକରି କୁମାର ପୂର୍ଣ୍ଣମୀ ରାତ୍ରିଟି ଉଜାଗରରେ କଟାଇ ଦିଅନ୍ତି । ଏହି ପର୍ବ ଓଡ଼ିଶାର ଘରେ ଘରେ ପାଳିତ ହୁଏ ଏବଂ ଏ ଦିନ ଓଡ଼ିଶାବାସୀ ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରିଥାନ୍ତି ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

# କୁମାର ପୂର୍ଣ୍ଣିମା

**କଳ୍ପନା ଜେନା**



ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ କୁମାରୋତ୍ସବ ବା କୁମାର ପୂର୍ଣ୍ଣିମା ପାଳିତ ହୋଇଥାଏ । ଏହିଦିନ ଜଗତ ମାତା ମା'ଲକ୍ଷ୍ମୀଙ୍କର ଆରାଧନା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା ମଧ କୁହାଯାଏ । ଏହି ପର୍ବ ଓଡ଼ିଶାର ଘରେ ଘରେ ପାଳିତ ହୁଏ । ଏହି ଦିନ ଓଡ଼ିଶାବାସୀ ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା ଆରାଧନା କରି ନିଜର ଓ ପରିବାରର ସୁଖ, ସୌଭାଗ୍ୟ, ଯଶ, ଧନ ଓ ଖ୍ୟାତି କାମନା କରନ୍ତି । କୁମାର ପୂର୍ଣ୍ଣିମା ଅବସରରେ ଜହ୍ନି ଓଷା ନାମକ ଏକ ବ୍ରତ ପାଳନ କରାଯାଏ । ରୋଗରୁ ମୁକ୍ତି ଓ ଧନପ୍ରାପ୍ତି ଉଭୟ କାମନାର ପରିପୂରଣ ପାଇଁ ଏ ଓଷା ପାଳନ କରାଯାଏ । ଲକ୍ଷ୍ମୀବ୍ରତ ଐଶ୍ୱର୍ଯ୍ୟ ପ୍ରାପ୍ତି କାମନାରେ ପାଳିତ ହୋଇଥାଏ । ଜୁଆଖେଳ, ପଶାଖେଳ ବା ଗଜଲକ୍ଷ୍ମୀ ପୂଜା ଇତ୍ୟାଦି ମୂଳରେ ସମ୍ପଦ ସୌଭାଗ୍ୟ ଲାଭର ଲାଳସା ରହିଛି। ଚନ୍ଦ୍ର ଓ ସୂର୍ଯ୍ୟ ଉପାସନା ଅନ୍ତରାଳରେ ଶକ୍ତି ଓ ସାମର୍ଥ୍ୟ ଲାଭର ପିପାସା ନିହିତ । କୁମାର ପୂର୍ଣ୍ଣିମା କୁମାରୋତ୍ସବ ନାମରେ କଥିତ ହେଉଥିଲେ ମଧ ନାରୀ ପୁରୁଷ ନିର୍ବିଶେଷରେ ଅତି ଆଦର ସହକାରେ ଏହାକୁ ପାଳନ କରାଯାଏ । ଏହି ସମୟରେ ଗଜପୃଷ୍ଠରେ ଲକ୍ଷ୍ମୀ ଦେବୀଙ୍କର ଆର୍ବିଭାବ ହୋଇଥାଏ ।

କୁମାର ପୂର୍ଣ୍ଣିମା ରାତ୍ରିରେ ମା'ବୃନ୍ଦାବତୀ ଏବଂ ମା'ଲକ୍ଷ୍ମୀଙ୍କୁ ଚୂଡ଼ା ଓ ନଡ଼ିଆ ଅର୍ପଣ କରାଯାଏ। ଏହି ଦିନ ଚନ୍ଦ୍ର ଏବଂ କାର୍ତ୍ତିକଙ୍କୁ ମଧ ପୂଜା କରାଯାଏ । ପ୍ରତ୍ୟେକ ଘରର କୁମାର କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରନ୍ତି । ସନ୍ଧ୍ୟା ସମୟରେ ନବୋଦିତ ଚନ୍ଦ୍ରଙ୍କର ଆରାଧନା କରନ୍ତି । କୁମାରୀମାନଙ୍କର ଏହା ଏକ ବଡ଼ ଉତ୍ସବ । ଏଥିପାଇଁ ମାସକ ପୂର୍ବରୁ ଏମାନଙ୍କର ପ୍ରସ୍ତୁତି ଚାଲିଥାଏ । ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀମାନେ ଏକାଠି ହୋଇ ଜହ୍ନି ଓଷା କରନ୍ତି । ସେହି ପୂଜା ଉଦ୍‌ଯାପନ ହୁଏ କୁମାର ପୂର୍ଣ୍ଣିମା ଦିନ । କେହି କେହି ପୂର୍ଣ୍ଣିମାର ସାତଦିନ ପୂର୍ବରୁ କେବଳ କୋଠି ତିଆରି କରି ଏହି ପୂଜାବିଧି ପାଳନ କରନ୍ତି । ଏହା ବ୍ୟତୀତ ମାସ ସାରା ସନ୍ଧ୍ୟା ସମୟରେ କୁମାରୀମାନେ ଏକତ୍ରିତ ହୋଇ ବିଭିନ୍ନ ପ୍ରକାରର ପୁଚି ଗୀତ ଗାଇ ପୁଚି ଖେଳିଥାନ୍ତି । ନିର୍ମଳ ହାସ୍ୟ, ଉଲ୍ଲାସ ଓ ଆମୋଦପ୍ରମୋଦ ଛଡ଼ା ଏହି ପୁଚି ଖେଳର ଅନ୍ୟ କୌଣସି ତାତ୍ତ୍ୱିକ ଉଦ୍ଦେଶ୍ୟ ନାହିଁ । ତେବେ ଏହି ଗୀତଗୁଡ଼ିକ ଲୋକ ସାହିତ୍ୟର ବିଶେଷ ଉପାଦାନ ଭାବେ ଗ୍ରହଣୀୟ ଏବଂ ପୁଚି ଖେଳ ବିଜ୍ଞାନ ସମ୍ମତ ଏକ ବ୍ୟାୟାମ ଭାବେ ସ୍ୱୀକୃତ । କୁମାର ପୂର୍ଣ୍ଣିମା ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ କିପରି ଦିନଟି ଚାଲିଯାଏ କିଛି ଜଣାପଡ଼େ ନାହିଁ । ଏହି ଦିନ ଭୋରୁ କୁମାରୀମାନେ ଖଇ, ନଡ଼ିଆ ଓ ବିଭିନ୍ନ ପ୍ରକାର ଫଳମୂଳର ଆଞ୍ଜୁଳା ଟେକି ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରନ୍ତି । ସନ୍ଧ୍ୟାରେ ନବୋଦିତ ଚନ୍ଦ୍ରଙ୍କର ଉପାସନା କରନ୍ତି । ଆକାଶରେ କଅଁଳ ସୂର୍ଯ୍ୟଙ୍କର ଅରୁଣ ଦୀପ୍ତି ଓ ମଳାଜହ୍ନର ନିଷ୍ପ୍ରଭ ଜ୍ୟୋତି ଉଭୟର ସମାବେଶ ଘଟିଥାଏ । ସନ୍ଧ୍ୟାରେ ପୂଜା ଉତ୍ସବରେ ମଧ ଆକାଶରୁ ଗୋଧୂଳିର ରକ୍ତିମ ରଶ୍ମି ଲିଭିନଥାଏ କିମ୍ବା ପୂର୍ଣ୍ଣିମା ଜହ୍ନ ତାର ସମୁଦାୟ କାନ୍ତି ପ୍ରକାଶ କରିନଥାଏ । ଏହିପରି ମଧୁର ସନ୍ଧିକୋଳରେ ଚନ୍ଦ୍ର ପୂଜାର ଆୟୋଜନ ହୁଏ । ଏହିଭଳି ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟର ପୂଜା କରି କୁମାରୀମାନେ ନିଜର ସୌଭାଗ୍ୟ କାମନା କରିଥାନ୍ତି । କୌତୁକ କ୍ରୀଡ଼ା କରି କୁମାର ପୂର୍ଣ୍ଣିମା ରାତ୍ରିଟି ଉଜାଗରରେ କଟାଇ ଦିଅନ୍ତି ।

+ବଙ୍ଗାଳିସାହି, କଟକ

# ଆସିବେ ମା' ଗଜଲକ୍ଷ୍ମୀ...

**ରାମଚନ୍ଦ୍ର ବେହେରା**

ଅଶିଣ ପୁନେଇଁ ଆସୁଅଛି ମିତ
ଖୁସିର ପସରା ଧରି
ମାତା ଗଜଲକ୍ଷ୍ମୀ ସ୍ୱର୍ଗରୁ ଆସିବେ
ମରତକୁ ଅବତରି ।

ତାଂକ ଆଗମନେ ଜଗତ ହସିବ
ହସିବ ଭକତ ପ୍ରାଣ
ଗଜ ବାହନରେ ବିରାଜିବେ ମାତ
ଧରିଥିବେ ହସ୍ତେ ପଦ୍ମ ।

ସମୁଦ୍ର ମନ୍ଥନ ସମୟରେ ମାତ
ଅମୃତର ପାତ୍ର ଧରି
ପୃଥିବୀ ପୃଷ୍ଠକୁ ଆସିଥିଲେ ହସି
ସୁଖ ଓ ଶାନ୍ତି ଆବୋରି ।

ତାଂକ କୃପା ବଳେ ମିଳଇ ଐଶ୍ୱର୍ଯ୍ୟ
ଧର୍ମକୁ ମିଳଇ ମାନ
ଦରିଦ୍ରର ଗୃହେ ଧନ ଶୋଭାପାଏ
ଖୁସିରେ ବିତଇ ଦିନ ।

ମାତାଂକ ପବିତ୍ର ପୂଜା ଅବସରେ
ଏତିକି ଗୁହାରି ମୋର
ଅନ୍ୟାୟ ଅଧର୍ମ ଦୂର ହୋଇଯାଉ
ହସୁ ଏ ଧର୍ମ ସଂସାର ।

ସ୍ନେହ ଶ୍ରଦ୍ଧାଭାବ ସଭିଂକ ପରାଣେ
ଶାନ୍ତିର ବାରତା ଦେଉ
ସତ୍ୟ ନ୍ୟାୟ ଧର୍ମ ଏ ପୂଣ୍ୟ ଜଗତେ
ସଦା ପୂଜା ପାଉଥାଉ ।



ଅହିଂସା ମନ୍ତ୍ରକୁ ଆଦରି ସଭିଏଁ
ଖୁସିରେ କାଟନ୍ତୁ କାଳ
ଧନୀ ଦରିଦ୍ରର ପ୍ରଭେଦ ନରହୁ
ହସି ଉଠୁ ସର୍ବ ପ୍ରାଣ ।

+ତେନ୍ତୁଲିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଲକ୍ଷ୍ମୀଙ୍କର ଆଠ ସ୍ୱରୂପ

**ତୁଷାର ରଞ୍ଜନ ସାହୁ**



ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ । ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ୧୬ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି - ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି - ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ ।

ଆଦି ଲକ୍ଷ୍ମୀ : ଆଦି ଲକ୍ଷ୍ମୀ ଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ । ସେ ମହର୍ଷି ଭୃଗୁଙ୍କ ଝିଅ ଓ ପ୍ରଭୁ ନାରାୟଣଙ୍କ ପତ୍ନୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ନାରାୟଣଙ୍କ ସହ ବୈକୁଣ୍ଠରେ ରୁହନ୍ତି । ସେ ନାରାୟଣଙ୍କ ତାଙ୍କୁ ଆଦର କରିବା ଦର୍ଶାଏ ଏ ଜଗତ ତାଙ୍କର ସେବାରେ ତତ୍ପର । ଆଦିଲକ୍ଷ୍ମୀଙ୍କର ଚାରୋଟି ହାତ । ଗୋଟିଏ ହାତରେ ପଦ୍ମପୁଷ୍ପ ଓ ଅନ୍ୟ ହାତରେ ପତାକା ଧରିଥାନ୍ତି । ଗୋଟିଏ ହାତ ଅଭୟ ମୁଦ୍ରାରେ ଥିବାବେଳେ ଅନ୍ୟ ହାତ ବରଦ ମୁଦ୍ରାରେ ଥାଏ । ତାଙ୍କୁ ଆନନ୍ଦ ପ୍ରଦାନକାରିଣୀ ରମା ବୋଲି କୁହାଯାଏ । ତାଙ୍କର ଅନ୍ୟନାମ ଇନ୍ଦିରା । ପଦ୍ମକୁ ହୃଦୟ ସହ ସଂଯୁକ୍ତ କରିଥିବାରୁ ସେ ଶୁଦ୍ଧତାର ପ୍ରତୀକ । ଅଷ୍ଟଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀ । ତାଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ ।

ସୁମାନସା ବନ୍ଦିତା, ସୁନ୍ଦରୀ, ମେଧାବୀ ଚନ୍ଦ୍ରସହୋଦରୀ, ହେମମୟେ, ମୁନିଗଣବନ୍ଦିତା, ମୋକ୍ଷ ପ୍ରଦାୟିନୀ ମଞ୍ଜୁଳା ଭାଷିନୀ, ବେଦମାତେ ପଙ୍କଜବାସିନୀ, ଦେବସୁପୂଜିତା, ସାଧୁଗୁଣବର୍ଷିଣି, ଶାନ୍ତିଯୁତେ ଜୟ ଜୟ ହେ, ମଧୁସୂଦନ କାମିନୀ ଆଦିଲକ୍ଷ୍ମୀ, ଜୟ, ପାଳୟମାମ୍ ।

ଧନଲକ୍ଷ୍ମୀ : ଧନ ଅର୍ଥ ସୁନା ବା ଅର୍ଥ ଭାବରେ ବୈଭବ । ଆଧାତ୍ମିକ ଅର୍ଥରେ ଏହା ବଳ, ଇଚ୍ଛାଶକ୍ତି, ପ୍ରତିଭା, ବୀରତ୍ୱ ଓ ଚରିତ୍ରକୁ ବୁଝାଏ । ଧନଲକ୍ଷ୍ମୀ ମନୁଷ୍ୟ ଜଗତର ଏହି କ୍ଷେତ୍ରକୁ ପ୍ରତିନିଧିତ୍ୱ କରନ୍ତି । ତାଙ୍କର ଦୟାରେ ଆମେ ଆବଶ୍ୟକ ପରିମାଣର ଧନ ଓ ସମୃଦ୍ଧି ପାଇପାରିବା । ଏହି ଲକ୍ଷ୍ମୀ ସ୍ୱରୂପାଙ୍କର ୬ଟି ହସ୍ତ ଅଛି । ସେ ଲାଲ ଶାଢ଼ି ପରିଧାନ କରନ୍ତି । ପାଞ୍ଚଟି ହାତରେ ଯଥାକ୍ରମେ ଚକ୍ର, ଶଙ୍ଖ, ପବିତ୍ର କଳସ, ଧନୁତୀର ଓ ପଦ୍ମ ଧାରଣ କରିଥାନ୍ତି । ଅଭୟ ମୁଦ୍ରାରେ ଥିବା ଷଷ୍ଠ ହସ୍ତରୁ ସ୍ୱର୍ଣ୍ଣମୁଦ୍ରା ଝୁଲୁଥାଏ । ଧନଲକ୍ଷ୍ମୀଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରଧଡ଼ା କରାଯାଏ ।

ଦିମିଧିମ ଧିମ୍‌ଧିମି, ଧୁମ୍‌ଧିମି, ଧିମ୍‌ଧିମି, ଧୁମଧୁଭିନାଦ ସୁପୂର୍ଣ୍ଣମାୟେ, ଘୁମଘୁମା ଗୁମ୍‌ଘୁମା, ଗୁନ୍‌ଘୁମା, ଗୁନ୍‌ଘୁମା ଶୃଙ୍ଖନିନାଦା ଶୁଭଦାମାତେ, ବିବିଧା ପୁରାନା ଇତିହାସ ସୁପୁଜିତା ବୈଦିକ ମାର୍ଗ ପ୍ରଦର୍ଶାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀ ଧନଲକ୍ଷ୍ମୀ, ପାଳୟମମ୍ ।

ଧାନ୍ୟ ଲକ୍ଷ୍ମୀ : ଲକ୍ଷ୍ମୀଙ୍କର ତୃତୀୟ ସ୍ୱରୂପ ଖାଦ୍ୟଶସ୍ୟର ଦେବୀ ଧାନ୍ୟ ଲକ୍ଷ୍ମୀ । ଶରୀର ଓ ମନର ପୋଷଣ ଆବଶ୍ୟକତା ପରିପୂର୍ଣ୍ଣ କରନ୍ତି ଏହି ଲକ୍ଷ୍ମୀ । ସେ ମନୁଷ୍ୟକୁ କୃଷିଜାତ ଧନ ସହ ଶରୀରର ସମସ୍ତ ଆବଶ୍ୟକତା ପୂରଣ ପାଇଁ ପୋଷଣ ପ୍ରଦାନ କରନ୍ତି । ତାଙ୍କର ଦୟା ଥିଲେ କେବେ ଖାଦ୍ୟରେ ଅଭାବ ହୁଏନି । ଧାନ୍ୟଲକ୍ଷ୍ମୀ ସବୁଜ ବସ୍ତ୍ର ପରିହିତା, ଅଷ୍ଟଭୂଜା ବିଶିଷ୍ଟ । ସେ ଦୁଇ ହାତରେ ପଦ୍ମ ଧରିଥାନ୍ତି । ଅନ୍ୟ ହାତମାନଙ୍କରେ ଜାଇଫଳ, ଧାନକେଣ୍ଡା, ଆଖୁ ଓ କଦଳୀ ଧାରଣ କରିଥାନ୍ତି । ଶେଷ ଦୁଇହାତ ଅଭୟ ମୁଦ୍ରା ଓ ବରଦ ମୁଦ୍ରାରେ ଥାଏ । ଧାନ୍ୟ ଲକ୍ଷ୍ମୀଙ୍କୁ - ଐକାଳି କଳ୍ମଷନାସିନୀ, କାମିନୀ ବୈଦିକରୂପିଣୀ ବେଦମୟେ, କ୍ଷୀରସମୁଦ୍‌ଭବା, ମନ୍ତ୍ରମାତେ, ମଙ୍ଗଳଦାୟିନୀ, ଅମ୍ବୁଜବାସିନୀ, ଦେବଗଣଶ୍ରିତାପ୍ରଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଧାନ୍ୟ ଲକ୍ଷ୍ମୀ ଜୟ ପାଳୟମାମ୍ । ସ୍ତୋତ୍ର ଦ୍ୱାରା ଆରାଧନା କରାଯାଏ।

ଗଜଲକ୍ଷ୍ମୀ : ହିନ୍ଦୁ ପୁରାଣ ଅନୁଯାୟୀ କ୍ଷୀର ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଏହି ସ୍ୱରୂପରେ ଉଦ୍ଭବ ହୋଇଥିଲେ । ସେ ଜଳର ଈଶ୍ୱର ବରୁଣଙ୍କ ପୁତ୍ରୀ । ସମୁଦ୍ର ଗର୍ଭରେ ବିଭିନ୍ନ ହୋଇଯାଇଥିବା ଇନ୍ଦ୍ରଙ୍କର ସମ୍ପତ୍ତି ସବୁକୁ ଗଜଲକ୍ଷ୍ମୀ ପୁଣି ତାଙ୍କୁ ଫେରାଇ ଦେଇଥିଲେ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ଧନ, ସମୃଦ୍ଧି, ସୁଖ ପ୍ରାଚୁର୍ଯ୍ୟ ଓ ରାଜକୀୟତାର ପ୍ରଦାୟିନୀ ତଥା ସୁରକ୍ଷାକାରିଣୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ସବୁଠାରୁ ସୁନ୍ଦର । ଚାରିହସ୍ତ ବିଶିଷ୍ଟା ଦେବୀ ପଦ୍ମଫୁଲ ଉପରେ ଆସୀନଥାନ୍ତି ଓ ଦୁଇ ପାଖରେ ଦୁଇଟି ଧଳାହାତୀ ଠିଆ ହୋଇ ତାଙ୍କ ଉପରେ କଳସରୁ ଜଳ ଢ଼ାଳୁଥାନ୍ତି । ସେ ଲାଲବସ୍ତ୍ର ପରିଧାନ କରି ଦୁଇ ହାତରେ ପଦ୍ମ ଧାରଣ କରିଥାନ୍ତି । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ ।

ଜୟ ଜୟ ଦୁର୍ଗତି ନାଶିନୀ, କାମିନୀ, ସର୍ବଫଳପ୍ରଦା ଶାସ୍ତ୍ରମୟେ, ରଥଗଜତୁରଣ ପଦାତି ସମବୃତା ପରିଜନ ମଣ୍ଡିତା ଲୋକମାତେ, ହରିହରବ୍ରହ୍ମା ସୁପୂଜିତା ସେବିତା ତାପନିବାରିଣୀ, ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀଗଜଲକ୍ଷ୍ମୀ ପାଳୟମାମ୍ । ଏହି ସ୍ତୋତ୍ରରେ ଗଜଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

ସନ୍ତାନ ଲକ୍ଷ୍ମୀ : ମା' ଲକ୍ଷ୍ମୀଙ୍କର ଏହି ପଞ୍ଚମ ସ୍ୱରୂପ ପାରିବାରିକ ଜୀବନର ଧନ ସନ୍ତାନର ଦେବୀ। ତାଙ୍କ ଦୟାରେ ଦମ୍ପତି ସ୍ୱାସ୍ଥ୍ୟବାନ, ଦୀର୍ଘାୟୁ ସୁସନ୍ତାନ ପ୍ରାପ୍ତ ହୁଅନ୍ତି । ଏହି ଲକ୍ଷ୍ମୀ ଷଡ଼ଭୂଜା । ଦୁଇ ହାତରେ କଳସ ଧାରଣ କରିଥାନ୍ତି । ଗୋଟିଏ ହାତରେ ଖଡ଼୍‌ଗ ଓ ଅନ୍ୟଟିରେ ଢ଼ାଲଥାଏ । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାନ୍ତି । ତାଙ୍କ କୋଳରେ ଶିଶୁଟିଏ ଥାଏ । ଶିଶୁଟି ମଧ ପଦ୍ମଫୁଲ ଧରିଥାଏ । ଏ ଗଜବାହିନୀ, ମୋହିନୀ, ଚକ୍ରିଣୀ, ରାଗବିବର୍ଦ୍ଧିନୀ, ଜନମୟେ ଗୁଣଗବାରିଧି, ଲୋକୈଥେ ଶିନି ସପ୍ତସ୍ୱରମୟା ଗଣମାତେ, ସକଳ ସୁରାସୁର ଦେବ ମୁନିସ୍ୱର, ମାନବବନ୍ଦିତା ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ, ସନ୍ତାନଲକ୍ଷ୍ମୀ, ପାଳୟମାମ୍ । ଉପରୋକ୍ତ ସ୍ତୋତ୍ରରେ ସନ୍ତାନଲକ୍ଷ୍ମୀଙ୍କୁ ଆରଧନା କରାଯାଏ ।

ବୀରଲକ୍ଷ୍ମୀ : ଲକ୍ଷ୍ମୀଙ୍କର ଏହି ଷଷ୍ଠ ସ୍ୱରୂପ ସାହାସ, ଶକ୍ତି, କ୍ଷମତା ପ୍ରଦାନକାରିଣୀ । ଯୁଦ୍ଧରେ ବା ଜୀବନ ଯୁଦ୍ଧରେ ଆସୁଥିବା ବିପଦ ଓ ପ୍ରତିବନ୍ଧକକୁ ଅତିକ୍ରମ କରିବା ନିମନ୍ତେ ବଳ ପରାକ୍ରମ ଲାଭ ନିମନ୍ତେ ବୀରଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଜୀବନରେ ସ୍ଥିରତା ପାଇଁ ମଧ ତାଙ୍କୁ ଆରଧନା କରାଯାଏ । ବୀରଲକ୍ଷ୍ମୀ ଅଷ୍ଟଭୂଜା ବିଶିଷ୍ଟ । ସେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତି । ତାଙ୍କ ହାତରେ ଚକ୍ର ଶଙ୍କ, ଧନୁତୀର, ତ୍ରୀଶୂଳ ବା ଖଡ଼ଗ, ସ୍ୱର୍ଣ୍ଣଖଣ୍ଡ ବା ପୁସ୍ତକ ଶୋଭାପାଏ । ଅନ୍ୟ ଦୁଇଟି ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ଜୟବରବର୍ଷିଣି, ବୈଷ୍ଣବୀ, ଭାର୍ଗବୀ, ମନ୍ତ୍ରସ୍ୱରୂପିଣୀ ମନ୍ତ୍ରାମୟେ, ସୁରଗଣ ପୂଜିତା, ଶୀଘ୍ର ଫଳପ୍ରଦା ଜ୍ଞାନ ବିକାଶିନୀ ଶାସ୍ତ୍ରମାତେ, ଭବ ଭୟ ହାରିଣୀ, ପାପା ବିମୋଚନୀ, ସାଧୁଜନାଶ୍ରିତ ପଦୟୁତେ, ଜୟ ଜୟ ହେ ମଧୁସୂଦନ କାମିନୀ, ଧୈର୍ଯ୍ୟଲକ୍ଷ୍ମୀ, ଜୟ ପାଳୟମାମ୍ । ସ୍ତୋତ୍ର ବୀରଲକ୍ଷ୍ମୀଙ୍କୁ ଆରାଧନା କରାଯାଏ।

ବିଦ୍ୟାଲକ୍ଷ୍ମୀ : ବିଦ୍ୟାର ଅର୍ଥ ଜ୍ଞାନ ଓ ଶିକ୍ଷା, ଏହା କେବଳ କଲେଜ ଓ ୟୁନିଭର୍ସିଟିର ସାର୍ଟିଫିକେଟ ନୁହେଁ ବରଂ ବାସ୍ତବିକ ଜ୍ଞାନ । ତେଣୁ ଲକ୍ଷ୍ମୀଙ୍କର ଏହି ସ୍ୱରୂପ କଳା ଓ ବିଜ୍ଞାନର ଜ୍ଞାନ ଦାନ କରନ୍ତି । ଜ୍ଞାନର ଦେବୀ ସରସ୍ୱତୀଙ୍କ ପରି ବିଦ୍ୟାଲକ୍ଷ୍ମୀ ଶୁଭ୍ରବସନା, ପଦ୍ମାସନା, ଚାରିଭୁଜା ଧାରିଣୀ । ତାଙ୍କର ଦୁଇଟି ହାତରେ ପଦ୍ମଫୁଲ ଶୋଭାପାଏ । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ତାଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ । ପ୍ରରତ ସୁରେଶ୍ୱରୀ, ଭାରତୀ, ଭାର୍ଗବୀ, ଶୋକ ବିନାଶିନୀ, ରତ୍ନମୟେ, ମଣିମାୟା ଭୂଷିତା କର୍ଣ୍ଣ ବିଭୂଷଣ, ଶାନ୍ତି ସମବୃତା, ହାସ୍ୟମୁଖେ, ନବନିଧି ଦାୟିନୀ କଳିମାଳା ହାରିଣୀ, କାମ୍ୟ ଫଳପ୍ରଦା, ହାସ୍ୟ ଯୁଥେ ଜୟ ଜୟ ହେ, ମଧୁସୂଦନ କାମିନୀ ବିଦ୍ୟାଲକ୍ଷ୍ମୀ ପାଳୟମାମ୍ ।

ବିଜୟ ଲକ୍ଷ୍ମୀ : ବିଜୟ ଅର୍ଥ ଜୟ କରିବା । ତେଣୁ ଏହି ସ୍ୱରୂପା ଲକ୍ଷ୍ମୀ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟର ପ୍ରତୀକ । କେବଳ ଯୁଦ୍ଧ ନୁହେଁ ପ୍ରତ୍ୟେକ ସଂଘର୍ଷ ଓ ଜୀବନ ଯୁଦ୍ଧରେ ବିଜୟରେ ପ୍ରତୀକ ବିଜୟ ଲକ୍ଷ୍ମୀ । ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଜୟ କରିବା ପାଇଁ ବିଜୟଲକ୍ଷ୍ମୀଙ୍କ ଆରାଧନା କରାଯାଏ । ଦେବୀଙ୍କ ଏହି ସ୍ୱରୂପ ଅଷ୍ଟଭୂଜା ଧାରିଣୀ । ସେ ଲାଲ୍ ଶାଢ଼ି ପିନ୍ଧି ପଦ୍ମ ଉପରେ ଆସୀନ ହୋଇଥାନ୍ତି । ହାତରେ ତାଙ୍କର ଚକ୍ର, ଶଙ୍ଖ, ଖଡ଼୍‌ଗ, ଢ଼ାଲ, ଫାଶ ଓ ପଦ୍ମ ଧରିଥାନ୍ତି । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ଜୟ କମଳାସିନୀ ସଦ୍‌ଗତି ଦାୟିନୀ ଜ୍ଞାନ ବିକାଶିନୀ ଗଣମୟେ, ଅନୁଧିନା ମାର୍ଚ୍ଚିତା କୁଙ୍କୁମ୍ ଧୂସର ଭୂଷିତା। ବାସିତା ବାଦ୍ୟନୁତେ କନକଧରାସ୍ତୁତି ବୈଭବ ବନ୍ଦିତା ଶଙ୍କରା ହେ ମଧୁସୂଦନ କାମିନୀ ବିଜୟଲକ୍ଷ୍ମୀ ପାଳୟମାମ୍ । ସ୍ତୋତ୍ରରେ ବିଜୟଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

ରିଲାକ୍ସ, ଏମ୍ପୋରିୟମ ଲେନ୍, ରାଣୀହାଟ, କଟକ,
ମୋ : ୯୮୬୧୦୪୭୫୭୫

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ଅକ୍ଟୋବର ୨୦୨୫, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତୀୟ ରେଳବାଇ: ସୁରକ୍ଷା ଏକ ପ୍ରଶ୍ନବାଚୀ

୨୦୨୩ ମସିହାରେ ଭାରତୀୟ ରେଳବାଇରେ ୨୪,୬୭୮ଟି ଦୁର୍ଘଟଣାରେ ୨୧,୮୦୩ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ଦ୍ୱାରା ସଦ୍ୟ ପ୍ରକାଶିତ ଏହି ଚିନ୍ତାଜନକ ତଥ୍ୟ ଆମ ଦେଶର ରେଳ ନିରାପତ୍ତା ବ୍ୟବସ୍ଥାର ଏକ ଭୟାବହ ଚିତ୍ର ପ୍ରଦାନ କରୁଛି । ଏହି ସଂଖ୍ୟା କେବଳ ଏକ ତଥ୍ୟ ନୁହେଁ, ବରଂ ହଜାର ହଜାର ପରିବାରର ଭବିଷ୍ୟତକୁ ଛାରଖାର କରିଦେଇଥିବା ଏକ ଭୟାବହ ବାସ୍ତବତା । ଗତ ବର୍ଷ ତୁଳନାରେ ଦୁର୍ଘଟଣା ସଂଖ୍ୟା ୬.୭ ପ୍ରତିଶତ ବୃଦ୍ଧି ପାଇବା ଏକ ଗମ୍ଭୀର ବିଷୟ, ଯାହା ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତାକୁ ଦର୍ଶାଉଛି ।

ଏହି ଦୁର୍ଘଟଣାଗୁଡ଼ିକର ମୁଖ୍ୟ କାରଣଗୁଡ଼ିକ ବିଶ୍ଳେଷଣ କଲେ ଜଣାପଡ଼େ ଯେ, ଟ୍ରେନରୁ ଖସିପଡ଼ିବା କିମ୍ବା ରେଳ ଧାରଣା ପାର ହେବା ସମୟରେ ଧକ୍କା ଲାଗିବା ଏକ ପ୍ରମୁଖ କାରଣ । ଏହି ଦୁଇଟି କାରଣ ମୃତ୍ୟୁ ସଂଖ୍ୟାର ଏକ ବଡ଼ ଅଂଶ ପାଇଁ ଦାୟୀ । ଅନେକ ସମୟରେ ଯାତ୍ରୀମାନେ ଭିଡ଼ ଯୋଗୁଁ କିମ୍ବା ଅସାବଧାନତା ବଶତଃ ଟ୍ରେନରୁ ଖସିପଡ଼ନ୍ତି । ସେହିପରି, ଅନେକ ଲୋକ ରେଳ ଧାରଣା ପାର ହେବା ସମୟରେ କିମ୍ବା ଧାରଣା ପାଖରେ ଚାଲୁଥିବା ସମୟରେ ଟ୍ରେନ ଦ୍ୱାରା ଧକ୍କା ଖାଇ ମୃତ୍ୟୁବରଣ କରନ୍ତି । ଏହା ବ୍ୟତୀତ, ମାନବୀୟ ତ୍ରୁଟି ଯେପରିକି ରେଳବାଇ କର୍ମଚାରୀଙ୍କ ଅସାବଧାନତା, ଟ୍ରାକ୍ ରକ୍ଷଣାବେକ୍ଷଣରେ ତ୍ରୁଟି, ସିଗନାଲ୍ ସମସ୍ୟା, ଉପକରଣର ବିଫଳତା ଏବଂ ରକ୍ଷଣାବେକ୍ଷଣର ଅଭାବ ମଧ୍ୟ ଏଥିପାଇଁ ଦାୟୀ । ଭାରତୀୟ ରେଳବାଇର ବିଶାଳ ନେଟୱର୍କରେ ଅନେକ ଅସୁରକ୍ଷିତ ଲେଭଲ୍ କ୍ରସିଂ ଏବଂ ରେଳ ଧାରଣା ଉପରକୁ ପଶୁପାଳନ ପଶୁ ଆସିବା ମଧ୍ୟ ଏକ ବଡ଼ ସମସ୍ୟା, ଯାହା ଦୁର୍ଘଟଣାକୁ ନିମନ୍ତ୍ରଣ କରେ।

ଏହି ଦୁର୍ଘଟଣାଗୁଡ଼ିକ କେବଳ ସଂଖ୍ୟାରେ ସୀମିତ ନୁହେଁ, ବରଂ ଏହାର ସାମାଜିକ ଓ ଆର୍ଥିକ ପ୍ରଭାବ ଅତ୍ୟନ୍ତ ବ୍ୟାପକ । ପ୍ରତ୍ୟେକ ମୃତ୍ୟୁ ଏକ ପରିବାରର ଆଶା, ସ୍ୱପ୍ନ ଏବଂ ଭବିଷ୍ୟତକୁ ଛାରଖାର କରିଦିଏ । ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାରର ଅନ୍ୟ ସଦସ୍ୟମାନେ ଅସହାୟ ହୋଇପଡ଼ନ୍ତି । ଏହା ସମାଜରେ ଅନେକ ସମସ୍ୟା ସୃଷ୍ଟି କରେ । ଆହତମାନେ ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗିବା ସହ ସେମାନଙ୍କ ଚିକିତ୍ସା ପାଇଁ ବହୁ ଅର୍ଥ ଖର୍ଚ୍ଚ ହୁଏ । ଏହା ରେଳବାଇ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି ଏବଂ ଯାତ୍ରା କରିବାକୁ ଭୟ ସୃଷ୍ଟି କରୁଛି ।

ଭାରତୀୟ ରେଳବାଇ ବିଶ୍ୱର ବୃହତ୍ତମ ରେଳ ନେଟୱର୍କ ମଧ୍ୟରୁ ଅନ୍ୟତମ, ଯାହା ଦୈନିକ ଲକ୍ଷ ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଏ । କିନ୍ତୁ ଏହାର ବିରାଟତା ସହିତ ସୁରକ୍ଷା ନିଶ୍ଚିତ କରିବା ଏକ ବଡ଼ ଆହ୍ୱାନ । ପୁରୁଣା ଭିତ୍ତିଭୂମି, ଅତ୍ୟଧିକ ଯାତ୍ରୀ ଚାପ, ଏବଂ ସୁରକ୍ଷା ବ୍ୟବସ୍ଥାରେ ଆଧୁନିକୀକରଣର ମନ୍ଥରତା ଏହି ସମସ୍ୟାକୁ ଅଧିକ ଜଟିଳ କରୁଛି। ସରକାର ଏବଂ ରେଳବାଇ କର୍ତ୍ତୃପକ୍ଷ ନିରାପତ୍ତା ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା ଦାବି କରୁଥିଲେ ମଧ୍ୟ, NCRB ତଥ୍ୟର ବାସ୍ତବତା ଏହି ଦାବିର ବିପରୀତ ଚିତ୍ର ପ୍ରଦାନ କରୁଛି । ଏତେ ସଂଖ୍ୟକ ମୃତ୍ୟୁ ପରେ ମଧ୍ୟ କାହିଁକି ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ, ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ଦାୟିତ୍ୱବୋଧର ଅଭାବ ଏବଂ କାର୍ଯ୍ୟକାରିତାରେ ତ୍ରୁଟି ଏହି ଦୁର୍ଘଟଣାଗୁଡ଼ିକ ପାଇଁ ମୁଖ୍ୟତଃ ଦାୟୀ ।


ଭାରତୀୟ ରେଳବାଇରେ ଦୁର୍ଘଟଣାର ଏକ ଐତିହାସିକ ପ୍ରସଙ୍ଗକୁ ଦେଖିଲେ ଜଣାପଡ଼େ ଯେ, ଦୁର୍ଘଟଣାଗୁଡ଼ିକର ସଂଖ୍ୟା ଏବଂ ମୃତ୍ୟୁହାର ସମୟ ସମୟରେ ପରିବର୍ତ୍ତିତ ହୋଇଛି । ବିଗତ ଦଶନ୍ଧିରେ ଅନେକ ବଡ଼ ଧରଣର ରେଳ ଦୁର୍ଘଟଣା ଘଟିଛି, ଯାହା ଦେଶକୁ ଦୋହଲାଇ ଦେଇଛି । ଉଦାହରଣ ସ୍ୱରୂପ, ୧୯୮୧ ମସିହାରେ ବିହାରରେ ଘଟିଥିବା ଟ୍ରେନ୍ ଦୁର୍ଘଟଣା, ଯେଉଁଥିରେ ୫୦୦ ରୁ ୮୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା, ତାହା ବିଶ୍ୱର ସବୁଠୁ ବଡ଼ ରେଳ ଦୁର୍ଘଟଣା ମଧ୍ୟରୁ ଅନ୍ୟତମ । ଏହା ପରେ ମଧ୍ୟ ଅନେକ ଦୁର୍ଘଟଣା ଘଟିଛି, ଯେପରିକି ୧୯୯୫ ଫିରୋଜାବାଦ୍ ଦୁର୍ଘଟଣା କିମ୍ବା ୧୯୯୯ ଗୈସାଲ୍ ଦୁର୍ଘଟଣା । ଏହି ଦୁର୍ଘଟଣାଗୁଡ଼ିକ ପରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଅନେକ କମିଟି ଗଠନ କରାଯାଇଛି ଏବଂ ସୁପାରିଶ ଗ୍ରହଣ କରାଯାଇଛି । କିଛି ବର୍ଷ ପାଇଁ ମୁଖ୍ୟ ଟ୍ରେନ୍ ଦୁର୍ଘଟଣା, ଯେଉଁଥିରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥାଏ, ତାହାର ସଂଖ୍ୟା କମିଥିବା ଦେଖାଯାଇଛି । କିନ୍ତୁ ଏବେ NCRB ର ତଥ୍ୟ ଅନ୍ୟ ଏକ ଦିଗକୁ ଇଙ୍ଗିତ କରୁଛି, ଯେଉଁଠାରେ ଛୋଟ ଛୋଟ ଦୁର୍ଘଟଣା ମାଧ୍ୟମରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି । ୨୦୨୩ ମସିହାରେ ୨୧,୮୦୩ ମୃତ୍ୟୁ ସହିତ, ଏହା ଏକ ଦୃଢ଼ ସଙ୍କେତ ଦେଉଛି ଯେ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ଆନ୍ତର୍ଜାତୀୟ ସ୍ତରରେ ଅନ୍ୟ ଦେଶମାନଙ୍କର ରେଳବାଇ ସୁରକ୍ଷା ତୁଳନାରେ ଭାରତର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ । ୟୁରୋପୀୟ ୟୁନିଅନ୍ (EU) ର ତଥ୍ୟ ଅନୁସାରେ, ୨୦୨୨ ରେ ସେଠାରେ ୧,୬୧୫ଟି ଗୁରୁତ୍ୱପୂର୍ଣ୍ଣ ରେଳ ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ୮୦୮ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୫୯୩ ଜଣ ଗୁରୁତର ଆହତ ହୋଇଥିଲେ । ୨୦୨୩ ରେ ଏହା ସାମାନ୍ୟ ବୃଦ୍ଧି ପାଇ ୮୪୧ ରେ ପହଞ୍ଚିଛି । ଏହି ସଂଖ୍ୟା ଭାରତର ୨୧,୮୦୩ ମୃତ୍ୟୁ ତୁଳନାରେ ଅତ୍ୟନ୍ତ କମ୍ । ଆମେରିକା ଏବଂ ଜାପାନ ଭଳି ବିକଶିତ ରାଷ୍ଟ୍ରମାନଙ୍କରେ ରେଳ ଦୁର୍ଘଟଣା ଏବଂ ମୃତ୍ୟୁ ସଂଖ୍ୟା ଆହୁରି କମ୍ । ଉଦାହରଣ ସ୍ୱରୂପ, ଜାପାନରେ ଶିଙ୍କାନସେନ୍ (ବୁଲେଟ୍ ଟ୍ରେନ୍) ର ସୁରକ୍ଷା ରେକର୍ଡ ବିଶ୍ୱରେ ସର୍ବୋତ୍ତମ ଭାବେ ପରିଗଣିତ ହୁଏ, ଯେଉଁଠାରେ ବର୍ଷ ବର୍ଷ ଧରି କୌଣସି ଯାତ୍ରୀ ମୃତ୍ୟୁ ଘଟିନାହିଁ । ଏହି ତୁଳନା ଭାରତୀୟ ରେଳବାଇ ସୁରକ୍ଷାରେ କେତେ ପଛରେ ଅଛି ତାହା ସ୍ପଷ୍ଟ ଭାବରେ ଦର୍ଶାଉଛି । ଅବଶ୍ୟ, ଭାରତର ବିଶାଳ ଜନସଂଖ୍ୟା, ବିସ୍ତୃତ ନେଟୱର୍କ ଏବଂ ଭିତ୍ତିଭୂମିର ଜଟିଳତା ଏକ ଭିନ୍ନ ଚିତ୍ର ପ୍ରଦାନ କରେ। କିନ୍ତୁ ଏହା ଦୁର୍ଘଟଣା ଯୋଗୁଁ ହେଉଥିବା ମୃତ୍ୟୁକୁ ଯଥାର୍ଥତା ଦେଇପାରିବ ନାହିଁ। ଅନ୍ୟ ଦେଶମାନଙ୍କରୁ ଶିକ୍ଷା ଗ୍ରହଣ କରି ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଅତ୍ୟନ୍ତ ଜରୁରୀ।

ଏହି ଦୁଃଖଦ ପରିସ୍ଥିତିରୁ ମୁକୁଳିବା ପାଇଁ ଏକ ବ୍ୟାପକ ଏବଂ ବହୁମୁଖୀ ପଦକ୍ଷେପର ଆବଶ୍ୟକତା ରହିଛି । ପ୍ରଥମତଃ, ସୁରକ୍ଷା ବ୍ୟବସ୍ଥାରେ ଟେକ୍ନୋଲୋଜିର ବ୍ୟବହାର ଅତ୍ୟନ୍ତ ଜରୁରୀ । 'କବଚ' ଭଳି ସ୍ୱଦେଶୀ ସୁରକ୍ଷା ପ୍ରଣାଳୀର ବ୍ୟାପକ ପ୍ରୟୋଗକୁ ତ୍ୱରାନ୍ୱିତ କରାଯିବା ଉଚିତ, ଯାହା ଟ୍ରେନ୍ ଧକ୍କାକୁ ରୋକିବାରେ ସହାୟକ ହେବ । ଏହା ବ୍ୟତୀତ, ଟ୍ରାକ୍ ଉପରେ ଅନୁପ୍ରବେଶ ରୋକିବା ପାଇଁ ଆଧୁନିକ ସେନସର ଏବଂ ବାଡ଼ର ବ୍ୟବହାର ବୃଦ୍ଧି କରାଯିବା ଦରକାର । ଦ୍ୱିତୀୟତଃ, ଟ୍ରାକ୍ ରକ୍ଷଣାବେକ୍ଷଣରେ ଆଧୁନିକ ପ୍ରଣାଳୀ ଏବଂ ଭିତ୍ତିଭୂମିର ନିୟମିତ ଯାଞ୍ଚ ଓ ଉନ୍ନତିକରଣ ଆବଶ୍ୟକ । ପୁରୁଣା ରେଳ ଧାରଣା ଏବଂ ବ୍ରିଜ୍ ଗୁଡ଼ିକର ମରାମତି ଓ ନବୀକରଣ ଉପରେ ଗୁରୁତ୍ୱ ଦିଆଯିବା ଉଚିତ । ବିଶେଷ କରି, ବ୍ୟସ୍ତବହୁଳ ମାର୍ଗଗୁଡ଼ିକରେ ଟ୍ରାକ୍ ଗୁଣବତ୍ତାକୁ ନିୟମିତ ଭାବରେ ଯାଞ୍ଚ କରିବା ଏବଂ ତୁରନ୍ତ ତ୍ରୁଟି ସୁଧାରିବା ଅନିବାର୍ଯ୍ୟ । ତୃତୀୟତଃ, ଅସୁରକ୍ଷିତ ଲେଭଲ୍ କ୍ରସିଂ ଗୁଡ଼ିକୁ ବନ୍ଦ କରିବା କିମ୍ବା ସେଠାରେ ଓଭରବ୍ରିଜ୍/ଅଣ୍ଡରପାସ୍ ନିର୍ମାଣ କରିବା ଅତ୍ୟନ୍ତ ଜରୁରୀ । ଏଥିପାଇଁ ସରକାର ଅଧିକ ଅର୍ଥ ବ୍ୟୟ କରିବା ସହିତ ଏହି ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଉଚିତ । ଚତୁର୍ଥତଃ, ରେଳବାଇ କର୍ମଚାରୀଙ୍କୁ ଉନ୍ନତ ତାଲିମ ପ୍ରଦାନ କରିବା ଏବଂ ସେମାନଙ୍କ ଉପରେ ଥିବା କାର୍ଯ୍ୟ ଭାରକୁ ହ୍ରାସ କରିବା ଦରକାର, ଯାହା ମାନବୀୟ ତ୍ରୁଟିକୁ କମ୍ କରିବ । ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତା ମଧ୍ୟ ଯୋଗାଇ ଦିଆଯିବା ଉଚିତ । ଶେଷରେ, ସାଧାରଣ ଜନତାଙ୍କୁ ସୁରକ୍ଷା ନିୟମାବଳୀ ବିଷୟରେ ସଚେତନ କରିବା ଏବଂ ରେଳ ଧାରଣା ପାର ନହେବା କିମ୍ବା ଚଳନ୍ତା ଟ୍ରେନରୁ ଓହ୍ଲାଇବା/ଚଢ଼ିବା ଭଳି ବିପଦପୂର୍ଣ୍ଣ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବା ମହତ୍ତ୍ୱପୂର୍ଣ୍ଣ । ଏହି ଅଭିଯାନ କେବଳ ସହରରେ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ବ୍ୟାପକ ଭାବରେ କରାଯିବା ଉଚିତ ।

ଏହି ସମସ୍ୟାକୁ ଗୁରୁତର ସହ ନେଇ ସରକାର, ରେଳବାଇ କର୍ତ୍ତୃପକ୍ଷ ଏବଂ ସାଧାରଣ ଜନତା ମିଳିତ ଭାବେ କାର୍ଯ୍ୟ କରିବା ସମୟର ଆବଶ୍ୟକତା । ପ୍ରତ୍ୟେକ ଜୀବନ ମୂଲ୍ୟବାନ, ଏବଂ ଏହାକୁ ସୁରକ୍ଷା ଦେବା ଆମ ସମସ୍ତଙ୍କର ଦାୟିତ୍ୱ । କେବଳ କାଗଜପତ୍ରରେ ନୁହେଁ, ବାସ୍ତବରେ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବା ଦ୍ୱାରା ହିଁ ଆମେ ଭାରତୀୟ ରେଳବାଇକୁ ଏକ ନିରାପଦ ଏବଂ ବିଶ୍ୱାସଯୋଗ୍ୟ ଯାତ୍ରା ମାଧ୍ୟମରେ ପରିଣତ କରିପାରିବା। ଏହି ଦିଗରେ ତୁରନ୍ତ ଏବଂ କଠୋର ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ । ୨୦୨୩ର ଭୟାବହ ତଥ୍ୟକୁ ଆମେ କେବଳ ଏକ ସଂଖ୍ୟା ଭାବରେ ଦେଖିଲେ ଚଳିବ ନାହିଁ, ବରଂ ଏହାକୁ ଏକ ଚେତାବନୀ ଭାବରେ ଗ୍ରହଣ କରି ଭବିଷ୍ୟତରେ ଏପରି ମର୍ମନ୍ତୁଦ ଘଟଣାଗୁଡ଼ିକୁ ରୋକିବା ପାଇଁ ସଂକଳ୍ପବଦ୍ଧ ହେବା ଉଚିତ।

# କଳିଙ୍ଗା ଘାଟିର ଭୂବିପର୍ଯ୍ୟୟ : ପ୍ରକୃତିର ପ୍ରତିଶୋଧ




ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ




ଓଡ଼ିଶାର ଭୂସ୍ୱର୍ଗ କାଶ୍ମୀର କୁହାଯାଉଥିବା ପ୍ରାକୃତିକ ବିଭବର ଅନନ୍ୟ ଗନ୍ତାଘର ଓଡ଼ିଶାର ଦକ୍ଷିଣ ଅଂଶର ମୁଖ୍ୟ ଭାଗକୁ ଯୋଡିଥିବା କଳିଙ୍ଗା ଘାଟି ଏବେ ଭୟଙ୍କର ବିପର୍ଯ୍ୟୟକୁ ସାମ୍ନା କରୁଛି। ଲଗାଣ ବର୍ଷା ଓ ଭୂସ୍ଖଳନ ପାଇଁ ରାସ୍ତା ବିପର୍ଯ୍ୟସ୍ତ ହେବା ସହ ଘାଟି ରାସ୍ତା ଛାରଖାର ହୋଇଯାଇଛି। ଏହି ପୃଷ୍ଠଭୂମିରେ ଆମେ ଏଠାରେ ଉଲ୍ଲେଖ କରୁଛୁକି ଯେ, ନିଜର ଜୀବନ ଅନୁକୂଳ ବାତାବରଣ ପାଇଁ ପୃଥିବୀରେ ମାନବ ସଭ୍ୟତାର ସୃଷ୍ଟି। ସମସ୍ତ ବିପଦ ଆପଦକୁ ମୁକାବିଲା କରି ସଭ୍ୟତାର ବିକାଶ ସହ ପୃଥିବୀର ଭୌଗୋଳିକ ଆଉ ପାଣିପାଗ ଅନେକ ବିପଦ ଆପଦ ଓ ଦୈବଦୁର୍ବିପାକ ସଂଗଠିତ କରିଥାଏ। ଏହା ଭିତରୁ କିଛି ପ୍ରାକୃତିକ ଆଉ କିଛି ମାନବକୃତ ହୋଇଥାଏ। ବିଗତ କିଛି ଦିନ ଜଳବାୟୁ ଜନିତ ଦୁର୍ବିପାକରେ ଓଡ଼ିଶାବାସୀ ଯଥାସମ୍ଭବ ନିଜକୁ ବଞ୍ଚାଇବା ସହ ପ୍ରକୃତିର ଭାରସାମ୍ୟ ରକ୍ଷା ପାଇଁ ଉଦ୍ୟମ କରୁଛନ୍ତି। ତେବେ ଚଳିତ କନ୍ଧମାଳର କଳିଙ୍ଗା ଘାଟିର ଭୂସ୍ଖଳନ ଏକ ନିଶ୍ଚିନ୍ତ ଭାବେ ସମ୍ବେଦନଶୀଳ ଘଟଣା। ଗତ ସେପ୍ଟେମ୍ବର ୧୬ ତାରିଖରୁ ଏହି ଭୂସ୍ଖଳନ ଆରମ୍ଭ ହୋଇଥିଲା। ଏଠାରେ ସୂଚୀତ କରାଯାଇପାରେ ପୂର୍ବରୁ ବିଧିବଦ୍ଧ ଭାବେ ପକ୍କା ସଡ଼କ ନିର୍ମାଣ ହୋଇ ପ୍ରଶସ୍ତ ରାସ୍ତାଟି ନୟାଗଡ଼, ଗଞ୍ଜାମ ଜିଲ୍ଲାକୁ କନ୍ଧମାଳ ସହ ସଂଯୋଗ କରିଛି। ଏହି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବନ ବିଭଗ, ମୃତ୍ତିକା ସଂରକ୍ଷଣ ବିଭାଗ, ରାସ୍ତା ନିର୍ମାଣ ବିଭାଗ ତଥା ରାଜସ୍ୱ ବିଭାଗ ଦ୍ୱରା ସମ୍ପାଦିତ ହେଉଛି। ବିଗତ ଦିନରେ ଏହି ଅଞ୍ଚଳରେ ବନାଗ୍ନି ସହିତ ଚୋରା କାଠ ବେପାର ଯୋଗୁ ବନର ଘନତ୍ୱ ଯଥେଷ୍ଟ କମିବାରେ ଲାଗିଛି। ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା ଏହି ଅଞ୍ଚଳ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ଯୋଗାଯୋଗ ବ୍ୟବସ୍ଥା ପାଇଁ ରାସ୍ତା ପ୍ରଶସ୍ତିକରଣର ନିହାତି ଆବଶ୍ୟକତା ରହିଛି। କିନ୍ତୁ ଏ ନେଇ ବୈଜ୍ଞାନିକ ପଦ୍ଧତି ଦ୍ୱାରା ମାନବକୃତ ତ୍ରୁଟିକୁ ସମୀକ୍ଷା କରାଯିବା ଉଚିତ। ଏହା ପୂର୍ବରୁ ଉତ୍ତରାଖଣ୍ଡ ଓ କେରଳର ୱେଏନାଡ଼ ଅଞ୍ଚଳର ଭୟାବହ ବିପର୍ଯ୍ୟୟକୁ ଆମେ ଦେଖିଛେ।

ବାଦଲ ଫଟା ବର୍ଷା। ଭୟଙ୍କର ଭୂସ୍ଖଳନ, ବନ୍ୟା ବିଭୀଷିକା। ପୋଛି ନେଉଛି ଗାଁ, ରାସ୍ତା ଅବରୋଧ କରୁଛି ପାହାଡ଼ ଧସା ପଥର। କଳିଙ୍ଗା ଘାଟିରେ ଯାତାୟତ ବନ୍ଦ। ଗତ ତିନି ମାସ ହେବ ଏମିତି ଘଟଣା ସବୁ ପାଲଟିଛି ବଡ଼ ଖବର। ଓଡ଼ିଶା ସମେତ କିଛି ରାଜ୍ୟରେ ପ୍ରକୃତିର ଏଭଳି ରାଗ ମିଜାଜ୍ ଜିନ୍ତା ବଢ଼ାଇଛି। କ୍ରମାଗତ ଭାବେ ଏଭଳି ଘଟଣା କ'ଣ ମଣିଷ ଉପର ପ୍ରକୃତିର ପ୍ରତିଶୋଧ? ଆମେ ନିୟମିତ ଜଙ୍ଗଲ କାଟୁଛୁ। ମନଇଛା ପାହାଡ଼ ଖୋଳୁଛୁ। ଭଲ ମନ୍ଦ କି ଆଗତ ଭବିଷ୍ୟତ ବିଚାର ନାହିଁ। ରାତି ପାହିଲେ ପ୍ରକୃତି ଉପରେ ଆମର ନିର୍ଦ୍ଦୟ ଅତ୍ୟାଚାର। ଲକ୍ଷ୍ମଣରେଖା ମାନୁଛି ବା କିଏ? ଆମ ଶୋଷଣ ଓ ଅତ୍ୟାଚାର ଢ଼େର ମଥାପାତି ସହିଲା ପ୍ରକୃତିରାଣୀ। ଲାଗୁଛି ଏବେ ପୁରା ରାଗି ପାଚି ଲାଲ। କଡ଼ାଗଣ୍ଡା ପ୍ରତିଶୋଧ ନେବାକୁ ଅଣ୍ଟା ଭିଡ଼ିଛି। ପ୍ରକୃତିର ଯେଉଁ ଜମି, ଜଙ୍ଗଲ ଛଡ଼ାଇ ନେଇ ଆମେ ଆକାଶଛୁଆଁ କୋଠା, ସପିଂ ମଲ ଛିଡ଼ା କରାଇଥିଲୁ, ପାଣିର ଝଡ଼କାରେ ସବୁ ମାଟିରେ ମିଶିଛି। ସତେ ଯେମିତି ଆମଠୁ ନିଜ ଜମି ପୁଣି ଛଡ଼ାଇ ନେଇଛି ପ୍ରକୃତି। ବାଦଲ ଓ ନଦୀ ଆମକୁ ନାଲିଆଖି ଦେଖାଉଛି। ସହର ଭାସୁଛି କିନ୍ତୁ ହସୁଛି ପ୍ରକୃତି। ବାସ୍ତବରେ ପ୍ରକୃତି ଆମର ପରୀକ୍ଷା ନେଉଛି। ଆମକୁ ଏଣିକି ପ୍ରକୃତି ଅନୁକୂଳ ମନୋଭାବ ନେଇ ଜୀବନ କାଟିବାର ସମୟ ଆସିଛି। ପରିବେଶବିତଙ୍କ ଅଭିଯୋଗ, ନଦୀନାଳ ପରେ ଏବେ ମଣିଷ ପାହାଡ଼ ଉପରେ ଆଖି ପକାଇଛି। ଅଟ୍ଟାଳିକା, ହୋଟେଲ, ରେଷ୍ଟୋରାଁରୁ ଶିଳ୍ପ ପ୍ରକଳ୍ପ ମଧ୍ୟ ପାହାଡ଼ ତାଡ଼ି ନିର୍ମାଣ କରୁଛି। ପାହାଡ଼ର ସବୁଜିମା ଉପରେ ଜବରଦଖଲ କରି ନିଜର ଲୋଭ ପୂରଣ କରୁଛି। ଆମକୁ ପ୍ରକୃତିକ ଦେଇଛି ଅନେକ କିଛି। ବିସ୍ତୀର୍ଣ୍ଣ ବେଳାଭୂମି, ବହୁ ନଦୀ, ଝରଣା, ଘଞ୍ଚ ଜଙ୍ଗଲ ସହ ପାହାଡ଼ ପର୍ବତ ଆମ ଦେଶର ବଡ଼ ସମ୍ପଦ। ମାତ୍ର ମଣିଷର ଲୋଭ ପାଇଁ ଜୈବ ସନ୍ତୁଳନ ଏବେ ବିଗିଡ଼ିବାକୁ ବସିଛି। ମାଡ଼ି ଆସିଲାଣି ଭୟଙ୍କର ବିପଦ। ଆମ ଲୋଭରୁ ଆମେ ଏବେ ବିପଦର ଯନ୍ତାରେ। ଏ ବୁଢ଼ିଆଣୀ ଜାଲରୁ କେମିତି ମିଳିବ ମୁକ୍ତି?


କନ୍ଧମାଳର କଳିଙ୍ଗା ଘାଟି ଭୟ ଦେଖାଇଲାଣି। ଦୁଇ ଦୁଇଥର ଭୂସ୍ଖଳନରୁ ରାସ୍ତାରେ ପାହାଡ଼ର ଅତଡ଼ା। କନ୍ଧମାଳ ଜିଲ୍ଲାର ଜୀବନରେଖାରେ ଯାତାୟତ ବନ୍ଦ। କଳିଙ୍ଗାଘାଟିର ଭୂସ୍ଖଳନ ମନରେ ଛନକା ପୁରାଇଛି। ମନକୁ ପାପ ଛୁଉଁଛି। ଓଡ଼ିଶାରେ ଉତ୍ତରାଖଣ୍ଡ ଭଳି ସ୍ଥିତି କେବେ ଆସିବ କି? ବଦଳିଛି ଫୁଲବାଣୀ-ଗଞ୍ଜାମକୁ ସଂଯୋଗ କରୁଥିବା କଳିଙ୍ଗା ଘାଟି ରାସ୍ତାର ଚିହ୍ନବର୍ଣ୍ଣ। ଏ ଘାଟିରେ ପୂର୍ବରୁ ଅନେକ ଥର ପଥର ଧସିଛି। ମାତ୍ର ଏଥର ଅପେକ୍ଷାକୃତ ବନ ବଡ଼ ପଥର ଧସିଛି। ୨୦୧୩ କେଦାରନାଥରେ ବାଦଲ ଫଟା ବର୍ଷା ନିର୍ଦ୍ଦୟ ଭାବେ ଛଅ ହଜାର ମଣିଷଙ୍କ ଜୀବନ ନେଇଥିଲା। କେରଳରେ ବାଦଲ ଫଟା ବିପ୍ରାତ ମନେ ପଡ଼ିଲେ ଭୟ ଗୋଡ଼ାଉଛି। ପ୍ରକୃତିର ପ୍ରକୋପ ଆଗରେ ମଣିଷ ଅସହାୟ ହୋଇ ହାତ ଟେକି ଦେଇଥିଲା। ତଥାପି ବୃଦ୍ଧି ପଶିଲାନି। ଯେମିତି କର୍ମ ସେମିତି ଫଳ। ଗାତ ଖୋଳୁଛୁ। ସେଇ ଗାତର ନିଜେ ପଡୁଛୁ। ନିଜ ଗୋଡ଼ରେ ନିଜେ କୁରାଢ଼ି ମାରୁଛୁ। ପ୍ରକୃତି ଦେଖାଉଛି କରାଳ ରୂପ। ଲୋଭ ଓ ମୋହରୁ ଆମର ମୁକ୍ତି ବା କାହିଁ?

ପ୍ରାକୃତିକ ବିପର୍ଯ୍ୟୟ, ଭୂସ୍ଖଳନ ଓ ବିଭିନ୍ନ ଜାଗତିକ ଅଘଟଣ ଭିତରେ ଏହିଟା ସତ୍ୟ ଯେ ଆମେ ଯେଉଁ ପ୍ରଦୂଷଣ କରୁଛୁ ଏହା ଆମ ଭୂତଳ ଜଳ, ମାଟି, ନଦୀ, ସମୁଦ୍ର ଏପରିକି ଆମ ଶରୀରକୁ ବିଷାକ୍ତ କରିସାରିଛି। ଏସବୁ ଭିତରେ ଆମ ଜୀବନ ଶୈଳୀର ପ୍ରମୁଖ ଅଙ୍ଗ ପାଲଟିଥିବା ପ୍ଲାଷ୍ଟିକ କଥାକୁ ମଧ୍ୟ ଆଲୋଚନାରେ ସ୍ଥାନିତ କରାଯାଉ। ବହୁମୁଖିକା, ସ୍ଥାୟିତ୍ୱ ଓ କମ ଖର୍ଚ୍ଚ କାରଣରୁ ପ୍ୟାକେଜିଂ ଠାରୁ ନିର୍ମାଣ, ସ୍ୱାସ୍ଥ୍ୟ ସେବାଠାରୁ ପରିବହନ ପ୍ରତି କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର ଦେଖାଦେଇଛି। ୧୯୫୦ ମସିହାରେ ପ୍ଲାଷ୍ଟିକ ସମାଗ୍ରୀର ଉତ୍ପାଦନ ଦୁଇ ମିଲିୟନ ମେଟ୍ରିକ ଟନ ଥିବାବେଳେ ୨୦୨୪ ମସିହାରେ ଏହାର ପରିମାଣ ହେଉଛି ୪୬୦ ମିଲିଅନ ମେଟ୍ରିକ ଟନ। ତେବେ ସବୁଠାରୁ ବଡ଼ କଥା ହେଉଛି ପ୍ଲାଷ୍ଟିକର ବ୍ୟାପକ ପ୍ରଦୂଷଣ ସମାଜର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର କୁହାଯାଉଥିବା ସବୁଜ ବନାନୀ ଓ ପାର୍ବତ୍ୟାଞ୍ଚଳ ତଥା ଘାଟି ରାସ୍ତା ପାଇଁ ଅତ୍ୟନ୍ତ ଘାତକ ସାବ୍ୟସ୍ତ ହେଉଛି।

ପାହାଡ଼ ଉପରେ ସେଲଫି ପଏଣ୍ଟରେ ସେଲଫି ନେଉଛୁ। ରିଲସ କରୁଛୁ। ନିଜକୁ ଶାନ୍ତ କରିବାକୁ ପ୍ରକୃତି କୋଳକୁ ଧାଇଁ ଯାଉଛୁ। ହେଲେ ନିର୍ଦ୍ଦୟ ଭାବେ ସେଇ ପ୍ରକୃତିକୁ ଅଶାନ୍ତ କରି ଚାଲିଛୁ। ପ୍ରକୃତି ଜମି ଆମେ ଛଡ଼ାଇ ନେଇ ଅଟ୍ଟାଳିକା ଛିଡ଼ା କରୁଛୁ। ପ୍ରକୃତି ଇଟାର ଜବାବ ପଥରେ ଦେଉଛି। ଭୂସ୍ଖଳନ, ଭୀଷଣ ବନ୍ୟାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଘର ମାଟିରେ ମିଶୁଛି। ମଣିଷଙ୍କ ଜୀବନ ବି ଯାଉଛି। ପ୍ରକୃତି ସତେ ଯେମିତି ରାଣ ନିୟମ ଖାଇଛି, ଆମଠାରୁ ତା' ଜମି ଫେରାଇ ନେବ। କଳେ ବଳେ ବା କୌଶଳେ। ଜଳବାୟୁ ଜାରି କରିଛି ଜରୁରୀ ପରିସ୍ଥିତି। ପ୍ରାକୃତିକ ବିପର୍ଯ୍ୟୟ, ପ୍ରବଣ ରାଜ୍ୟ ଓଡ଼ିଶା। ପ୍ରାୟ ପ୍ରତିବର୍ଷ ଆମକୁ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼େ। ଭୂସ୍ଖଳନ ବିପଦର ମୁକାବିଲା ପାଇଁ ସ୍ୱଳ୍ପକାଳୀନ ନୁହେଁ ଦୀର୍ଘମିଆଦି ଯୋଜନା ଲୋଡ଼ା। ବ୍ୟାପକ ଖଣି ଓ ପଥର ବ୍ଲାଷ୍ଟିଂ ବନ୍ଦ ନହେଲେ ଭୂସ୍ଖଳନ ବିପଦ ବଢ଼ିବ। ସରକାରୀ ସ୍ତରରେ ଯେତିକି ପଦକ୍ଷେପ ନିଆଯିବ, ତା'ଠୁ ଅଧିକ ସଚେତନ ଆମକୁ ହେବାକୁ ପଡ଼ିବ। ଆମର ଅଭାବକୁ ନିୟନ୍ତ୍ରଣ କରିବାକୁ ହେବ। ପାହାଡ଼ରୁ ମନଇଛା ଗଛକଟା ରୋକିବା। ପ୍ରକୃତି ଉପରେ ଆମେ ଅତ୍ୟାଚାରରେ ତାଲା ମାରିବା। ଆସନ୍ତୁ ସୁରକ୍ଷିତ ଜୀବନ ପାଇଁ ପ୍ରକୃତିର ସୁରକ୍ଷା ପାଇଁ ଶପଥ ନେବା।


ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ମୋ:: ୯୪୩୭୨୪୨୩୧୭



# ମୁଖ୍ୟମନ୍ତ୍ରୀଙ୍କ ଅଫିସ ସୂଚନା ପାଇଲେ କିନ୍ତୁ ପୋଲିସ ପାଖରେ ନଥିଲା ସୂଚନା




ସୁବ୍ରତ କର


ପ୍ରଶ୍ନ ହେଉଛି ରାଜ୍ୟର ଗୋଇନ୍ଦା ବିଭାଗ ବା ଜିଲ୍ଲାର କରୁଛି କ'ଣ? ଜାଣି ଶୁଣି ଚୁପଚାପ ରହିଛନ୍ତି ନା ସତରେ ଏମାନେ ଜାଣିବାକୁ ଚାହୁ ନାହାନ୍ତି । ଏଇଟା ନିଶ୍ଚିତ ଏ ଘଟଣା ମଧ୍ୟ ଆଉ କିଛିଦିନ ବା ମାସ ଭିତରେ ସବୁ ଚୁପଚାପ ହୋଇଯିବ ଏବଂ ସାଧାରଣ ଜନତା ଏହାକୁ ଭୁଲିଯିବେ ଯେମିତି ପୁରୁଣା ରାଜ୍ୟପାଳଙ୍କ ପୁଅର ମାଡ଼ ଘଟଣା, କିଟସ୍ ଘଟିଥିବା ଘଟଣା, ଭରତପୁର ଥାନା ଘଟଣା ଏବଂ ଏବେ ଏବେ ଘଟିଥିବା ଶିକ୍ଷକ ନିଯୁକ୍ତି ପାଇଁ ଥିବା ପ୍ରଶ୍ନ ପତ୍ରର ଲିକ୍ ଘଟଣା । ଏହି ସବୁ ଘଟଣା ଗୁଡ଼ିକର ଫାଇଲରେ ବୋଧହୁଏ ନାଲିଫିତା ବନ୍ଧା ସରିଥିବ । ସରକାର ମଧ୍ୟ ଏହା ହିଁ ଚାହୁଁଛନ୍ତି । ସମୟ ଗଡ଼ି ଚାଲିଲେ ଲୋକେ ଭୁଲିଯିବେ ଏବଂ ଅପେକ୍ଷା କରିବେ ଆଉ ଗୋଟାଏ ଘଟଣାର ପୁନରାବୃତ୍ତି ହେବା ଯାଏ । ସବୁ ଘଟଣାର ପରିସମାପ୍ତି ପାଇଁ କିନ୍ତୁ ସରକାର ଲୋକ ଦେଖାଣିଆ କମିଟି ଗଢ଼ିଥିଲେ ହେଲେ କୌଣସି ଗୋଟିଏ କମିଟିର ରିପୋର୍ଟ ଜନ ସାଧାରଣଙ୍କ ପାଖରେ ପହଞ୍ଚି ପାରିନାହିଁ । ସବୁଠୁ ଦୁଃଖର ଘଟଣା କିଟସ୍‌ରେ ଘଟିଥିବା ଘଟଣା । ଏଠାରେ ଗୋଟାଏ ନୁହଁ ଦୁଇ ଦୁଇଟା ଘଟଣା ଘଟିଥିଲା କିନ୍ତୁ କମିଟିର ଫଳ ଶୁନ୍ । ମାଲିକ ଏବେ ରାଜ୍ୟପାଳ ଏବଂ ମନ୍ତ୍ରୀଙ୍କ ସହିତ ବସି ସଭାସମିତି କରୁଛନ୍ତି ଏବଂ ଜନସାଧାରଣ ତାହାକୁ ଦେଖୁଛନ୍ତି । କାହାରି କିଛି କରିବାର ସାହସ ନାହିଁ କାରଣ ସେ ଜଣେ କ୍ଷମତାବାନ ଏବଂ ପ୍ରତିଷ୍ଠିତ ଲୋକ । ସବୁ କ୍ଷେତ୍ରରେ କ୍ଷମତା ଥିବା ଲୋକଙ୍କର ହାତ ଥାଏ ଏବଂ ସେମାନଙ୍କୁ ସରକାର ହେଉନ୍ତୁ ବା ଶାସନକଳ୍ କେହି ଛୁଇ ପାରନ୍ତି ନାହିଁ । କୌଣସି ବେଆଇନ ହେଉ ବା ଭ୍ରଷ୍ଟାଚାର କାମଲ ଗରିବ ଲୋକ ବା ନିରୀହ ଲୋକ ଜଡ଼ିତ ହୁଅନ୍ତି ନାହିଁ କାରଣ ତାଙ୍କୁ ତ ଟଙ୍କିକିଆ ଚାଉଳ, ମାଗଣା ରେସନ ଆଉ ଭତ୍ତା ଟଙ୍କା ଆଣୁ ଆଣୁ ବେଳ ଶେଷ । ସେମାନଙ୍କ ଚିନ୍ତା କାଲି ସକାଳେ ଚୁଲି କେମିତି ଜଳିବ ଏବଂ ଗଣ୍ଡେ ଖାଇବାକୁ ମିଳିବ ।

ଏବେ ଆସିବା ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣା ପାଖକୁ । ସତରେ ଏ ପର୍ଯ୍ୟନ୍ତ ଯାହା ସବୁ ଘଟଣା ଘଟିଛି ଜାଣିଲା ବେଳକୁ ଆଶ୍ଚର୍ଯ୍ୟ ଲାଗୁଛି। ଆମ ରାଜ୍ୟର ଖଳ ଲୋକ ମାନେ କଣ ନକରି ପାରନ୍ତି । ଏହି ଘଟଣାରେ ଜଡ଼ିତ ୧୧୪ ଜଣ ପରୀକ୍ଷାର୍ଥୀ ଏବଂ ୩ ଜଣ ଦଲାଲ । ସବୁଠୁ ବଡ଼ କଥା ହେଲା ଏଥିରେ ବେଶ୍ କିଛି ଝିଅ ପିଲା ମାନେ ଜଡ଼ିତ ଏବଂ ଘଟଣାଟି ପ୍ରାୟ ରାଜ୍ୟର ୧୯ଟି ଜିଲ୍ଲାକୁ ବ୍ୟାପିଛି । ଏଥିରେ କୋର୍ଟ କୋର୍ଟ ଟଙ୍କାର କାରବାର ହେବାର ପ୍ରମାଣ ମଧ୍ୟ ପୋଲିସ ହାତରେ ପଡ଼ିଛି । ଏଥିରେ ପୁଣି ଜଣେ ପୂର୍ବତନ ଡି.ଆଇ.ଜିଙ୍କ ପୁଅ ଏବଂ ପୁତୁରାଙ୍କୁ ଜେଲ ଯିବାକୁ ପଡ଼ିଛି । ଆମେ କଣ ମାନିନେବା ଏହି ଘଟଣାରେ ୧୧୭ ଜଣଙ୍କର ସଂପୃକ୍ତି ଅଛି ନା ଆହୁରି ଅଛନ୍ତି। ନିଶ୍ଚିତ ଭାବରେ ଏହା ପଛରେ ବଡ଼ ମୁଣ୍ଡ କାମ କରିଛି ସେମାନଙ୍କୁ ଯଥାଶିଘ୍ର ସାମନାକୁ ଆଣିବା ଦରକାର ଗତିଥର ଶିକ୍ଷକମାନଙ୍କ କ୍ଷେତ୍ରରେ ବୋର୍ଡର ସଭାପତି ଏବଂ ଉପସଭାପତିଙ୍କ ସଂପୃକ୍ତି ଥିବାରୁ ଜେଲ ଯିବାକୁ ପଡ଼ିଛି । ଏ କ୍ଷେତ୍ରରେ ମଧ୍ୟ ସରକାର ବାହାଦୁର ଠିକ୍ ଭାବରେ ଚାହିଁଲେ ଅନୁସନ୍ଧାନ ଜାରି ରହିବ ଏବଂ ଅଳ୍ପଦିନ ମଧ୍ୟରେ ଜାଲରେ ବଡ଼ବଡ଼ ମାଛ ଧରାପଡ଼ିବାର ଅଛି ଏବଂ ଖାଲି ଚୁନାମାଛକୁ ଧରି ଲାଭ କଣ? ସରକାର ସଜାଗ ରହନ୍ତୁ ଏବଂ ବିଭାଗ ସଜାଗ ରହିବା ଦରକାର ।




## ହଁ - ନାହିଁ ମଝିରେ ଜୀବନ


ଜୁମର ନାଥ ପାତ୍ର




ଆଉ ତରକି ଯାଉନି ସେ
ପୋଖରୀ ହୁଡ଼ାରୁ
ତା' ତାଟି ଯାଏଁ ଲୟିଥିବା
ଡାହାଣାଙ୍କ ଆଖିକୁ ଦେଖି
ଯେମିତି ଛନକା ପଶୁଥିଲା ଛାତିରେ
ସଜ ସଜ ସନିଆଟା ଗଲା ପରେ
ସନିଆଟା ଗଲା ଯେ ଥୋଇଦେଇଗଲା
କାକୁଡ଼ି ବାଡି,ଶାଗ କିଆରି ଆଉ
ଏଇ କଞ୍ଚା ଦେହଟାକୁ
ମୋ'ର କିଏ ଦେଖେ
ସେ କାକୁଡ଼ି, ଶାଗକୁ
କ'ଣ ହବ ବା ସେସବୁ ଆଉ
ନିଜ ସଜ ଦେହଟାକୁ
ଘୋଡ଼େଇ ହବାକୁ
କସ୍ତା ଶାଢ଼ୀ ଟା ଯା' ସାହା
ଯୋଉଟା ପୋଡ଼ା ମୁହାଁ ଦେଇଥିଲା
ଗଲା କୁଆଁର ପୁନେଇଁକୁ
ସାଆନ୍ତ ବିଲରେ ଖଟିଲେ ପେଟ ପୁରେ
ବାଡ଼ ଘୁଣ ଖାଇଲାଣି
କଣ୍ଟା ଆଣି ସଳଖିବାକୁ ଆଉ ଯୁ ନାହିଁ
ଯାଉ ନଇଁଯାଉ ସେଟା

ତାଟି ଦି'ପଟ ବାଉଁଶ
ହଳକ ବି ହଲିଲେଣି
କୋଉ ଗଳି ପଡ଼ିବ ଗୋଟେ ବର୍ଷାରେ...

ମୁହଁଟା ଟାଣ ବୋଲି
ଭୋକିଲା ଆଖି ଓଠ ଥରେଇ
ଚାଲିଯା'ନ୍ତି ସିନା
କହିବାକୁ ଯୁ କାହାରି ଯୁଟେନି
ହଁ ଗାଁ କୁହାଳିଆ ମଦନା କହିଛି
ଜଳିବ ମୋ ଘରେ ଡୁମ୍ ଆଲୁଅ
ଖଦଡ଼ଖଦଡ଼ିଆ ରାମୁଲୁ କଥା ଦେଇଛି
ମୋଫତରେ ଘରଟେ
କରିଦବାକୁ ସାଆନ୍ତ କହନ୍ତି
ସବୁ ଛାଡ଼ି ଏଇଠି ରହ.., ସୁଖରେ ରହିବୁ

ମାଟିକାନ୍ଥରେ ନେସା ମସିଆ ଆଇନାଟା
ବେଳ ଅବେଳରେ ଖତେଇ ହୁଏ
ତା' ଦେହରେ ଅଟକିଯାଇଥିବା
ବାକି ଯୌବନକୁ ଦେଖି
କହେ...ଆଲୋ ମାନିଯା ସମସ୍ତଙ୍କ କଥା
ଭଲରେ ରହିବୁ
ଭଲ ଖାଇବୁ
ଭଲ ପିନ୍ଧିବୁ
ସୁଖରେ ଦିନ କାଟିବୁ...

ଏମିତି କେତେ କ'ଣ
ହେ...ମିଛେଇଟା...କହି
ମୁହଁ ଫେରେଇ ନଉ ନଉ
ଆଉ ଟିକେ ଚାହେଁ
ତା ଭିତରେ 'ମୁଁ'କୁ
ହଜି ହଜେଇବା ମନଟା ତ
ସନିଆ ସାଥିରେ ଗଲା
ଆଉ କ'ଣ ରହିଲା ଯେ...!
ସନିଆ ମୁହଁଟା ମନରୁ
ଯେତେ ଧୁଆଁଳିଆ ହଉଥାଏ
ମନ ବି ଦୂରେଇ ଦୂରେଇ ଯାଉଥାଏ
ଅଜଣା ଅମଡ଼ା ବାଟକୁ...

ଛିଃ...ପାପ ଲୋ...କି
ଭାବନା ଏଗୁଡ଼ାକ
ଛାତିରେ ପକେଇ ମିଶିଯାଏ
ଛିଡ଼ା ମସିଣା, କୋତରା କନ୍ଥାରେ
ତେଲିଆ ତକିଆ ଖୁବ୍ ଶୋଷେ
ଆଖିରୁ ନିଗିଡ଼ି ଆସୁଥିବା
ଲୁଣିଆ ଲୁହକୁ
କୋଉଠି ଖଡଖଡ ଶବ୍ଦ
କାନରେ ବାଜେ
ଡରେନି ସେ
କବାଟ କୋଣରେ
ଯେ ଶାବଳ ଡେରା...

ରାତି ପାହିଯାଏ
ରାତିର ଭାବନାକୁ ରାତି
କନ୍ଥାରେ ଛାଡ଼ି
ପୋଖରୀ ତୁଠ, ଲୁଗା ପାଲଟା,
କବାଟ କିଳିଣି ସାରି
ମିଶିଯାଏ ପୁଣି ସାଆନ୍ତ ବିଲରେ...।


+ମୋ: ୬୩୭୦୨୯୮୪୦




## ଦେଶପ୍ରେମୀ ବାଜିଆ


ସୁଧାକର ସେଠୀ




ବାଜିଆ କଥା ପଡିଲେ ମନେ
ଥରି ଯାଏରେ ଛାତି
ସେ ଲୋମହର୍ଷଣ ଦିବସ ଥିଲା
ଇତିହାସ ମୁକସାକ୍ଷୀ ।।୨।।

ଡରିଲା ନାହିଁ ଦେଲା ଜବାବ
ହୋଇ ସେ ନିରିଭିକ
ଫିରିଙ୍ଗି ନାଲିଆଖି ଗର୍ଜନ
କରିନଥିଲା ବଶ ।।୨।।

ଫିଟେଇଲା ନାହିଁ ଡଙ୍ଗା ତୁଠରୁ
କରିଲା ନାହିଁ ପାର
ବାର ବରଷ ବାଜିଆ ଆଗେ
ନଇଁ ଯାଏରେ ଶୀର ।।୨।।

ଗୋରା ଜାତି ସହିଲା ନାହିଁ
ଗର୍ଜିଲା ତାର ବନ୍ଧୁକ
ହସିହସି ସେ ଦେଲା ଜୀବନଙ୍କ
ରଖିଲା ଜାତିର ଟେକ ।।୨।।

ଗଲାଣି କେତେ ବରଷ ମାସ
ଗଲାଣି କେତେ ଯୁଗ ବିତି
ବାଜିଆ ତ୍ୟାଗ ବଳିଦାନ ଆଗେ
ମୁଣ୍ଡ ନୂଆଁଇଛି ଏ ଜାତି ।।୨।।


+ଜମ୍ବେଶ୍ୱରପୁର,ବାଲେଶ୍ୱର
ମୋ:୯୩୩୭୬୮୧୫୨୪

# ଜୀବନ ଏକ ମିଛ ମରୀଚିକା, ତଥାପି ମୁଁ ବଞ୍ଚିଛି

**ଅଞ୍ଜଳି ପାତ୍ର**





ରବି ମନେ ମନେ ଭାବୁଛି-- କାହିଁକି କେଜାଣି ସେ ଜୀବନରେ ମରୀଚିକା ପଛେ ପଛେ ଧାଉଁଛି ? କାହା ପାଇଁ ଯେ ? ଏ ଦୁନିଆରେ କିଏ ବା ଅଛି ତା'ର ? ଦିନରାତି ଏକ କରି ମୁଣ୍ଡ ଝାଳ ତୁଣ୍ଡରେ ନାଇଁ ବାସୁଆ ବଳଦ ପରି ଖଟିଚାଲିଚି। ସତରେ ମୁଁ ମଣିଷ ନାଁ ଆଉ କ'ଣ ଯେ..? ମୁଁ ତ କିଛି ବୁଝି ପାରୁନି ! ଏସବୁ ପ୍ରଶ୍ନର ଉତ୍ତର ଖୋଜିଲା ବେଳକୁ ମୋର ମୁଣ୍ଡ ଟା କେମିତି ଏକ ପ୍ରକାରର ବୁଲେଇ ଦେଉଛି , ଚାରିଦିଗେ ମତେ କେବଳ ଘନ ଅନ୍ଧାକାର ଦେଖାଯାଉଛି, ମୁଁ ସତରେ ଆଉ ଅନ୍ଧ ହେଇଗଲିନି ତ ?? ଓଃ... ଓହୋ...ହେ ପ୍ରଭୁ ..ଏ କ'ଣ ମୋର ହେଉଛି..? ଲାଗୁଛି ଯେମିତି ମୋର ତଣ୍ଟି ଶୁଖିଯାଉଛି, ଜିଭ ଧଳା ପଡ଼ି ବାହାରକୁ ବାହାରି ଆସିଛି, ପାଣି ଟୋପାଏ ପାଇଁ ଡହଳ ବିକଳ ଲାଗୁଛି।

ଦୁଇ ହାତରେ ମୁଣ୍ଡକୁ ଚାପିଧରି ସେଠି ବସିପଡ଼ି ଏପଟେ ସେପଟେ ଅନେଇ ଦେଖିଲା, ଟିକିଏ ଦୂରରେ ଗୋଟିଏ ନଈ ଥିଲା ବଡ଼ କଷ୍ଟରେ ସେଠୁ ଆସ୍ତେ ଆସ୍ତେ ଉଠି ଧିରେ ଧିରେ କୁନ୍‌ଚ୍ଛେଇ କୁନ୍‌ଚ୍ଛେଇ ଯାଇ ପାଣି ଟିକେ ପିଇ ମୁହଁ ହାତ ଗୋଡ ଧୋଇ ଭଲସେ ଟିକିଏ ଗାଧୋଇ ପଡ଼ିଲା, ତାପରେ ତା ଶରୀରେ ଜୀବନ ପଶିଲା ପରି ତାକୁ ଲାଗିଲା। କିଛି ସମୟ ସେ ସେହି ନଈ ପଠାରେ ନିଜ ହାତରେ ଧରିଥିବା ଗାମୁଛାକୁ ପାରିଦେଇ ଗଡିଲା। ଟିକିଏ ଭଲ ଲାଗିବା ପରେ ସେ ଭାବିଲା ଏଥର ଯାଉଛି ଗାଁକୁ ବାହାରି ଯିବି, ଏତେ ଖରାରେ ସକାଳୁ ବାହାରି ଆସିଛି ସହରରୁ ଦିନ ଦ୍ୱିପହରର ଏ ଖରାଟା ଆଜି ଯେମିତି ମୋର ଜୀବନ ନେଇଯାଇଥାଆନ୍ତା ... ସେ ଭଗବାନଙ୍କ କୃପା ଆଜି ଯାହା ମୁଁ ବଞ୍ଚିଗଲି। ଏମିତି କିଛି ଭାବୁ ଭାବୁ ରବିର ପାଖ ଦେଇ ସନା ବାବୁଙ୍କୁ ଭେଟିଲା ଆଉ କିଛି ଗାଁ କଥା ପଚାରିବି ବୋଲି ଭାବି ଆଗକୁ ବଢ଼ିବାରେ ଲାଗିଲା ହେଲେ ଏକ ଦେଖି ସେ ? ସେ ସନା ବାବୁଙ୍କ ମୁହଁ ରେ ରାଗ ତମ ତମ ଚାହାଣି ଯେମିତି ସତରେ ତା ଆଗକୁ ଯିଏ ଆସିବ କଞ୍ଚା ଚୋବେଇ ଖାଇଦେବ, ଏମିତି ଦେଖି ରବି କିଛି ନପଚାରି ବାଟ ଆଡ଼େଇ ଚାଲିଆସିଲା।

ଏମିତି ନଇ ପାଖରୁ ଚାଲି ଚାଲି ଆସି ଗାଁ ପାଖରେ ହେଇଗଲାଣି ଆଉ ଟିକିଏ ବାଟରେ ତା ଘର ପଡ଼ିବ ଦୂରରୁ ତା ଘରର କିଛି ଅଂଶ ଦେଖାଯାଇଛି ଯେମିତି ଘରର ଚାଳ ଆଉ ପିଣ୍ଡା। ରବି ତା ମୁଣ୍ଡର ଝାଳକୁ ପୋଛିଲା, ଝାଳ ଜୁଡୁବୁଡୁରେ ତା ପିନ୍ଧା ସାଟଟି ପୁରା ଓଦା ହୋଇ ପିଠି ପେଟରେ ଲାଗିଯାଇଛି। ଗାଁ ଲୋକେ ମାନେ ତା ଆଡକୁ ଦେଖି କ'ଣ ସବୁ ଫୁସୁରୁଫାସର ହୋଇ କଥା ହେଉଛନ୍ତି ଆଉ ଟାହିଟାପରା କରୁଛନ୍ତି। ଗାଁରେ ଥିବା ଛୋଟ ଛୋଟ ପିଲାମାନେ ଉଲଗ୍ନ ସାଇକେଲ ଟାୟାର ଧରି ଚଲେଇ ଚଲେଇ ତା ଆଡକୁ ଦୌଡି ଆସୁଛନ୍ତି। ଏସବୁ ପରିବେଶ ଦେଖି ରବଇକଉ ଟିକିଏ କେମିତି ଅଡୁଆ ଆଉ ଅସ୍ୱାଭାବିକ ପରିସ୍ଥିତି ମନେ ହେଲା। ଏମିତି ବି ସେ ବହୁତ ଦିନ ପରେ ଗାଁକୁ ଆସିଛି। କେତେବେଳେ ଯେ ? ସେ ଆସି ତା ଘର ପାଖରେ ପହଞ୍ଚିଗଲା ତାକୁ ଜଣା ପଡ଼ିଲା ନାଇଁ, ହଠାତ୍ ଦୁଆର ବନ୍ଧ ନିକଟରେ ତା ପାଦ ଅଟକି ଗଲା। ଘରର ପୁରୁଣା ଏରୁଣ୍ଡି ବନ୍ଧ ଉପରେ ଏକ ନିଃସହାୟ ଦୃଷ୍ଟି ପକାଇଲା ସେ । ତା'ର ଭଗ୍ନ ବୁକୁରୁ ଯନ୍ତ୍ରଣାର ଏକ କ୍ଷୀଣ ସ୍ୱର ବାହାରି ଆସିଲା।

ଅଗଣାରେ ଜିନିଷ ସବୁ କେମିତି ଏକ ପ୍ରକାରର ଅସ୍ତବ୍ୟସ୍ତ ହୋଇ ପଡ଼ିରହିଛି। ବହଳ ବହଳ ଧରି ଧୂଳି ଜମିପଡିଛି। ଘର ଚାରିକଡରେ ଥିବା ଅନାବନା ଗଛଲତା ସବୁ ନିଜ ନିଜର କାୟା ବିସ୍ତାର କରି ସ୍ଥିତି ଜାହିର କରୁଥିଲେ। ରବି ଏସବୁ କୁ ଦେଖି ତା ଅତୀତ କୁ ମନେ ପକଉଥିଲା।ଏ ଘର ଚାଳ ଛପର,ପିଣ୍ଡା, ଗଛଲତା ସହିତ ତା'ର ଅତୀତ ଜୀବନ ଓତଃପ୍ରୋତ ଭାବେ ଜଡ଼ିତ ଥିଲା। କେବଳ ଆଖି ମିଟି ମିଟି କରି ଚାରିଆଡ଼େ ଚାହୁଁଥିଲା ଆଉ ଭାବୁଥିଲା ମନେ ମନେ ବୋଧହୁଏ ମୁଁ କଳାପାଣି ଯାଇଥିଲି ସେଥିପାଇଁ ମତେ ଏସବୁ ଏମିତି ଦେଖାଯାଉଛି, କଳାପାଣି କଥା ଶୁଣିବା ମାନେ ରବିର ଭାରି ଡର । ରବି ସହରକୁ ଯିବା ପୂର୍ବରୁ ଗୋଟିଏ ପୁଷିକୁ ପାରିଥିଲା, ସେ ବି ଆସି ରବି ଆଗରେ ଠିଆ ହୋଇ ରବି ଦେହରେ ଘଷି ହେଇ ମ୍ୟାଉଁ, ମ୍ୟାଉଁ ଡାକ ଛାଡୁଥିଲା, ରବି ପୁଷକୁ କୋଳେଇ ନେଇଛି ଆଉ ତାର ସେ ଉଷ୍ମତାକୁ ଅନୁଭବ କରୁଛି। କିଛି ସମୟ ପରେ ଭିତରକୁ ଯାଇ ମାଆକୁ ମୁଣ୍ଡିଆ ମାରି ଭଲମନ୍ଦ ବୁଝି ହାତ ମୁଁହ ଧୋଇ ବସିଲା ଖାଇବା ପାଇଁ। ସେତେବେଳେ ତା ପାଖକୁ ପୁଷି ଚାଲିଆସିଲା ପୁଷି କୁ ଦୁଧଭାତ ଖାଇବାକୁ ଦେଲା ।

ପ୍ରଚଣ୍ଡ ଝାଞ୍ଜି ଦ୍ୱିପ୍ରହର ବେଳେ ରବି ବସାଦହି ସାଙ୍ଗେ ପଖାଳକୁ ଆଳୁଭଜା, ଶୁଖୁଆ ପୋଡ଼ ଟିକିଏ ଖାଇଦେଇ ମନ ଆନନ୍ଦରେ ଘୁଙ୍ଗୁଡ଼ି ମାରୁଛି ବାରି ଅଗଣାରେ ପଡ଼ିଥିବା ଦୌଡ଼ିଆ ଖଟଟା ଉପରେ। ବୋଉର ପ୍ରବଳ କାଶରେ ତାର ନିଦ ଭାଙ୍ଗିଗଲା ଯାଇ ଦେଖେ ତ କଫ ଖଙ୍କାର ସହିତ ରକ୍ତ ପଡୁଛି ଆଉ ବୋଉ ଧଇଁ ସଇଁ ହେଇଗଲଣିଲି, ଏତିକି ଦେଖି ବହୁତ ବ୍ୟସ୍ତ ହୋଇଗଲା, ପ୍ରବଳ ଝାଞ୍ଜି ଦ୍ୱିପ୍ରହରରେ ସେ କିଛି ଖାତିରି ନକରି ତୁରନ୍ତ ରବି ବଇଦ ଘରକୁ ବାହାରିପଡିଲା। ଡ଼ାକ ଆଣି ବୋଉକୁ ଚିକିତ୍ସା କରିବା ପାଇଁ କହିଲା, ବଇଦ ନାଡି ଦେଖି କହିଲେ ଏ ମୋ ପକ୍ଷରେ ଆଉ ସମ୍ଭବ ନୁହେଁ କହି ଫେରିଗଲେ। ସାରା ଦିନ ରବି ବୋଉ ପାଖରେ ବସି ଦେହ ମୁଣ୍ଡ ଆଉଁସି ବାରେ ଲାଗିଲା। ଟପ୍ ଟପ୍ ହୋଇ ତା ଆଖି ଲୁହ ସବୁ ବୋଉ ପାଦରେ ଉପରେ ଝରିପଡୁଛି। ସେ ସମ୍ପୂର୍ଣ ଭାବେ ନିଃସହାୟ ଏପରି ଏକ ନିଷ୍ଠୁର ସତ୍ୟକୁ ସେ ନିଜ ଆଖିରେ ଦେଖୁଛି ଆଜି। ହଠାତ୍ ରବିକୁ ଏକୁଟିଆ କରି ତା ବୋଉ ଚିରନିଦ୍ରାରେ ଶୋଇଗଲା।

ନିଜ ଆଖି ଲୁହକୁ ସେ ନିଜ ହାତରେ ପୋଛି, ମୁଖାଗ୍ନୀ ଦେଲା, ମଶାଣିରେ ସେ ନିର୍ବିକାର ଭାବରେ ଠିଆ ହୋଇ ପୋଡାକାଠର ଧୂଆଁ ଓ ପୋଡ଼ା ମାଂସର ଗନ୍ଧ ଗୁଡ଼େଇ ଗୁଡ଼େଇ ହୋଇ ଉପରକୁ ଉଠିବାର ଦେଖୁଥିଲା, ତା ସହିତ ତା ବୋଉ ସହିତ ବିତେଇ ଥିବା ଏତେ ବର୍ଷର ଅଭୁଲା ଅତୀତକୁ । ସେତେବେଳେ ତାକୁ ଅନୁଭବ ହେଉଥିଲା ସତେ ଯେମିତି ତା ବୋଉର ସ୍ନେହ ମମତା ତାଠାରୁ ଦୂରରେ ଯାଇଛି ଆଜି। ସେ ସବୁକୁ ସତଚେଷ୍ଟା କରି ଜାବୁଡ଼ି ଧରିବା ପାଇଁ ଚାହୁଁଚି ହେଲେ ପାରୁନାହିଁ। ନିଜ ଛାତିକୁ ଚାପିଧରି କୋହକୁ ଚାଟିବାକୁ ଚେଷ୍ଟା କରୁଥିଲା ନିଜକୁ ନିଜେ ବୁଝେଇ। ମାତ୍ର ତା'ର ଧୈର୍ଯ୍ୟର ବାଲିବନ୍ଧ ଦୁଃଖ ସାଗରର ଉଦବେଳିତ ଢେଉ ମାଡ଼ରେ ନିମିଷକେ ଭାଂଗିଗଲା। ଅଚାନକ,ସେ କୋହ ଫିଟାଇ କାନ୍ଦି ଉଠିଲା, କେଇ ଠୋପା ଲୁହରେ ନଈ ପଠାରେ ସେ ଶୁଖିଲା ବାଲି କିଛି ସମୟ ପାଇଁ ଓଦା ହେଇଗଲା।

ସେପଟୁ କିଛି କଥା ଆସି କାନରେ ବାଜିଲା 'ଯା' ରବି ଗାଧୋଇ ପଡି ଆ କାଳିଆ ଦାଦାଙ୍କ ତାଗିଦ୍‌ରେ ସେ ପ୍ରକୃତିସ୍ଥ ହେଲା ନିଜକୁ ସମ୍ଭାଳି।

ସେଦିନ ରାତିରେ ପୁଷି ଆଉ ସେ ଏକା ବୋଉ ଚାଲିଗଲା ପରେ ସବୁ ଯେମିତି ଖାଁ ଖାଁ ଲାଗୁଛି ତାକୁ । ଏ ସ୍ୱାର୍ଥପର ଦୁନିଆରେ ଏବେ ସେ ସମ୍ପୂର୍ଣ୍ଣ ଏକାକୀ ହୋଇପଡ଼ିଛି। ତା ଘରର କାନ୍ଥ ବାଡ଼ର ସେ ନିରବତା ଭିତରେ ପୁଷିର ସେ ମ୍ୟାଉଁ ମ୍ୟାଉଁ ଡାକ ହିଁ ସମବେଦନା ଜଣାଇଥିଲା। ଆଜି ତା'ର କେହି ନାହାନ୍ତି। ଏଇ ନିଃସଙ୍ଗତା ତାକୁ ବାରମ୍ବାର ଦଂଶନ କରୁଥିଲା, ବୋଉ ମଲା ପରେ ସେ 'କାଳିଆ' ଦାଦାଙ୍କ ଘରକୁ ନିଜର ଭାବିଥିଲା। ତାପରେ ରବି ଦାଦାଙ୍କ ସହିତ ସହରକୁ ଚାଲିଆସିଥିଲା, ଦାଦନ ଶ୍ରମିକ ଭାବେ ଖଟିବାକୁ, ଯେଉଁଠି ତାପରି ଏଠି ଅନେକ ରବି ଖଟୁଛନ୍ତି ପେଟ ଚାଖଣ୍ଡକ ପାଇଁ। ଦୈନିକ ମଜୁରୀରୁ ବେଶ୍ କିଛି ମୋଟା ଅଙ୍କର ଟଙ୍କା ସଞ୍ଚୟ କଲା।

ଏକ କ୍ଳାନ୍ତ ଅପରାହ୍ନ ରେ 'କାଳିଆ' ଦାଦା ତାକୁ କହିଥିଲେ - ଦେଖ ମୁଁ ତୋର ଏବେ ବାପା ମା ସବୁ କିଛି।ମୋ କହିବା ଟିକିଏ ମାନ। କେତେ ଦିନ ତୁ ଏମିତି ଆଉ ଅଭିଆଡ଼ା ହୋଇ ରହିବୁ ଯେ ? ଗୋଟିଏ ଭଲ ପାତ୍ରୀଟେ ଦେଖି ବାହା ହେଇଯା ! ଏକଥା ଶୁଣି ରବି ଟିକିଏ ମୁରୁକି ହସି ଦେଇ ଦେଲା।

ଆଜି କୁଆଡେ ତା ନିଜ ଗାଁରେ ଗୋଟେ ବଡ଼ ସଭା ହେବ ବୋଲି ଶୁଣିବା ପାଇଁ ପାଇଲି। କ'ଣ ଗଣ୍ଡେ ଖାଇ ଦେଇ ସେ ଗାଁରେ ଥିବା ବରଂ ଗଛ ମୂଳକୁ ଗଲା, ଦେଖିଲା ସେଠି ଗାଁ ର ସବୁ ବଡ଼ ବଡ଼ ଲୋକମାନେ ବସିଛନ୍ତି, ଗାଁ ମାମଲତଦାର ପ୍ରଧାନେ ହାତରେ ଗୋଟିଏ ବାଡି ଧରି ଆସି ବସିଲେ, ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ସଭା ଆରମ୍ଭ କରାଗଲା। ମାମଲା ଥିଲା, ଯେ 'ନରୀ' ଝିଅ 'ନଖି' ଜଙ୍ଗଲକୁ କାଠ ପାଇଁ ଯାଇଥିଲା ବେଳେ ଗାଁ ଜମିଦାର ମିଶ୍ରଙ୍କ ପୁଅ ରଞ୍ଜନ ତାକୁ ଧରି ପକାଇଥିଲା। ପ୍ରଧାନେ ପାନଛେପକୁ ଥୁ'କରି ପକାଇ, ଗାମୁଛା ରେ ଓଠକୁ ପୋଛି ନରୀକୁ ବଡ଼ ପାଟିରେ ଡାକ ଛାଡ଼ିଲେ...!

'ସାଆନ୍ତେ ମୋ ନଖି କାଠ ପାଇଁ ଆଜି ଜଙ୍ଗଲକୁ ଯାଇଥିଲା... ମୁଁ ଆଉ କିଛି କହିପାରିବିନି ସାଆନ୍ତେ। ଆଖିରେ ଲୁହ ଧାର ଧାର ବୋହିପଡୁଥିବା ଅବସ୍ଥାରେ କହିଲା ମୋ ଝିଅକୁ ପଚାରନ୍ତୁ।

ପ୍ରଧାନେ ନଖିକୁ ପଚାରିବାରୁ ସେ କହିଲା -- 'ସାନ୍ତେ ମୁଁ କାଠ ଗୋଟଉଥିଲି, ଠିକ୍ ସେହି ସମୟରେ କୁଆଡେ ଥିଲେ କେଜାଣି ? ସାନ ବାବୁ ଆସି ମୋ ଉପରକୁ ଝପଟି ପଡ଼ିଲେ। ତା'ପରେ......' ନଖି ଆଉ କିଛି ଲାଜରେ ନକହି ସେଠୁ ଦୌଡ଼ି ପଳେଇଲା।

ସାନବାବୁକୁ ଯେତେବେଳେ ପଚରାଗଲା ସେ କହିଲା -- ମଓର କିଛି ଭୁଲ ନାହିଁ। ମୁଁ ତ ମୋ କାମରେ ସେପଟ ଦେଇ ଯାଉଥିଲି ନଖି ଆମ ଆମ୍ବ ତୋଟାରେ କାଠ ଗୋଟଉଥିଲା, ନନା ତ ଏଠି ଅଛନ୍ତି ତାଙ୍କୁ ପଚାରୁନ... ମୋ ଅନିଚ୍ଛା ସତ୍ତ୍ୱେ ନଖି ଆସି ମୋତେ ଜୋରରେ ଜାକିପକେଇଥିଲା। ଆଉ ତା'ପରେ ଯାହା ସବୁ....

ଏଇ ସବୁ ମିଛ କଥା ଆଜ୍ଞା,ତାହା ମିଛ। ପୁରା ମିଛ କହୁଛନ୍ତି। ମନଗଢା ସବୁ । ମୋ ଝିଅର କିଛି ବି ଭୁଲ୍ ନାହିଁ। ଭୁଲ୍ ଯାହା ଏତିକି କି ସେ ସାଆନ୍ତେଙ୍କ ବାରିରୁ କାଠ ଆଣୁଥିଲା । ଏମିତି ତ ଏ ଗାଁର ସମସ୍ତେ ଆଣୁଛନ୍ତି। ଆଉ ମୋ ଝିଅ... ଏତିକି କହୁ କହୁ ମିଶ୍ରଙ୍କର ଗୁଣ୍ଡାମାନେ ତାକୁ ସେଠୁ ନେଇଗଲେ ସଭା ବସିଥିବା ଅନ୍ୟ ଟାଉଟର ଲୋକମାନେ ରାୟ ଦେଲେ କି ସାନ ବାବୁଙ୍କର ଏଥିରେ ତିଳେ ବି ଭୁଲ୍ ନାହିଁ, ସବୁ ଦୋଷ ଏଇ ନଖିର, ଏଣୁ ଜୋରିମାନା ବାବଦକୁ ନରୀକୁ ଗାଁ କୋଠକୁ ଦୁଇଶହ ଟଙ୍କା ଦେବାକୁ ପଡିବ।

ଏସବୁ କଥା ଶୁଣି ରବି ମନେ ମନେ ଭାବୁଥିଲା ଏଭଳି ଦୁଷ୍ଟ ପ୍ରବୃତ୍ତିର ଲୋକେ ଏମାନେ ଯେ, ଭୁଲ୍ ସାନବାବୁର ଥାଇବି ତା ପଟିଆ ହୋଇ କହି ନିଷ୍ପତ୍ତି ନେଲେ ଏଟାତ ପୁରା ଭୁଲ୍ ଆଉ ଶାନ୍ତ ସ୍ୱଭାବର ଏକ ସରଳ ନଖିକୁ ବଦନାମ କରିଦେଲେ ।

ନଖିକୁ ଶେଷରେ କୁଳଟା ଅସତୀ ବୋଲି କହିବାକୁ ବି ପଛେଇଲ ନାହିଁ। ସେଠି ବସି ଏ ନିଷ୍ପିକୁ ଶୁଣୁଥିବା ରବିକୁ ଏକତରଫା ଲାଗିଲା। ଆଉ ଏସବୁ ସମ୍ଭାଳି ନପାରି ଏକ ଜବରଦସ୍ତ ବିରୋଧ କରିବାକୁ ଯାଇ ମିଶ୍ରେ ଓ ତା ଗାଁର କିଛି ଟାଉଟର ମୁହଁରେ ଜବାବ ଦେଲା ସେ --- କହିଲା 'ଚାହାଳୀ ପଢ଼ାରେ ହିଁ ମୁଁ ଅଟକି ଯାଇଛି ସତ ହେଲେ ସତ କ'ଣ ମିଛ କ'ଣ ଏସବୁକୁ ବିଚାର କରିବା ପାଇଁ ମୋର ମଧ୍ୟ କିଛି ଶକ୍ତି ଅଛି ସାନ୍ତେ...! ଆପଣ ମାନଙ୍କ ପରି ଟାଉଟର ସର୍ବଗିଳା ମାନଙ୍କ ପାଇଁ ଆଜି ନରୀ ଦୁଇଶହ ଟଙ୍କା ଜୋରିମାନା ବାନ୍ଧିବ। ଗୋଟିଏ ଶାନ୍ତ ସରଳ ଝିଅକୁ କୁଳଟା ଅସତୀ କହି ଅପବାଦ ଦେବ ? ଏତେ ଭାବିଚିନ୍ତି ଏତେ ବଡ଼ କଥାଟେ କହିଲା ଯେ, ସେଠି ସଭାରେ ଉପସ୍ଥିତ ଥିବା ବଡ଼ ବଡ଼ ଲୋକ ମାନଙ୍କର ମୁହଁ ଲାଜରେ ଆଉ ଅପମାନରେ ତଳକୁ ଓହଳି ଗଲା ଠିକ୍ ସେତିକି ବେଳେ 'କାଳିଆ ଦାଦାଙ୍କ' କଥା ତା'ର ମନେ ପଡିଗଲା... ତୁ କେତେ ଦିନ ଏମିତି ଅଭିଆଡ଼ା ହୋଇ ରହିବୁ ? ଏକଥା ତା ମଥାକୁ ଅହରହ ପିଟିଲା । ସେ ଭାବିଲା ଏବେ ତ ସେ ଯଥେଷ୍ଟ ରୋଜଗାର କରୁଛି ଜଣକ ଜାଗାରେ ଆଉ ଦୁଇ ଜଣକୁ ମଧ୍ୟ ବେଶ୍ ଭଲସେ ପୋଷିପାରିବ। କାହିଁକି ସେ ଏ ଦୁନିଆରେ ଏକୁଟିଆ ବଞ୍ଚିବ ଯେ ? ଏତେ ବଡ଼ ଜୀବନକୁ ନେଇ ?

ସଭା ସ୍ଥଳରେ ନିରବତା ଥିବାବେଳେ ହଠାତ୍ ରବି ନଖି ହାତକୁ ଭିଡ଼ି ଆଣି ଠିଆ କଲା ଶୁଣ , ସମସ୍ତେ ଯୋଉ ନଖିକୁ ତମେ ସବୁ ଆଜି କୁଳଟା ଅସତୀ ବୋଲି କହୁଛ ସେ ନଖିକୁ ମୁଁ ଆଜି ନିଜ ସ୍ତ୍ରୀ ରୁପେ ଗ୍ରହଣ କଲି। ରବିର ଏକ କଥା ଶୁଣି ସଭାସ୍ଥଳରେ ପୁରା ନିସ୍ତବ୍ଧ ହୋଇଯାଇଥିଲା।

ଦୀର୍ଘ ଦିନର ଏକୁଟିଆ ବଞ୍ଚିବା ପତ୍ର ଆଜି ସବୁ ଅବସାନ ଘଟିଲା। ଜୀବନ ସାଥୀ ପାଇ ରବି ବି ଖୁସ୍ ଆଉ ନାଇଁ ବି ବହୁତ ଖୁସ ଅଛି। ରବି ଆଉ ନଖି, ନଖି ଆଉ ରବି । ସଂସାର କିଛି ଦିନ କରିବା ପରେ ରବି ତାର ସହର ଥିବା କର୍ମ ସ୍ଥଳକୁ ପଳେଗଲା ନଖିକୁ ତା ଗାଁ ଘରେ ଛାଡ଼ି। ସେଠି କାମ ସାରି ଯେତେବେଳେ ଘରକୁ ଫେରେ ନାଇଁ ବିନା ତାକୁ ଭାରି ଏକୁଟିଆ ଲାଗେ। ଆଗରୁ ତ ଏମିତି ଲାଗୁନଥିଲା କିନ୍ତୁ ଏବେ ଏମିତି ଲାଗୁଛି ଖାପଛଡା ପରି ମନ ଅଶାନ୍ତ।

ଠିକ୍ ସେତିକି ବେଳେ ଟେଲିଗ୍ରାମ ପାଇଲା ତାର ଗୋଟିଏ ପୁଅ ଜନ୍ମ ହେଇଛି,ଏ ଖବର ଶୁଣି ଖୁସିରେ ନାଚି ଉଠିଲା ଆଉ ମିଠା କିଣି ସମସ୍ତଙ୍କୁ ବାଣ୍ଟିଲା। ନିଜ ଭିତରେ ସେ ପିତୃତ୍ୱକୁ ଅନୁଭବ କରୁଥିଲା, ମନେ ମନେ ଭାବୁଥିଲା ପୁଅ କାହା ପରି ହେଇଥିବ ତା ପରି ନାଁ ତା ମାଆ ପରି ? ତା ନାଁ ମୁଁ କ'ଣ ରଖିବି ? ଏମିତି ଅନେକ କଥା।

କାଳିଆ ଦାଦାଙ୍କ କାମରୁ ଫେରିବା ପରେ ସବୁ କଥା ପଚାରି ବୁଝିବା ପାଇଁ ଚାହୁଁଚି ହେଲେ ଦାଦା ତ ବହୁତ ହାଲିଆ ହୋଇ ଶୋଇ ପଡିଛନ୍ତି କ'ଣ କରିବି ? ଧିରେ ଧିରେ ଯାଇ ଅଟକି ଗଲା ରବି ଦାଦାଙ୍କ ବିଛଣା ପାଖରେ, ପାଦ ଶବ୍ଦ ଶୁଣି ଦାଦା ଉଠିଗଲେ ଆଉ କହିଲେ କିରେ କ'ଣ ହେଲା ତୁ ଶୋଇନୁ ? ରବିର ଏପରି ଭାବ ଦେଖି ଦାଦା ମନକୁ ମନ କହିଦେଲ ନଖି ଭଲ ଅଛି, ଗାଁରେ ବି ସବୁ ଭଲ । ହେଲେ.... !

'ହେଲେ କ'ଣ ରବି ପ୍ରଶ୍ନ କଲା ? ହେଲେ ତୋ ପୁଅ ଟା ରୋଗରେ ପଡିଛି ଏତିକି କହି କାଳିଆ ଦାଦା କାନ୍ଦି ପକେଇଲା

ରବି ଏତିକି ଶୁଣି କାଠ ହୋଇଯାଇଥିଲା। ପିତା ହେବାର ସେ କଳ୍ପନାଟା ଯେମିତି ତାଠୁ ଦୂରେଇ ଯାଉଥିଲା। ତା'ର ଠିକ୍ ମନେପଡିଗଲା ତା ବୋଉ ଯେତେବେଳେ ତାକୁ ଛାଡି ଏ ଦୁନିଆରେ ଏକୁଟିଆ କରି ଚାଲିଯାଇଥିଲେ। ତଥାପି ସେ ନିଜକୁ ସମ୍ଭାଳି ନିଏ। ଆଉ ପୁଷିକୁ ଅନେଇ ଭାବୁଥିଲା ସେ ଦିନ ଏ ବି ତ ତା ଛୁଆକୁ ହରେଇ ବହୁ ବୋବେଇ କାନ୍ଦିଛି । ପଶୁ ହେଉ ବା ମଣିଷ ସମସ୍ତଙ୍କର ଦୁଃଖ କଷ୍ଟ ଯନ୍ତ୍ରଣା ଅଛି ପୁଷି କୁ କୋଳରେ ନେଇ ଆଉଁସି ଦେଲା। ତା'ର ସବୁ ସୁଖ ଖୁସି ସରାଗ ଲିଭିଯାଇଛି। ଶୋଷ ଟିକକ ପାଇଁ ଆଉ ସେ କେତେ ଦୂର ପର୍ଯ୍ୟନ୍ତ ମିଛ ମରୀଚିକା ପଛେ ଗୋଡାଇବ ଯେ ? ସବୁ ଅସ୍ଥାୟୀ ଏ ଦୁନିଆରେ। ତାକୁ ଲାଗୁଥିଲା ସତେ ଯେମିତି ସେ ଜବରଦସ୍ତ ନୈରାଶ୍ୟ ପରିଧି ଭିତରେ ଟାଣି ହୋଇ ଯାଇଛି ଆଜି। ଏମିତି କିଛି ଦିନ ବିତିଲା।

ଗାଁରୁ ଖବର ପାଇଲା ବହୁତ ଜୋରରେ ମହାମାରୀ ବ୍ୟାପିଛି। ଗୋଟିଏ ଗୋଟିଏ କରି ଜଣେ ପରେ ଜଣେ ସେଥିରେ ନିଜ ଜୀବନ ହାରୁଛନ୍ତି। ସେ ନିଆଁ ଲଗା ମହାମାରୀ ମୁହଁରେ ତା ନଖି ବି ଆଉ ନାହିଁ। ନିଜକୁ ସମ୍ଭାଳି ନପାରି ଛୋଟ ଛୁଆ ପାରି ଭୋ... ଭୋ... ହୋଇ କାନ୍ଦି ଉଠିଲା। ତା ଆଖି ଆଗରେ ନାଚି ଉଠିଲା 'ବୁଢ଼ା ଅସୁରୁଣୀର ମୁହଁ' ଆଉ ଅନ୍ୟ ପକ୍ଷରେ ନଖିର କଷ୍ଟ ଯନ୍ତ୍ରଣା ଲୁହର ବନ୍ୟ ଓ ଅଜସ୍ର କାତରତା ମତେ ବଞ୍ଚେଇ ଝିଅ ମୁଁ ବଞ୍ଚିବା ପାଇଁ ଚାହୁଁଚି, ମୋର ଛୋଟ ଛୁଆ ଅଛି ଏମିତି କିଛି। ଏମିତି ଭାବି ଭାବି କେତେ ବେଳେ ଯେ ତା ହାତ ଧାରୁଆ ଛୁରୀଟା ଉପରେ ପଡ଼ି ଯାଇଛି ଆଉ ସେ ତାକୁ ଧରି ଜୋରରେ ଚାପି ଦେଇଛି ତାର ଧ୍ୟାନ ନାହିଁ। ସେ ଯେତେବେଳେ ସ୍ୱଭାବ ଅବସ୍ଥା କୁ ଆସି ଦେଖେତ ତାର ପାପୁଲି କଟି ରକ୍ତ ଧାର ଧାର ବୋହିପଡୁଛି । ମଲମ ପଟି କରିଦେଲ ଦାଦା ଆଉ କହିଲେ ନିଜକୁ ସମ୍ଭାଳ ରବି । ସୂର୍ଯ୍ୟ କେତେକ ବେଳରୁ ତାଙ୍କ ମାଁ କୋଳରେ ଘୁମେଇ ପଡିଲେଣି। ତୁ ବି ଟିକେ ଶୋଇପଡ଼।

ରବି ମନେ ମନେ ଭାବିଲା ସେ କାହା ପାଇଁ ଏ ଚାକିରି କରିବ ଯେ ? ଯିଏ ତା ନିଜର ଥିଲେ ସେମାନେ ତ ଆଉ ନାହାନ୍ତି ଏ ସଂସାରରେ, ତେବେ ଏ ଟଂକା ରୋଜଗାର ମୁଁ କାହା ପାଇଁ କରିବି ? ସେ ଚାକିରୀ ଛାଡ଼ି ନିଜ ଗାଁ କୁ ଫେରିଆସିଲା। ବର୍ତମାନ ରବି ପୁରାପୁରି ନିଃସ୍ୱ, ତା ପାଖରେ ତା ଜୀବନ ବ୍ୟତୀତ ଆଉ କିଛି ନାହିଁ। ଏଇ ଜୀବନଟା କ'ଣ ଶେଷ ରେ ଶିକାର କି ? ଏତିକି ଭାବିବା ବେଳକୁ ତାର ମୁଣ୍ଡଟା କେମିତି ଗୋଟାଏ ଝାଉଁ ଝାଉଁ କରିଲା, ଦୁଇ ହାତରେ ମୁଣ୍ଡଟା କୁ ଚାପିଧରି ସେ ଘରର ଏରୁଣ୍ଡି ବନ୍ଧ ଉପରେ ଲଥ କରି ବସି ପଡ଼ିଲା।

ଏ ରଙ୍ଗୀନ ଜୀବନ କୁ ବଞ୍ଚିବା ପାଇଁ ହେଲେ ଅନେକ ବାଧାବିଘ୍ନ କୁ ସହି କାନ୍ଧରେ ବୋଝକୁ ବୋହିବା ପାଇଁ ପଡିବ। ଧଇଁ ସଇଁ ହୋଇ ମିଛ ମରୀଚିକା ପଛେ ଦୌଡ଼ ଦୌଡ଼ ମଣିଷ ଶେଷରେ ଅଟକିଯାଏ। ହେଲେ ସେତେବେଳକୁ ତାର ଆଣ୍ଠୁ ଗଣ୍ଠି ଛିଣ୍ଡି ଯାଇଥାଏ।ଶରୀର ପୀଡାର ଅସହ୍ୟ ଜ୍ୱାଳାତାକୁ ବ୍ୟତିବ୍ୟସ୍ତ କରିପକାଏ। ଏମିତି ରବି ଜୀବନରେ ଅନେକ ଝଡଝଞ୍ଜା ବୋହିଯାଇଛି ଆଗକୁ ମଧ୍ୟ ଅନେକ ଆସୁଛି। କିନ୍ତୁ ଛାତିକୁ ପଥର କରି ରବି ଏବେ ବଞ୍ଚିବା ଶିଖି ସାରିଛି। ଜୀବନର କଣ୍ଟକିତ ପଥକୁ ଏକୁଟିଆ ଅତିକ୍ରମ କରିବାର ବଜ୍ର ଶପଥ ନେଇ ସେ ବଞ୍ଚିଛି... ତଥାପି ସେ ବଞ୍ଚିଛି... ହଁ .. ହଁ... ତାକୁ ବଞ୍ଚିବା ପାଇଁ ପଡିବ ଜୀବନ ଥିଲା ଯାଏଁ ଏମିତି।

+ବରମୁଣ୍ଡା, ଭୁବନେଶ୍ୱର

# ବିଚରା ବୁଧିଆମାନେ

**ପ୍ରଫୁଲ୍ଲ ବାରିକ**



ଶ୍ରାବଣ ସରିବାକୁ ବସିଲାଣି । ବିଲକାମ ସରିଆସୁଛି । ଆଉ ଦିନ କେଇଟାରେ ଚାଷୀ ଉଠିବେ ବିଲରୁ । ସୁରଟିଆପୁଅ କହିଛି, ଟଙ୍କା ପଠେଇବ । ଚାଷ ହେବ । ଅନେଇ ଅନେଇ ବୁଢ଼ିଆ ଆଖିରୁ ପାଣି ମଲାଣି । କୋଉଦିନ ପଠେଇବ ? ଆଉକଣ ଚାଷ ସଇଲେ ?

ଭରଷା ତୁଟେଇ ପୁଅ ଉପରୁ ବୁଧିଆ ଟଙ୍କା ଚାରିହଜାର ଆଣିଲା ସୁଧକୁ । ଚାଷୀ ହାରିଲେ ବରଷେ । ଖାଇବେ କ'ଣ ? ଭାଗ୍ୟଭଲ ରଜ ପରେପରେ ତଳା ଦି'ପଉଟି ପକେଇଥିଲା । ବଢ଼ି ଶୋଇଲାଣି ।

ବୁଧିଆ ହଳବଳ ଜୁଟେଇ ଯମି ଦି'ମାଣ କଲା ଉଠିଆ । ମଥାରୁ ଚିନ୍ତା ଗଲା । ପଛେପଛେ ପୁଅ ଫୋନକଲା ଟଙ୍କା ପଠେଇକି ।

ଏତେଟଙ୍କା ! କେବେ ପଠାଏନି । ବୁଧିଆ ଶୁଖିଲା ଓଠ ଗୋଲାପି ଉଠିଲା । ଆଗ ଶୁଝିଦେଲା ଉଧାରି । ରହିଲେ ବଢିବ ସୁଧ । ହଜାରେ ରଖିଲା ହାତରେ ସାର ଔଷଧ ପାଇଁ । ବାକୀ ରହିଲାଣି ପାଞ୍ଚହଜାର । ଏତେ ଟଙ୍କା କେବେ ରହେନା ହାତରେ । ବୁଧିଆ ମନଖାଲି ଉଡିବାରେ ଲାଗିଲା । ବସିଲେ ଉଠିଲେ ସେଇଚିନ୍ତା । ଟଙ୍କା କ'ଣ ରହେ ? ଲକ୍ଷ୍ମୀ ଚଞ୍ଚଳା । ଦିନ କେଇଟାରେ ଧରିଯିବ ବାଟ । ବୁଧିଆ ଭାବିଲା କୋଉଗୋଟେ କାମରେ ଲଗେଇଲେ ଦି'ପଇସା ବାହାରନ୍ତା । କୋଉଥିରେ ଲଗେଇବ ? ଯାଏ ଯଦି ମୂଳରୁ ? ଭାବି ଚାଲିଥାଏ ରାତିଦିନ । ଅଳ୍ପ ଧନ, ବିକଳ ମନ । କୂଳ କିନାରା ପାଉନଥାଏ ।

ରାତି ଅଧରେ ବୁଧିଆ ଉଠେଇଲା ତା ସ୍ତ୍ରୀ ଲକ୍ଷ୍ମୀଙ୍କୁ । କଞ୍ଚା ନିଦରୁ ଉଠି ଲକ୍ଷ୍ମୀ ଆଖି ମଳି ମଳି କହିଲା, କାଇଁ ଡାକିଲ ? ମଣିଷକୁ ଟିକେ ଶୁଏଇ ଦେବନି ଶାନ୍ତିରେ ? କୁହ କ'ଣ ? ବୁଧିଆ କହିଲା, କ'ଣ କହୁଥିଲିକି, ଆଗକୁ ଦୁର୍ଗାପୂଜା । ପଂଚାୟତ ପୂଜା ବଢୁଛି ଧୀରେ ଧୀରେ । ବଢୁଚିବି ଲୋକଗହଳି । ବିକ୍ରୀ ବଟା ।

--- ତ' ରାତିଟାରେ ସେକଥା କାଇଁକି ?

ଲକ୍ଷ୍ମୀ କହିଲା ବିରକ୍ତିରେ ।

---- ଶୁ'ଣୁ, ଭାବୁଛି ଏବର୍ଷ ଆମେ ଦୋକାନ ଦେବା ସେଠି । ଟଙ୍କା ପାଞ୍ଚହଜାର ଅଛି ହାତରେ । କିଛି କରିବା ।

---- ପାଞ୍ଚ ହଜାରରେ କ'ଣ ହୋଟେଲ କରିବ, ନା ମନୋହରୀ ?

ଲକ୍ଷ୍ମୀ ମୁହଁରେ ତାଚ୍ଛଲ୍ୟ ।

ବୁଧିଆ ବୁଝେଇଲା, ଏତେକୁ ବଳନାଇଁ । ଆମ ଶକ୍ତିନେଇ ଆମ ବେପାର । ମୁଁ ଭାବିଛି ଚିନା ବାଦାମ ଦୋକାନ ଦେବା । ବସ୍ତାଏ କଞ୍ଚାବାଦାମ ଆଣିଲେ ବେପାରକୁ କାଫି । ତୁ ଆଞ୍ଚ ଲଗେଇ ବସି ଭାଜିବୁ । ମୁଁ ବିକିବି । ଗରମ ତଟକା ଭଜା ବାଦାମକୁ ଲୋକଙ୍କ ପସନ୍ଦ ଭାରି । କ'ଣ କହୁଚୁ ?

--- ଠିକ କଥା ମନକୁ ଆଣିଚ । ଏବେ ଶୋଇପଡ । ପୂଜା ଆସୁ ଆଗ ।



ଦେଖାଯିବ।

କହିଦେଇ ଲକ୍ଷ୍ମୀ ଶୋଇଗଲା ଆଖିବୁଜି । ବୁଢ଼ିଆ ବୁଣୁଥାଏ ଅନ୍ଧାରରେ କଳ୍ପନାର ଜାଲ। ରୂପରେଖ ଆଙ୍କୁଥାଏ ମନରେ ଭବିଷ୍ୟତର ।

ପୂଜା ଆସିଲା । ଜମିଲା ପଂଚାୟତ ମେଢ଼ ସମେତ ପଡିଆ । ଖୁନ୍ଦି ହେଇଗଲେ ଦୋକାନ ଧାଡିକିଧାଡି । ଖାଇବା ଜିନିଷଠୁ ନାନା ଲୋଭନୀୟ ସାମଗ୍ରୀ । ବୁଧିଆ ପଡିଆ ମୁଣ୍ଡକୁ ଟିକେ ଖୋଲାଜାଗା ଦେଖି ପାରିଲା ତା ଡେରା । ଚାରିଖଣ୍ଡ ବାଡ଼ିପୋତି ବାନ୍ଧିଲା ବେଡ଼ସିଟ ଭିଡ଼ିକି । ତଳେ ପକେଇଲା ଛୋଟ ତକ୍ତପୋଷ । ଗୋଟେପାଖକୁ ରଖିଲା କଞ୍ଚାବାଦାମ ବସ୍ତା । ତା ପାଖକୁ ଆଞ୍ଚ । ଲକ୍ଷ୍ମୀ ଆଁଚରେ କୋଇଲା ପକେଇ ବସି ଭାଜିଲା ବାଦାମ । ଗରମ ଭଜାବାଦାମ ଢଳାଗଲା ଖଟରେ । ନିକିତି ଧରି ବସିଲା ବୁଧିଆ ।

ଆରମ୍ଭଦିନ ରାତି ଦଶକୁ ଲୋକ ପତଳା ଦେଖି ବୁଢ଼ିଆ ସାଜ ସରଞ୍ଜାମ କାନ୍ଧ ଭାରରେ ଧରି ଲକ୍ଷ୍ମୀସହ ଫେରିଲା ଘରକୁ। କାରବାରରେ ଉଭୟେ ଖୁସି । ଆଗକୁ ଯିବାକୁ ଆଗ୍ରହ।

ପରଦିନ ଖରାବେଳ ଗଡେଇ ସଜପାଟ ଧରି ବାହାରି ଗଲେ ଦି'ପ୍ରାଣୀ। ଆରମ୍ଭ କରିଦେଲେ ବେପାର । ଆରମ୍ଭ ହେବାର ଘଣ୍ଟାଟିଏ ଯାଇଛି କୋଉଠି ଥିଲା କଳାବାଦଲ ଖଣ୍ଡେ ଓହଳି ପଡିଲା ଆକାଶରୁ । ଅନଉ ଅନଉ ଘୋଟିଗଲା ଅନ୍ଧାର । ଦିନ ଲାଗିଲା ରାତିପରି । ସମସ୍ତଙ୍କ ଆଖିଯାଇ ଆକାଶରେ । ସୁଲୁକେଇଲା ପବନ ଧୀରେଧୀରେ ଯେ ମୁହୂର୍ତ୍ତ ଅନ୍ତେ ବଢିଗଲା ବେଗ । ଝାଲକାଏ ପବନରେ ତା ଚାଦର ଉଡି ପଡିଲା ଯାଇ ପଡିଆ ବାହାରେ । କିଛିଗୋଟା ଅଘଟଣ ଘଟିବା ଭୟରେ ତ୍ରସ୍ତ ସମସ୍ତେ । ଅକ୍ତିଆର କରୁଥାଆନ୍ତି ଆପଣା ସଜସମାନ । ଆରମ୍ଭ ହେଇଗଲା ବର୍ଷା । ଲକ୍ଷ୍ମୀ ଆଞ୍ଚ ନିଭାଉଥିବା ବେଳେ ବୁଧିଆ ଭଜା ବାଦାମକୁ ବୋରାରେ ସାଇତିଲା ତରବରରେ । ବର୍ଷା ବଢିବା ଦେଖି ବୁଧିଆ ଭଜାବାଦାମ ଦେଇ ପଠେଇଦେଲା ଲକ୍ଷ୍ମୀକୁ ପଂଚାୟତ ବାରଣ୍ଡାକୁ । ନିଜେ କଞ୍ଚାବାଦାମ ବୋରାକୁ ଧରି ବସିଲା ଖଟତଳେ ଜାକିଜୁକି ହେଇ । ପବନ ବର୍ଷାରେ ଫାଟି ପଡୁଥାଏ ମେଦିନୀ ।

ମାରିଲା ବିଜୁଳିଟାଏ । ଆଲୁଅ ହେଇଗଲା ଗୋଟାପଡିଆ। ଜଳନ୍ତା ଖଣ୍ଡାପରି ବୁଲି ଆସିଲା ଆଲୁଅଧାରେ ପଡିଆ ଏମୁଣ୍ଡରୁ ସେମୁଣ୍ଡ । ପଛେପଛେ ଚଡ଼ଚଡି । କଲିଜା ଛିଣ୍ଡିଯିବକି ଆଉ ? ଆକାଶ ଫାଟି ଦି'ଫାଳ ହେଇଗଲା ଯିମିତି ।

ନିମିଷକରେ ଛାଡିଗଲା ବର୍ଷା । ବନ୍ଦବି ହେଇସାରିଥିଲା ପବନ । ପୃଥିବୀ ଫେରି ସାରିଥିଲା ପୂର୍ବସ୍ଥିତିକୁ । ଢେଉ ଭାଙ୍ଗୁଥାଏ ପଡିଆରେ ପାଣି । ସମସ୍ତେ ନିଜନିଜର ଡେରା ସଜାଉଥିବାବେଳେ ଲକ୍ଷ୍ମୀ ଖୋଜୁଥାଏ ବୁଧିଆକୁ । ଆଖିପଡିଲା ଖଟତଳକୁ । ବାଦାମ ବୋରାକୁ କୁଣ୍ଢେଇ ବୁଧିଆ ଶୋଇଛି ପାଣିଟାରେ । ଲକ୍ଷ୍ମୀ ଡାକିଲା । ବୁଢ଼ିଆ କି ଶୁଣେ ? ଦି' ତିନିଥର ଡାକର ଜବାବ ନପାଇବାରୁ ଲକ୍ଷ୍ମୀ ନଇଁପଡି ହଲେଇ ଦେଲା ବୁଧିଆକୁ । ଢଳି ପଡିଲା ବୁଧିଆ ହାତରୁ ବାଦାମ ବୋରା । ଲକ୍ଷ୍ମୀ ଅନେଇଥାଏ ଭେଲକା ହେଇ। କ'ଣ ହେଲା ବୋଲି ତାର ହାଲୁକା ଶୁଖିଗଲା । ପାଟିକରି ଡାକିଲା ସମସ୍ତଙ୍କୁ । ଅଧଘଣ୍ଟାରେ ଲୋକ ରୁଣ୍ଡହେଇଗଲେ। ସମସ୍ତଙ୍କ ମୁହଁରେ ଆହା.. ଚୁ ଚୁ... । ଲକ୍ଷ୍ମୀ ଗଡୁଥାଏ ପାଣିରେ ମୁଣ୍ଡପିଟି।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫

# ଐତିହାସିକ ପାରମ୍ପରିକ ଦଶହରା ବଦଳ ଯାତ୍ରା ଶେଷ : ଅଶ୍ରୁଳ ନୟନରେ ମା' ଦୁର୍ଗାଙ୍କୁ ବିଦାୟ ଦେଲେ ଭୁବନବାସୀ

ଭୁବନ, ୦୫/୧୦ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନରେ ଐତିହାସିକ ପାରମ୍ପରିକ ତଥା ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଥିବା ବେଳେ ମା ଦୁର୍ଗାଙ୍କୁ ଅଶ୍ରୁଳ ନୟନରେ ବିଦାୟ ଦେଇ ପୁଣି ଆସନ୍ତା ବର୍ଷକୁ ଅପେକ୍ଷା ବର୍ଷକୁ ଅପେକ୍ଷା କରିଛନ୍ତି ଭୁବନବାସୀ। ବିଜୟା ଦଶମୀ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହେଇଥିଲା ଐତିହାସିକ ତଥା ପାରମ୍ପରିକ ବଦଳ ଯାତ୍ରା। ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଳଦ ଯାତ୍ରା ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବଳଦ ଯାତ୍ରା ମୁଖ୍ୟ ପରିଚାଳକ ଦିଲ୍ଲୀପ କୁମାର ଦାସ, ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଏନ୍ ଏ ସି ନିର୍ବାହୀ ଅଧିକାରୀ ପ୍ରଦତ ସାହୁ,ଏସ ଡି ପି ଓ ରଜନୀ କାନ୍ତ ସାମଲ, ଥାନାଧିକାରୀ ଜିତେନ୍ଦ୍ର ମଲ୍ଲିକ ଯୋଗଦେଇଥିଲେ। ଅତିଥିଙ୍କ ସହ ଶାନ୍ତି କମିଟି ର ସମସ୍ତ ସଭ୍ୟଙ୍କୁ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବଳଦ ଯାତ୍ରାର ସ୍ରଷ୍ଟା ଥୋରିଆ ସମାଜ ତରଫରୁ ରୀତିନୀତି ଅନୁଯାୟୀ ବଳଦ ଯାତ୍ରା ଅନୁକୂଳ କରିଥିଲା। ସମୁଦାୟ ୩୧ଟି ବଳଦ ଓ ଦୁଇଟି ଷଣ୍ଢ ଗୁଜୁରୀ ହାଟରୁ ଯାତ୍ରା ଆରମ୍ଭ କରି ସହର ପରିକ୍ରମା କରିଥିଲେ। ଏକାଦଶୀ ସନ୍ଧ୍ୟାରେ ପାଲା ମଣ୍ଡପ ଠାରେ ଚିତାକର୍ଷକ ରାବଣ ପୋଡ଼ି ଓ ଆତସବାଜି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ନଗରପାଳ ଶ୍ରୀମତୀ ମାନିନୀ ସାହୁ, ବଳଦ ଯାତ୍ରା ମୁଖ୍ୟ ଦିଲ୍ଲୀପ ଦାସ, ନାରୀନେତ୍ରୀ ଶ୍ରୀମତୀ ସାଗରିକା ମିଶ୍ର, ବିଜେପି ନେତା ଅରୁଣ ନାୟକ, ଏସ ଡି ପି ଓ ରଜନୀ କାନ୍ତ ସାମଲ ଯୋଗଦେଇଥିଲ। ରାତ୍ର ୮ଟା ସମୟରେ ଆରମ୍ଭ ହୋଇଥିଲା ପ୍ରସିଦ୍ଧ ଦଶହରା ବଳଦ ଯାତ୍ରାର ଅନ୍ତିମ ପର୍ବ ତଥା ମା ଦୁର୍ଗା ଙ୍କ ଭସାଣି ଶୋଭାଯାତ୍ରା। ଏଥିରେ ସମୁଦାୟ ୩୦ ଟି ବଳଦ,୨ ଟି ଷଣ୍ଢ,୧୧ ଟି ଦୁର୍ଗା ମେଢ଼ ଓ ୨ ଟି ହର ପାର୍ବତୀ ମେଢ଼ ସାମିଲ ହୋଇଥିଲେ। ପାରମ୍ପରିକ ବାଦ୍ୟ, ଲୋକ ନୃତ୍ୟ ଓ ଡିଜେ ସାଉଣ୍ଡ ର ତାଳେ ତାଳେ ଯୁବ ଗୋଷ୍ଠୀ ମତୁଆଲା ନୃତ୍ୟ କରିଥିଲେ। ପୂର୍ବାହ୍ନ ୧୦ଟା ସୁଦ୍ଧା ସମସ୍ତ ମେଢ଼ ନୂଆ ବଜାରରେ ପହଂଚିବା ପରେ ମେଲଣ ଅନୁଷ୍ଠିତ ହୋଇଥିଲା। ହରିବୋଲ ହୁଳହୁଳି ଘଂଟ ଘଂଟା ଧ୍ୱନୀରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇପଡ଼ିଥିଲା। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ/ ଦର୍ଶକ ଅଶ୍ରୁଳ ନୟନ ରେ ମା ଦୂର୍ଗା ଙ୍କ ବିଦାୟ ଦେଇ ଅପେକ୍ଷା କରିଥିଲେ ଆସନ୍ତା ବର୍ଷକୁ। କାମାକ୍ଷା ନଗର ଏସ ଡି ପି ଓ ଙ୍କ ତତ୍ୱାବଧାନରେ ୫୦ ରୁ ଊର୍ଦ୍ଧ୍ୱ ପୋଲିସ ଅଫିସର, ୫ ପ୍ଲାଟୁନ ଫୋର୍ସ ଓ ଶାନ୍ତି କମିଟି ସଦସ୍ୟ ମାନେ ଯାତ୍ରାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ପ୍ରଥମ ଥର ପାଇଁ ଶାନ୍ତି କମିଟିର ନିଷ୍ପତି ଅନୁଯାୟୀ ପ୍ରଶାସନ ସକାଳ ୭ ଘଟିକା ସମୟରେ ସାଉଣ୍ଡ ବନ୍ଦ କରି ଦେଇଥିଲା।

## ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ

ବଲାଙ୍ଗୀର, ୦୫/୧୦ (ନି.ପ୍ର): ମେରା ଯୁବା ଭାରତ, ବଲାଙ୍ଗୀର(ଭାରତ ସରକାରଙ୍କ ଯୁବ ଓ କ୍ରିଡ଼ା ବ୍ୟାପାର ବିଭାଗ) ଓ ଅଧ୍ୟାତ୍ମ ଜ୍ଞାନ ମନ୍ଦିର, କାଳିଝରଣର ମିଳିତ ସହଯୋଗ ଦ୍ୱାରା ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା। ମନ୍ଦିର ମୁଖ୍ୟ ପରିଚାଳକ ନୂତନ କୁମାର ଭୋଇ ବରିଷ୍ଠ ନାଗରିକମାନଙ୍କ ପ୍ରତି ପରିବାରର ସଦସ୍ୟମାନଙ୍କର ଦାୟିତ୍ୱ ଓ କର୍ତବ୍ୟ ଏବଂ ବରିଷ୍ଠ ନାଗରିକମାନଙ୍କର ନିଜସ୍ୱ ଶାରୀରିକ ଓ ମାନସିକ ସଚେତନତା ଉପରେ ସଚେତନ କରାଇଥିଲେ।

# ଧାମନଗର କଲେଜର ଏନଏସଏସ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ଭଦ୍ରକ, ୦୫/୧୦ (ନି.ପ୍ର): ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଭାରତ ସରକାର ଅଧିନସ୍ଥ ତଥା ଏନଏସଏସ ବ୍ୟୁରୋ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ,ଧାମନଗର କଲେଜ +୩ କୋ-ୟୁନିଟର ଜାତୀୟ ସେବା ଯୋଜନା ଦ୍ୱାରା ଆୟୋଜିତ ସାତ ଦିନିଆ ଦୁର୍ଗାପୂଜା ସ୍ୱତନ୍ତ୍ର ସେବା ଶିବିର-୨୦୨୫, ୨୮ ସେପ୍ଟେମ୍ବର ୨୦୨୫ ରବିବାର ରୁ ଆରମ୍ଭ ହୋଇ,୦୪ ଅକଟୋବର ୨୦୨୫ ଶନିବାର ଦିନ ଉଦଯାପିତ ହୋଇଯାଇଛି ।ନନ୍ଦୀପୁର ସ୍କୁଲ ଠାରେ ଉଦଯାପନ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ବେଜ ସଭାପତିତ୍ୱ କରିବା ସହ ଛାତ୍ର ଜୀବନରେ ପାଠ ପଢା ସହିତ ସେବା ମଣିଷକୁ ଲକ୍ଷ୍ୟ ସ୍ଥଳରେ ପହଂଚାଏ ବୋଲି ଉଦାହରଣ ମାଧମରେ ବୁଝାଇଥିଲେ। ଏନଏସଏସ ଜିଲ୍ଲା ପ୍ରୋଗ୍ରାମ ଅଫିସର,ଅଧାପକ କମଳାକାନ୍ତ ଓଝା ମୁଖ୍ୟ ଅତିଥି ଭାବେ ଯୋଗ ଦାନ କରି ସ୍ୱଚ୍ଛାସେବୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା ସହିତ ଏନଏସଏସ ର ସୃଷ୍ଟି, ଲକ୍ଷ୍ୟ ଓ ଉପକାରିତା ବିଷୟରେ ଆଲୋକ ପାତ କରିଥିଲେ। ଅନ୍ୟ ମାନଙ୍କ ମଧରେ ଶିକ୍ଷାବିତ ପ୍ରିୟରଞ୍ଜନ ସାମଲ, ରାମ ଚନ୍ଦ୍ର ବେହେରା, ୱାର୍ଡ ମେମ୍ବର ବାସନ୍ତୀ ବେହେରା , ଆଶା କର୍ମୀ ପ୍ରତିଭା ସାହୁ ଆଦି ଉପସ୍ଥିତ ରହି ସେବାର ମହତ୍ୱ ବିଷୟରେ ଆଲୋଚନା କରିଥିଲେ ।ପ୍ରୋଗ୍ରାମ ଅଫିସର ଡ଼ ମନୋଜ କୁମାର କର ସାତ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମ ବିଷୟରେ ବିବରଣୀ ରଖିଥିଲେ। ଅଧାପିକା ଗୀତାଞ୍ଜଳି ଦେବତା ସ୍ୱେଚ୍ଛାସେବୀ ମାନଙ୍କର ସେବାମନୋବୃତି ଓ କର୍ତବ୍ୟନିଷ୍ଠା ବିଷୟରେ ଆଲୋଚନା କରିଥିଲେ ।ଏହି ଶିବିରରେ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ,ଆଇନଜୀବୀ, ଫାର୍ମାସିଷ୍ଟ,ଯୋଗ ଗୁରୁ,ଅଗ୍ନି ନିର୍ବାପକ ଶିକ୍ଷା, ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭାଇ ଭଉଣୀମାନେ ବିଭିନ୍ନ କ୍ଷେତ୍ରରେ ଶିକ୍ଷା ଦେବା ସହ, ବୃକ୍ଷ ରୋପଣ, ଗ୍ରାମରେ ସାକ୍ଷରତା ପଦଯାତ୍ରା,ଦୁର୍ଗାପୂଜା ମଣ୍ଡପ ଓ ଗ୍ରାମ୍ୟ ଶୈବ ପୀଠରେ ସ୍ୱଚ୍ଛତା, ଛତୁଚାଷ ପଦ୍ଧତି ଜ୍ଞାନ କୌଶଳ ଆଦି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।ଏହି ଶିବିରରେ ସମୁଦାୟ ୪୬ ଜଣ ସ୍ୱଚ୍ଛାସେବୀ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ କରାଇଥିଲେ।

# ଅପରେସନ ଚକ୍ର ଅଭିଯାନରେ ୭ ଜୁଆଡ଼ି ଗିରଫ

ପୁରୀ, ୦୫/୧୦ (ନି.ପ୍ର): ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ଅପରେଶନ ଚକ୍ର ଅଭିଯାନରେ ଜୁଆଖେଳ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏହି ଅଭିଯାନରେ ସତ୍ୟବାଦୀ ଥାନା ଓ ଚନ୍ଦନପୁର ଥାନା ପୋଲିସ ଦ୍ୱାରା ଅଲଗା ଅଲଗା ଚଢ଼ାଉ କରାଯାଇ ମୋଟ ୭ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ଚନ୍ଦନପୁର ଥାନା ପୋଲିସ ୫ ଜଣ ଜୁଆଡ଼ିଙ୍କୁ ଗିରଫ କରି ୭୫୦ ଟଙ୍କା ଜବତ କରିଛି ଓ ଖେଳ ସାମଗ୍ରୀ ଜବତ କରିଛି। ସତ୍ୟବାଦୀ ଥାନା ପୋଲିସ ମଧ ୨ ଜଣ ଜୁଆଡିଙ୍କୁ ଗିରଫ କରି ୮,୧୫୦ ଟଙ୍କା ଓ ଜୁଆଖେଳର ସାମଗ୍ରୀ ଜବତ କରିଛନ୍ତି। ପୁରୀ ଜିଲ୍ଲାରେ ଏହି ବର୍ଷ ମୋଟ ୧୩ଟି ମାମଲା ରୁଜୁ ହୋଇଛି। ଚନ୍ଦନପୁର ଥାନାରେ ୩ଟି, ସଦର ଥାନାରେ ୫ ଟି, ସତ୍ୟବାଦୀ ଥାନାରେ ୨ଟି, ବାସେଲୀସାହି ଥାନାରେ ୧ଟି ଓ ଚାରିଛକ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ମୋଟ ୬୭ ଜଣ ଜୁଆ ଖେଳରେ ଜଡ଼ିତ ଅପରାଧିଙ୍କୁ ଗିରଫ କରି ୪ଲକ୍ଷ ୭୫ହଜାର ୬୯୦ଟଙ୍କା ଜବତ୍ କରାଯାଇଛି। ଜନସାଧାରଣ ଯଦି ନିଜ ଅଂଚଳରେ ଏପରି ଜୁଆଖେଳ ଚାଲୁଥିବା ଦେଖନ୍ତି, ତେବେ ଦୟାକରି ୧୧୨ ନମ୍ବରରେ କଲ୍ କରନ୍ତୁ କିମ୍ବା ନିକଟସ୍ଥ ଥାନାକୁ ଜଣାନ୍ତୁ। ପୁରୀ ପୋଲିସ ଅପରାଧ ଦମନ ଓ ସମାଜରେ ଶାନ୍ତି-ଶୃଙ୍ଖଳା ରକ୍ଷା ପାଇଁ ସଦା ପ୍ରତିବଦ୍ଧ।

# ଜାରକା ଅଂଚଳରେ ସିରିଜ ଚୋରି : ଅଭିଯୁକ୍ତଙ୍କ ନିକଟରେ ପଂହଚିପାରୁନି ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ

ଧର୍ମଶାଳା, ୦୫/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଜାରକା ନିକଟସ୍ଥ ଜାମୁବଣିଆ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତମାନେ କବାଟ ତାଲା ଓ ଝରକା ଗ୍ରୀଲ କାଟି ସିରିଜ ଚୋରି କରିଛନ୍ତି । ସୂଚନା ମୁତାବକ ଜାମୁବଣିଆ ଗ୍ରାମରେ ଦୁଇମହାଲା କୋଠା ଘରେ ରହୁଥିବା ଭାନୁଦେବ ପତି ଦୁର୍ଗା ପୂଜା ପାଳନ ପାଇଁ ସପରିବାର ନିଜ ପୈତୃକ ଘର ରାମଚନ୍ଦ୍ରପୁର ଯାଇଥିବା ବେଳେ ତାଙ୍କ ତଳମାହାଲାରେ ଭଡା ସୂତ୍ରରେ ରହୁଥିବା ବାଙ୍କ ସାହି ଗ୍ରାମର ପ୍ରଦ୍ୟୁମ୍ନ ନାୟକ ଶ୍ରାଦ୍ଧ କାମରେ ସପରିବାର ଗାଁକୁ ଯାଇଥିଲେ । ଉଭୟ ତଳମହଲା ଓ ଉପରମହଲାରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତମାନେ ଗେଟ ତାଲା ଭାଙ୍ଗି ଘର ପରିସରକୁ ଯାଇ କବାଟ ତଲା ଭାଙ୍ଗି ଘରେ ପଶି ଭାନୁ ଦେବଙ୍କ ଘରୁ ୧୩ ଭରି ସୁନା ଅଳଙ୍କାର ଓ ପ୍ରଦ୍ୟୁମ୍ନଙ୍କ ଘରୁ ୫ ଭରି ସୁନା ଅଳଙ୍କାର ସହ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି । ସେହିପରି ସେଠାରେ ଥିବା ଅବସରପ୍ରାପ୍ତ ପ୍ରଧ୍ୟାପକ ଚନ୍ଦ୍ରମଣି ନାୟକଙ୍କ ଘରେ ପଶି ୨୦ ଭରିରୁ ଉର୍ଦ୍ଧ ରୁପା ଅଳଙ୍କାର ଚୋରୀ କରିନେଇଛନ୍ତି । ଏଭଳି ସିରିଜ ଚୋରୀ ଧର୍ମଶାଳା ଥାନା ଅଂଚଳରେ ଏକ ଚର୍ଚ୍ଚାର ବିଷୟ ହୋଇଛି । ପାଖ ପଡୋଶୀଙ୍କ ଠାରୁ ଘରର ତାଲା ଭାଙ୍ଗିଥିବା ଖବର ପାଇ ଘର ମାଲିକ ଭନୁଦେବ ପହଂଚି ଚୋରୀ ହୋଇଥିବା ଜାଣିବା ପରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଚନ୍ଦ୍ରମଣି ନାୟକ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୁଲିସ ୬୨୧/ ୨୫ ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଁଚି ସନ୍ଧାନୀ କୁକୁର ଓ ସାଇନଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଥିଲେ ହେଁ ଦୁର୍ବୃତଙ୍କ କୌଣସି ଟେର ପାଇପାରି ନାହାଁ । ଅନ୍ୟପକ୍ଷରେ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାରେ ୪ଜଣ ଦୁର୍ବୃତ ଏହି ଲୁଟ ଘଟଣାରେ ସମ୍ପୃକ୍ତ ଥିବାର ଦୃଶ୍ୟ କଏଦ ହୋଇଛି । ଘର ମାଲିକ ଭାନୁଦେବ ନିଜ ଝିଅ ବାହାଘର ପାଇଁ ବଡ଼ କଷ୍ଟରେ ସାଇତି ରଖିଥିବା ସମସ୍ତ ସୁନା ଅଳଙ୍କାର ଲୁଟ ହୋଇଯିବା ପରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ଗତ କିଛି ମାସ ହେବ ଧର୍ମଶାଳା ଥାନା ଓ ଏହାର ଆଖ ପାଖ ଅଞ୍ଚଳରେ ବାରମ୍ବାର ଚୋରି କରିବାରେ ଦୁର୍ବୃତ ମାନେ ସଫଳ ହେଉଛନ୍ତି। ହେଲେ ପୁଲିସ କେବଳ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଚୋରମାନଙ୍କୁ ଧରିବାରେ ଅସଫଳ ହୋଇଛି ।

# ଚମ୍ପୁଆ ଉପ ଡାକଘରୁ ଚୋରି

କେନ୍ଦୁଝର, ୦୫/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଥାନା ଅନ୍ତର୍ଗତ ଚମ୍ପୁଆ ଉପ ଡାକଘରେ କଳାକନା ବୁଲାଇଲେ ଦୁର୍ବୃତ। ସୂଚନା ଅନୁଯାୟୀ, ଗତରାତି କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ଚମ୍ପୁଆ ଥାନା ସମ୍ମୁଖରେ ଥିବା ଉପଡାକଘରୁ ଚୋରୀ ହେଇଛି। ଡାକଘର ପଛପଟ କବାଟର ତାଲା ଭାଙ୍ଗି ଚୋରୀ ହୋଇଥିବା ନେଇ ଆଜି ସକାଳୁ ଡାକଘର କର୍ମଚାରୀ ଦେଖିବାକୁ ପାଇଥିଲେ । ଚୋରମାନେ ଡାକଘର ପଛପଟ କବାଟ ତାଲା ଭାଙ୍ଗି ଚୋରୀ କରିବା ନେଇ ପୋଷ୍ଟ ମାଷ୍ଟରଙ୍କୁ ସୂଚନା ମିଳିବା ପରେ ଏନେଇ ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି ପୋଷ୍ଟମାଷ୍ଟର ତପସ୍ୱୀନୀ ପାତ୍ର । ଅଭିଯୋଗ ପାଇ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ଡାକଘର ତାଲା ଭାଙ୍ଗି ଚୋରମାନେ ଭିତରେ ଥିବା ଆଲମାରୀ ଓ ପୋଷ୍ଟ ମାଷ୍ଟରଙ୍କ ବାକ୍ସ ଭାଙ୍ଗି ନଗଦ ଟଙ୍କା ଚୋରୀ କରିଛନ୍ତି। ଡାକଘର ଭିତର ଟ୍ରେଜେରୀ ଭାଙ୍ଗିବାକୁ ମଧ ଚେଷ୍ଟା କରିଥିଲେ ସୁଦ୍ଧା ଟ୍ରେଜେରୀ ଭାଙ୍ଗିବାରେ ବିଫଳ ହେଇଥିବା ବେଳେ ଚୋରମାନେ ଯିବା ବେଳେ ଡାକଘର ସିସିଟିଭି ର ହାର୍ଡଡିସ୍କ ନେଇଯାଇଥିବା ଜଣାପଡିଛି। ଏଯାଏଁ ଚୋରୀ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିନାହିଁ । ତେବେ ପୋଲିସ ସାଇଂଟିଫିକ୍ ଟିମ୍ ର ସହାୟତା ନେଇଥିବା ବେଳେ ଟିମ୍ ପହଂଚିବା ପରେ ଚୋରୀ ସମ୍ପର୍କରେ ସବିଶେଷ ସୂଚନା ମିଳିପାରିବ ବୋଲି ଜଣାପଡିଛି।

## ବେକରେ ଶାଢି ଲଗାଇ ଯୁବକର ମୃତ୍ୟୁ

ଜୟପୁର, ୦୫/୧୦ (ନି.ପ୍ର): ଜୟପୁର ଗୋପବନ୍ଧୁ ନଗରରେ ଜଣେ ଯୁବକ ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ଯୁବକ ଜଣକ ହେଲେ ଗୋପବନ୍ଧୁ ନଗର ହରି ନାୟକ (୨୯) । ସୂଚନା ଅନୁଯାୟୀ, ଗୋପବନ୍ଧୁ ନଗରରେ ଗତକାଲି ରାତ୍ରରେ ହରି ନାୟକ ବେକରେ ଶାଢି ଲଗାଇ ଆତ୍ମହତ୍ୟା କରିଥିଲେ । ପରିବାର ଲୋକ ହରିକୁ ଉଦ୍ଧାର କରି ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଜୟପୁର ଟାଉନ ପୋଲିସ ୨୩/ ୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଆଜି ଶବ ବ୍ୟବଛେଦ କରି ଅପରାହ୍ନ ୧ଟା ସମୟରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବିଷୟ ଟାଉନ ଥାନା ଅଧିକାରି ଇଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି । ମୃତ ହରିଙ୍କ ନିଜ ଘର ବ୍ରହ୍ମପୁର ହୋଇଥିବା ବେଳେ ଜୟପୁରରେ ମାଛ ବିକ୍ରୟ କରୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ।

# ଚାନ୍ଦବାଲିରେ ପୋଲିସ ଓ ଅବକାରୀ ବିଭାଗ ଆକ୍ସନ ମୁଡ଼ରେ: ଗୋଟିଏ ମାସରେ ୬୬ରୁ ଅଧିକ ଚୋରା ମଦ ବେପାରୀ ଓ ଧଳା ଜହର ବେପାରୀ ଗିରଫ

ଭଦ୍ରକ, ୦୫/୧୦ (ନି.ପ୍ର): ଚାନ୍ଦବାଲି ଅଂଚଳରେ ଦୀର୍ଘଦିନ ଧରି ଚୋରା ମଦ ଓ ଧଳା ଜହର ବେପାରୀ ମାନଙ୍କ ପାଇଁ ଚାନ୍ଦବାଲି ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସର ମୁଣ୍ଡ ବିନ୍ଧାର କାରଣ ସାଜିଥିଲା। ସାଧାରଣ ଲୋକଙ୍କୁ ସସ୍ତାରେ ମିଳୁଥିବା ଏହି ମାରାତ୍ମକ ଧଳା ଜହର ଚାନ୍ଦବାଲି ସମସ୍ତ ଗ୍ରାମାଂଚଳ ମାନଙ୍କରେ ତାର କାୟା ବିସ୍ତାର କରିଥିବା ବେଳେ, ଚାନ୍ଦବାଲି ଅବକାରୀ ବିଭାଗ ଆଖିରେ ଧୂଳି ଦେଇ ନିଜର କାୟା ବିସ୍ତାର କରୁଥିଲେ ଏହି ଧଳା ଜହର ବେପାରୀ ସାଙ୍ଗକୁ ଚୋରା ମଦ ବେପାରୀ। ଏବେ ଆକ୍ସନ ମୋଡ଼ରେ ଚାନ୍ଦବାଲି ଅବକାରୀ ବିଭାଗ ସାଙ୍ଗକୁ ସାନୀୟ ପୋଲିସ। ଆଜିର ଯୁବପିଢ଼ି ମାନେ ବିଭିନ୍ନ ନିଶା କବଳରେ ପଡି ଚୋରି ଡକାୟତି ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି। ଏହାକୁ ନଜରରେ ରଖି, ଚାନ୍ଦବାଲି ପୋଲିସ ଓ ଅବକାରୀ ବିଭାଗ ସମନ୍ୱୟ କରି ବିଶେଷ ଅଭିଯାନ ଆରମ୍ଭ କରିଥିଲେ। ଗୁପ୍ତ ସୂଚନାର ଆଧାରରେ ଦିନରେ ଓ ରାତିରେ ଛାପା, ସଡ଼କରେ ଗାଡ଼ି ତଲାଶୀ କରାଯାଇଥିଲା। ୬୬ରୁ ଅଧିକ ବେପାରୀଙ୍କ ଗିରଫ ସାଙ୍ଗକୁ ଅବକାରୀ ବିଭାଗ ପକ୍ଷରୁ ୭୪ଗ୍ରାମ ଧଳା ଜହର ଜବଦ କରିବା ସହିତ ଆସାମୀ ମାନଙ୍କୁ ଗିରଫ କରାଯାଇଛି, ଧଳା ଜହରର ନିମାନିକ ମୂଲ୍ୟ ୮ ଲକ୍ଷ୍ୟ ଟଙ୍କାରୁ ଅଧିକ ହେବ, ଅନ୍ୟପଟେ ଅବକାରୀ ବିଭାଗ ଓ ଚାନ୍ଦବାଲି ପୋଲିସ ଗୋଟିଏ ମାସରେ ୫୬୦ରୁ ଅଧିକ ଦେଶୀ ଓ ବିଦେଶୀ ମଦ ଜବଦ କରିବା ସହିତ ୬୬ ଜଣଙ୍କୁ ଗିରଫ କରାଯାଇଥିବା ଦେଖିବାକୁ ମିଳିଛି। ଗୋଟିଏ ମାସରେ ହିଁ ୬୬ରୁ ଅଧିକ ଚୋରା ମଦ ବେପାରୀଙ୍କୁ ଧରିବାରେ ସଫଳ ହୋଇଛନ୍ତି କାନୁନ ରକ୍ଷା ବଳ। ଏଥିରେ କିଛି ପୁନରାବୃତି ଅଭିଯୁକ୍ତ ମଧ ରହିଛନ୍ତି, ଯେମାନେ ଆଗରୁ ମଧ ଏହି ଅପରାଧରେ ଜଡିତ ଥିଲେ ।ତା'ଛଡା,ଅବକାରୀ ବିଭାଗ ହାତକଡିରେ ପଡ଼ିଛି କୁଖ୍ୟାତ ଧଳା ଜହର ବେପାରୀ। ସେଥିରୁ ୭୪ଗ୍ରାମ ପରିମାଣର ବ୍ରାଉନ ସୁଗାର ଓ କେତେକ ଆଧୁନିକ ସାଧନସାମଗ୍ରୀ ଜବତ ହୋଇଛି। ଅବକାରୀ ବିଭାଗର ଏକ ଅଧିକାରୀ ସନ୍ଦୀପ ପାଢ଼ୀ କହିଛନ୍ତି "ଗତ ଗୋଟିଏ ମାସରେ ସ୍ଥାନୀୟ ପୋଲିସ ଏବଂ ଅବକାରୀ ବିଭାଗ ୬୬ରୁ ଅଧିକ ବେପାରୀ ମାନଙ୍କୁ ଗିରଫ କରାଗଲା। ଏହି ଅଭିଯାନ ଆଗାମୀଦିନରେ ଆହୁରି ଜୋରଦାର ହେବ।" ଚାନ୍ଦବାଲି ପୋଲିସ ପକ୍ଷରୁ ମଧ ଜଣାଯାଇଛି। ସାଧାରଣ ଲୋକଙ୍କ ସହଯୋଗରେ ଏହି ଚକ୍ରକୁ ଚିରକାଳ ପାଇଁ ଭାଙ୍ଗିବାରେ ପୋଲିସ ପ୍ରତିବଦ। ଜିଲ୍ଲା ଅବକାରୀ ସୁପାରିଟେଂଟ ନରୋତମଃ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଚାନ୍ଦବାଲି ଅବକାରୀ ଅଧିକାରି ହ୍ନସମ ସନ୍ଦୀପ ପାଢ଼ୀ,ଉମେଶ କୁମାର ମହଲା, ରାଜଲକ୍ଷ୍ମୀ ଦତ, ଅନବଦତ୍ୟ ବାରିକ ମିଳିତ ଉଦ୍ୟମରେ ଏହା ସଫଳ ହୋଇଛି ।ଚୋରା ମଦ ଓ ଧଳା ଜହରରେ ଯୁବପିଢ଼ି ନଷ୍ଟ ହେଉଥିଲା। ଏଭଳି କାର୍ଯ୍ୟ ପାଇଁ ଚାନ୍ଦବାଲି ଥାନା ଅଧିକାରୀ ପରେଶ ମିହାନ୍ତି ଓ ଚାନ୍ଦବାଲି ଅବକାରୀ ଅଧିକାରୀ ସନ୍ଦୀପ ପାଢ଼ୀଙ୍କ ପାଇଁ ଆମେ ଆନନ୍ଦିତ। ପ୍ରଶାସନ ଏହିପରି ଅଭିଯାନ ଜାରି ରଖୁ ।ଚାନ୍ଦବାଲିରେ ଚୋରା ମଦ ଓ ଧଳା ଜହର ବ୍ୟବସାୟକୁ ସମୂଳେ ଉଜାଡ଼ିବାକୁ ପୋଲିସ ଓ ଅବକାରୀ ବିଭାଗ ଗୁରୁତ୍ୱ ସହିତ କାର୍ଯ୍ୟ କରୁଛନ୍ତି। ଗୋଟିଏ ମାସରେ ୬୬ରୁ ଅଧିକ ଗିରଫ ସାଧାରଣ ଲୋକଙ୍କୁ ଆଶାଦାୟୀ କରିଛି। କିନ୍ତୁ, ଏହି ଅପରାଧୀୟ ଚକ୍ରର ମୁଖ୍ୟ ମାଷ୍ଟରମାଇଣ୍ଡ କିଏ, ସେଥିନେଇ ପ୍ରଶ୍ନ ଏବେବି ଅସମାହିତ।

# ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୦୫/୧୦ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପୌରସଂସ୍ଥା କର୍ମଚାରୀ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ମଣ୍ଡଳର ସଦସ୍ୟାମାନଙ୍କୁ ନେଇ ଅନୁଷ୍ଠିତ ଏକ ବିଶାଳ ପଦଯାତ୍ରା ଓ ଗଣଦୌଡକୁ ଜିଲ୍ଲାପାଳ ରଘୁରାମ ଆର ଅୟାର ଉଦ୍‌ଘାଟନ କରିଥିଲେ । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଓ ଗଣ ଦୌଡ ସହର ପରିକ୍ରମା କରି ପୌରସଂସ୍ଥା କାର୍ଯ୍ୟାଳୟ ପରିସର ରେ ପହଁଚିବା ପରେ ଅଂଶ ଗ୍ରହଣ କରିଥିବା ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱଚ୍ଛତା ହିଁ ସେବା ସଂପର୍କରେ ପୌରାଧକ୍ଷା ସରିତା ସାହୁ ଉଦ୍‌ବୋଧନ ଦେଇ ନିଜେ ସ୍ୱଚ୍ଛ ରହିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ଏକ ମୌଳିକ କର୍ତବ୍ୟ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ଆୟୋଜତ ବିଭିନ୍ନ ପ୍ରତିଯୋଗତା ଓ ଗଣଦୌଡ ରେ ସଫଳ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୌରାଧକ୍ଷା ପୁରସ୍କୃତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଉପାଧକ୍ଷା ଆକବରୀ ଖାତୁନ, କାଉନସିଲର ନିରାକାର ସ୍ୱାଇଁ, ସୁକୁମାର ଚୌଧୁରୀ, ଉମେଶ ଚନ୍ଦ୍ର ନାୟକ।

# ବ୍ରହ୍ମପୁର-ସୁରତ ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସର ନିୟମିତ ସେବାକୁ ଅନୁମୋଦନ

ଭୁବନେଶ୍ୱର , ୦୫/୧୦ (ନି.ପ୍ର): ରେଳ ମନ୍ତ୍ରଣାଳୟ ପଶ୍ଚିମ, ମଧ ଏବଂ ପୂର୍ବ ଭାରତରେ ଦୀର୍ଘ ଦୂରତା ରେଳ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଟ୍ରେନ ନମ୍ବର ୧୯୦୨୨/ ୧୯୦୨୧ ବ୍ରହ୍ମପୁର-ସୁରତ (ଉଧନା)-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ସେବାର ନିୟମିତ ସେବାକୁ ଅନୁମୋଦନ କରିଛି। ଏହି ନୂତନ ଟ୍ରେନ୍ ସେବା ଖଣିଜ, ବୟନଶିଳ୍ପ ଏବଂ ବାଣିଜ୍ୟ କେନ୍ଦ୍ରଗୁଡ଼ିକୁ ସଂଯୋଗ କରି, ବ୍ୟବସାୟ ଏବଂ ଶ୍ରମଶକ୍ତିର ଗତିବିଧିକୁ ସମର୍ଥନ କରି ଆର୍ଥିକ ଏବଂ ଶିଳ୍ପ ଗତିଶୀଳତାକୁ ବୃଦ୍ଧି କରିବ। ସୂଚନା ଅନୁଯାୟୀ ଟ୍ରେନ ନମ୍ବର ୧୯୦୨୨ ବ୍ରହ୍ମପୁର-ସୁରତ (ଉଧନା) ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ ୬ ଅକ୍ଟୋବର ଠାରୁ ପ୍ରତି ସୋମବାର ରାତି ୧୧ ଘ. ୪୫ ମିନଟରେ ବ୍ରହ୍ମପୁରରୁ ଛାଡ଼ିବ ଏବଂ ବୁଧବାର ସକାଳ ୦୮ ଘ. ୪୫ ମିନଟରେ ଉଧନାରେ ପହଞ୍ଚିବ। ଫେରିବା ବେଳେ ଟ୍ରେନ୍ ନମ୍ବର ୧୯୦୨୧ ସୁରତ (ଉଧନା)-ବ୍ରହ୍ମପୁର-ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ୍ ୫ ଅକ୍ଟୋବରରୁ ପ୍ରତି ରବିବାର ସକାଳ ୦୭ ଘ.୧୦ ମିନଟରେ ଉଧନାରୁ ଛାଡିବ ଏବଂ ପରଦିନ ଅପରାହ୍ନ ୧ଘ. ୫୫ ମିନଟରେ ବ୍ରହ୍ମପୁରରେ ପହଞ୍ଚିବ।

ଏହି ଟ୍ରେନ୍ ପଲାସା, ବିଜୟନଗରମ୍, ରାୟଗଡା, ଟିଟିଲାଗଡ଼, ରାୟପୁର, ନାଗପୁର, ଭୁସାୱାଲ ଏବଂ ନନ୍ଦୁରବାର ସମେତ ପ୍ରମୁଖ ଷ୍ଟେସନରେ ରହଣି କରିବ। ଟ୍ରେନ ଶ୍ରୀକାକୁଲମ୍ ରୋଡ୍, ବୋବିଲି , ପାର୍ବତୀପୁରମ୍, ମୁନିଗୁଡା, କେସିଙ୍ଗା, କାଣ୍ଟାବାଞ୍ଜି, ଖରିଆର ରୋଡ୍, ମହାସମୁନ୍ଦ, ଦୂର୍ଗ, ଗୋଣ୍ଡିଆ, ୱାର୍ଧା, ବଡ଼ନେରା, ଆକୋଲା, ମାଲକାପୁର, ଜାଲଗାଓଁ, ଧାରଣଗାଓଁ , ଅମଲନେର, ସିନ୍ଧଖେଡ଼ା, ଦୋନ୍ଦାଇଚ, ନୱାପୁର, ବ୍ୟାରା ଏବଂ ବାରଡୋଲି ଷ୍ଟେସନଗୁଡ଼ିକରେ ରହଣି କରିବ। ଅମୃତ ଭାରତ ଟ୍ରେନ୍ ସେବା ଆଧୁନିକ ଏଲଏଚବି କୋଚ୍ ସଂଯୋଗ ସହିତ ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିବ ।ଟ୍ରେନରେ ୨୨ଟି ଆଧୁନିକ ଶ୍ରେଣୀ କୋଚ୍ ରହିବ ଯେଉଁଥିରେ ୧୧ ଟି ଜେନେରାଲ୍ ଶ୍ରେଣୀ ସିଟିଂକୋଚ, ୦୮ ଟି ସ୍ଲିପର୍ ଶ୍ରେଣୀ କୋଚ, ୦୨ ଟି ଲଗେଜ୍ କମ ଦିବ୍ୟାଙ୍ଗଜନ କୋଚ୍ ଏବଂ ୦୧ଟି ପ୍ୟାଣ୍ଟ୍ରି କାର୍ ଅନ୍ତର୍ଭୁକ୍ତ ।ଏହି ସେବା ପଶ୍ଚିମ ଏବଂ ପୂର୍ବ ଭାରତ ମଧରେ ରେଳ ସଂଯୋଗକୁ ସୁଦୃଢ଼ କରିବା ସହିତ ଏକ ନିରାପଦ, ଆରାମଦାୟକ ଏବଂ ଦ୍ରୁତ ଯାତ୍ରା ବିକଳ୍ପ ପ୍ରଦାନ କରି ହଜାର ହଜାର ଯାତ୍ରୀଙ୍କୁ ଉପକୃତ କରିବ।

ଅମୃତ ଭାରତ ଏକ୍ସପ୍ରେସ ଦୀର୍ଘ ଦୂରତା ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାର ଆଧୁନିକ ଡିଜାଇନ୍, ସୁଲଭ ଭଡ଼ା ଏବଂ ଏଲଏଚବି କୋଚ୍, ଏହି ସେବା ବିଶେଷ କରି ମଧମ ବର୍ଗର ଯାତ୍ରୀମାନଙ୍କୁ ଉପକୃତ କରିବ ଯେଉଁମାନେ ଆଞ୍ଚଳିକ ଅଭିବୃଦ୍ଧି ଏବଂ ଜନ କୈନ୍ଦ୍ରିକ ବିକାଶରେ ଯୋଗଦାନ ଦେବା ସହିତ ସୁଲଭ ଯାତ୍ରା ଉପରେ ନିର୍ଭର କରନ୍ତି ।

## ଚାକିରୀ ପିତଳରେ ରହୁଛନ୍ତି ହିଞ୍ଜିଳିକାଟୁରେ

ଗଞ୍ଜାମ, ୦୫/୧୦ (ନି.ପ୍ର): ଶେରଗଡ ବ୍ଲକର ପିତଳ୍ ଅଂଚଳ ପାଇଁ ନିଯୁକ୍ତି ପାଇଥିବା ଏଲଏଚଭି ପିତଳ ହେଡକ୍ୱାଟର୍ସରେ ନରହି ଏଠାରୁ ଆଠ କିଲୋମିଟର ଦୂର ହିଞ୍ଜିଳିକାଟୁ ବ୍ଲକର ହିଞ୍ଜିଳିକାଟୁରେ ରହୁଛନ୍ତି। ପିତଳ ଅଂଚଳ ପାଇଁ ନିଯୁକ୍ତି ପାଇଥିବାରୁ ସେ ମାସିକ ହଜାର ହଜାର ଟଙ୍କା ଦରମା ବାବଦରୁ ରାଜକୋଷରୁ ଲୁଣ୍ଠନ କରୁଛନ୍ତି। ମାସକ ମଧରେ ସେ ମାତ୍ର ଚାରିଦିନ ଏଠାକୁ ଆସି ମାସକ ଯାକର କାର୍ଯ୍ୟ ଦେଖାନ୍ତି। ଏହାଦ୍ୱାରା ଏ ଅଂଚଳର ଶିଶୁ ମହିଳା ମାନେ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଛନ୍ତି। ଗଞ୍ଜାମ ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ପୋଲିସ୍ ଏସ୍.ଆଇ. ନିଯୁକ୍ତି ମହାଦୁର୍ନୀତିର ବିଚାର ବିଭାଗୀୟ ତଦନ୍ତ ପାଇଁ ସି.ପି.ଆଇ.(ଏମ୍)ର ଦାବି

ଭୁବନେଶ୍ୱର , ୦୫/୧୦ (ନି.ପ୍ର): ପୋଲିସ୍ ଏସ୍.ଆଇ. ନିଯୁକ୍ତି ମହାଦୁର୍ନୀତୀ ସଂପର୍କରେ ବିଚାର ବିଭାଗୀୟ ତଦନ୍ତ କରାଇ ପ୍ରକୃତ ଦୋଷୀ ଏବଂ ର୍‌ୟାକେଟ୍‌ରେ ସଂପୃକ୍ତ ସମସ୍ତଙ୍କୁ ଲୋକଲୋଚନକୁ ଆଣିବା ପାଇଁ ସି.ପି.ଆଇ.(ଏମ୍) ତରଫରୁ ଦାବି କରାଯାଇଛି। ବର୍ତ୍ତମାନର ଘଟଣା ଏବଂ ପୂର୍ବର ଘଟଣା ଗୁଡ଼ିକ ସଂପର୍କରେ ପରସ୍ପର କାଦୁଅ ଫୋପଡ଼ା ଫୋପଡ଼ିରେ ଲିପ୍ତ ରହି ଖବରକାଗଜର ଶିରୋନାମାରେ ସ୍ଥାନ ପାଇବା ମଧଦେଇ ମୁଖ୍ୟ ଆସାମୀ ଓ ସମଗ୍ର ର୍‌ୟାକେଟ୍‌କୁ ଲୋକଲୋଚନରୁ ଲୁଚାଇ ଦେବା ପାଇଁ ଉଦ୍ୟମ କରାଯାଉଛି ବୋଲି ସି.ପି.ଆଇ.(ଏମ୍) ବିଚାର କରୁଛି । ଖୋଦ୍ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଗୃହ ବିଭାଗର ଦାୟିତ୍ୱରେ ରହିଛନ୍ତି, କିନ୍ତୁ ବିଜ୍ଞପ୍ତି ପ୍ରକାଶ ସମୟରୁ ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ହେବ ଏହି କାରବାର ଗୁଡ଼ିକ ସଂପର୍କରେ କୌଣସି ଖବର ନପାଇବା ଏବଂ ହଠାତ୍ ଖବର ପାଇ ତଦନ୍ତ ନିର୍ଦ୍ଦେଶ ଦେଲେ ବୋଲି ପ୍ରଚାର କରାଇ ଯେଉଁ ସାବାସୀ ନେବା ପାଇଁ ଚେଷ୍ଟା କରୁଛନ୍ତି ତାହା ଅତ୍ୟନ୍ତ ହ୍ୟାସ୍ୟାସ୍ପଦ । ରାଜ୍ୟରେ ବିଜେପି କ୍ଷମତାସୀନ ହେବାପରେ ଆଜି ପର୍ଯ୍ୟନ୍ତ ପ୍ରାୟ ସମସ୍ତ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିବା ଉଦ୍ଦେଶ୍ୟରେ "ପ୍ରଶ୍ନପତ୍ର ଲିକ୍"କୁ ଏକ ବ୍ୟବସାୟିକ ଶିଳ୍ପରେ ପରିଣତ କରିଛନ୍ତି । ଏହା ଫଳରେ ନିଯୁକ୍ତି ପାଇବା ପାଇଁ ଅପେକ୍ଷାରତ ଅହରହ ପରିଶ୍ରମ କରି ଲକ୍ଷ ଲକ୍ଷ ଟଙ୍କା ଦେଇ ଆବେଦନ କରିଥିବା ହଜାର ହଜାର ବେକାର ଯୁବକ-ଯୁବତୀଙ୍କୁ ପ୍ରତାରଣା କରାଯାଉଛି । ପରୀକ୍ଷା ପରିଚ୍ଚଳନାର ଦାୟିତ୍ୱ ନେଇଥିବା ଠକ ସଂସ୍ଥାର ମାଲିକ ସିଧାସଳଖ ବିଜେପି ସହିତ ସଂପୃକ୍ତି ଥିବାର ଅଭିଯୋଗ ହେଉଛି । ପୋଲିସ୍ ଏସ୍.ଆଇ. ନିଯୁକ୍ତି ପ୍ରକ୍ରିୟା ପୋଲିସ୍ ବିଭାଗ ଦ୍ୱାରା ନିୟନ୍ତ୍ରଣ ଓ ପରିଚାଳନା କରାଯାଉଥିବା ବେଳେ ସେହି ବିଭାଗୀୟ ଅଧିକାରୀମାନଙ୍କ ସଂପୃକ୍ତିକୁ ଧରିବା ପାଇଁ ସେହି ପୋଲିସ୍ ବିଭାଗକୁ ଦାୟିତ୍ୱ ଦେବା ଜନଗଣଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜିବା ସହ ସମାନ ବୋଲି ସି.ପି.ଆଇ.(ଏମ୍) ମନେ କରେ । ତେଣୁ, ଏହିପରି ଏକ ମହାଦୁର୍ନୀତି ଘଟଣାର ତଦନ୍ତ ଜଣେ ବିଚାରପତିଙ୍କ ଦ୍ୱାରା କରାଇ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ସହିତ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା ପାଇଁ ସି.ପି.ଆଇ.(ଏମ୍) ତରଫରୁ ଦାବି କରାଯାଉଛି । ଉପରୋକ୍ତ ଦାବି ଉପରେ ସାରା ରାଜ୍ୟରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ନେବା ପାଇଁ ସି.ପି.ଆଇ.(ଏମ୍) ତରଫରୁ ଆହ୍ୱାନ ଦିଆଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଏସଆଇ ପରୀକ୍ଷା...

ଦେବାକୁ ସମସ୍ତ ବିଭାଗ, ଚୟନ ବୋର୍ଡ ଅଧ୍ୟକ୍ଷଙ୍କୁ କୁହାଯାଇଛି । ଏହାପରେ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଏସଆଇ ପରୀକ୍ଷା କେଲେଙ୍କାରୀରେ ୪ ଜଣ ଦଲାଲ ଗିରଫ ହୋଇସାରିଛନ୍ତି । ପୁଲିସ ନିଯୁକ୍ତି ବୋର୍ଡର ସଭାପତି କହିଛନ୍ତି ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ । ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା କେଲେଙ୍କାରୀ ଯୋଗୁଁ ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି । ୨୦୨୪ ପରେ ରାଜ୍ୟରେ ଅନେକ ପରୀକ୍ଷା କେଲେଙ୍କାରୀ ସାମ୍ନାକୁ ଆସିଲାଣି । ସେପଟେ ଏସଆଇ ପରୀକ୍ଷା କେଲେଙ୍କାରୀ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି । ବିଜେଡି-ବିଜେପି ଲିଙ୍କ୍ ଭିତରେ ଏଯାଏଁ ବାହାରିପାରିନି ଏସଆଇ ପରୀକ୍ଷା କେଲେଙ୍କାରୀର ସତ । ପ୍ରଶ୍ନ ଉଠୁଛି, କେଉଁଆଡ଼େ ଲମ୍ବିଛି କେଲେଙ୍କାରୀର ଚେର ? ପୂରା ଘଟଣାର ପର୍ଦ୍ଦାଫାସ୍ ହେବ କେବେ ?

### ପିଓକେ ଭାରତର...

ମୁଜାଫରାବାଦ, ଡାଡିଆଲ (ମୀରପୁର) ଏବଂ ଚାମୟାତି (କୋହାଲା)ରେ ଅନ୍ୟ ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି। ପିଓକେର ଲୋକମାନେ ଆର୍ଥିକ ସହାୟତା ଏବଂ ରାଜନୈତିକ ସଂସ୍କାର ଦାବି କରୁଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ପାକିସ୍ତାନର ମିଛକୁ ପର୍ଦ୍ଦାଫାସ କରୁଛି, ଯିଏ ୧୯୪୭ ମସିହାରୁ ଦାବି କରିଆସୁଛି ଯେ ପିଓକେର ଲୋକମାନେ ଭାରତ ବିରୁଦ୍ଧରେ ଅଛନ୍ତି। ଗୋଟିଏ ଦିନ ପୂର୍ବରୁ, ଗୁରୁବାର ଦିନ, ମୋହନ ଭାଗବତ ପହଲଗାମ ଆତଙ୍କବାଦୀ ଆକ୍ରମଣ ବିଷୟରେ କହିଥିଲେ ଯେ ଏହି ଘଟଣା ପରେ ବିଶ୍ୱର ଦେଶଗୁଡ଼ିକର ପ୍ରତିକ୍ରିୟା ସ୍ପଷ୍ଟ କରିଛି ଯେ ଭାରତର ପ୍ରକୃତ ବନ୍ଧୁ କିଏ। ସେ କହିଥିଲେ ଯେ ଭାରତର ରାଜନୈତିକ ନେତୃତ୍ୱର ଦୃଢ଼ତା, ସେନାର ସାହସ ଏବଂ ସମାଜର ଏକତା ଏହି ଆକ୍ରମଣର କଡ଼ା ଜବାବ ଦେଇଛି।

### ନଭେମ୍ବର ୨୨ ପୂର୍ବରୁ ...

ବିଧାନସଭା ଆସନ ଅଛି ଏବଂ ନିର୍ବାଚନ ସମୟସୀମାରେ ଅନୁଷ୍ଠିତ ହେବ। ସମ୍ପୂର୍ଣ୍ଣ ନିର୍ବାଚନ କମିସନ ଦଳ ଦୁଇ ଦିନ ଧରି ବିହାରରେ ସକ୍ରିୟ ଅଛନ୍ତି। ଏହି ସମୟ ମଧ୍ୟରେ, ଦଳ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ପାଟନାରେ ରାଜନୈତିକ ଦଳ, ପ୍ରଶାସନିକ ନିର୍ବାଚନ ଅଧିକାରୀ, ରାଜ୍ୟ ପ୍ରଶାସନିକ ଅଧିକାରୀ, ପ୍ରବର୍ତ୍ତନ ସଂସ୍ଥା, ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ସ୍ୱତନ୍ତ୍ର ପୁଲିସ ନୋଡାଲ ଅଧିକାରୀ (ଏସପିଏନଓ) ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ) ନୋଡାଲ ଅଧିକାରୀଙ୍କ ସହିତ ବୈଠକ କରିଥିଲେ। ନିର୍ବାଚନ କମିସନ କହିଛନ୍ତି ଯେ କୌଣସି ପୋଲିଂ ବୁଥରେ ଏବେ ୧୨୦୦ ରୁ ଅଧିକ ଭୋଟର ରହିବେ ନାହିଁ। ଏହି ବ୍ୟବସ୍ଥା ଭୋଟଦାନ ପ୍ରକ୍ରିୟା ଏବଂ ସୁରକ୍ଷା ଉଭୟକୁ ଉନ୍ନତ କରିବ। ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ମାନେ ଏବେ ସିଧାସଳଖ ଭୋଟରଙ୍କ ସହିତ ଯୋଗାଯୋଗ କରିବେ ଏବଂ ସହଜରେ ଚିହ୍ନଟ ପାଇଁ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏହା ବ୍ୟତୀତ, ଭୋଟ ଦେବା ପାଇଁ ମୋବାଇଲ୍ ଫୋନ୍ ଜମା କରିବାର ବିକଳ୍ପ ମଧ୍ୟ ଆରମ୍ଭ କରାଯାଇଛି, ଯାହା ଦ୍ୱାରା ଭୋଟରମାନେ ମତଦାନ କେନ୍ଦ୍ରକୁ ସେମାନଙ୍କର ମୋବାଇଲ୍ ଫୋନ୍ ନେଇ ପାରିବେ ନାହିଁ। ମୁଖ୍ୟ ନିର୍ବାଚନ କମିସନର ଘୋଷଣା କରିଛନ୍ତି ଯେ ବିହାରରେ ଏକ ୱାନ୍-ଷ୍ଟପ୍ ଡିଜିଟାଲ୍ ପ୍ଲାଟଫର୍ମ କାର୍ଯ୍ୟକାରୀ କରାଯିବ। ପ୍ରତ୍ୟେକ ପ୍ରାର୍ଥୀ ଏବେ ମତଦାନ କେନ୍ଦ୍ରର ୧୦୦ ମିଟର ମଧ୍ୟରେ ସେମାନଙ୍କର ଏଜେଣ୍ଟ ନିୟୋଜିତ କରିପାରିବେ। ସମସ୍ତ ମତଦାନ କେନ୍ଦ୍ରରେ ୧୦୦% ୱେବକାଷ୍ଟିଂ ହେବ। ଇଭିଏମ୍‌ରେ ଏବେ କଳା ଏବଂ ଧଳା ବାଲଟ୍ ପେପର ବଦଳରେ ରଙ୍ଗୀନ ଫଟୋ ଏବଂ ସିରିଏଲ୍ ନମ୍ବର ଥିବା ବାଲଟ୍ ପେପର ବ୍ୟବହାର କରାଯିବ, ଯାହା ଦ୍ୱାରା ପ୍ରାର୍ଥୀଙ୍କ ଚିହ୍ନଟ ସହଜ ହେବ ଏବଂ ଭୋଟ୍ ପ୍ରକ୍ରିୟା ସ୍ୱଚ୍ଛ ହେବ।

# ଜିଲ୍ଲା କଂଗ୍ରେସର ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା




ବାଲେଶ୍ୱର, ୦୫/୧୦ (ନି.ପ୍ର): ଏଆଇସିସିର ସଂଗଠନ ସୃଜନ ମଧ୍ୟମରେ ନିକଟ ଅତୀତରେ ନୂତନ ଭାବେ ନିଯୁକ୍ତି ପାଇଥିବା ବାଲେଶ୍ୱର ଜିଲ୍ଲା କଂଗ୍ରେସର ସଭାପତି ସତ୍ୟ ଶିବ ଦାସ ଙ୍କୁ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ର ପୁର୍ବତନ ସଭାପତି ସଂଜୀବ ଗିରିଙ୍କ ସଭାପତିତ୍ୱରେ କଂଗ୍ରେସ ଭବନ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ର ବିଭିନ୍ନ ବ୍ଲକ ରୁ ଆସିଥିବା କଂଗ୍ରେସ କର୍ମୀଙ୍କ ଉପସ୍ଥିତିରେ ଏକ ନିଆରା ଢଙ୍ଗରେ ପୁର୍ବତନ ସଭାପତି ଶ୍ରୀ ସଂଜୀବ ଗିରି ପ୍ରଥମେ ନୂତନ ସଭାପତି ଶ୍ରୀ ସତ୍ୟଶିବ ଦାସ ଙ୍କୁ ପୁଷ୍ପ ଗୋଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରି କାର୍ଯ୍ୟାଳୟ କୁ ପାଛୋଟି ନେଇଥିଲେ ପରେ ଅନ୍ୟ ନେତୃତ୍ୱ ମାନେ ସମ୍ବର୍ଦ୍ଧିତ କରିଥିଲେ। ଆଜି ର ଏହି ସମ୍ବର୍ଦ୍ଧନା ଉତ୍ସବର ଏକ ଭିନ୍ନ କଥା ଦେଖିବାକୁ ମିଳିଥିଲା ଯାହାକି ରାଜନିତୀ ରେ ସମ୍ପୁର୍ଣ୍ଣ ଭିନ୍ନ। ଜଣେ ବିଦାୟୀ ସଭାପତି ନୂତନ ସଭାପତି ଙ୍କ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିବା ଉପସ୍ଥିତ ସମସ୍ତ କର୍ମି ଓ ନେତୃତ୍ୱ ଙ୍କୁ ଭାବ ବିହ୍ବଳ କରିଥିଲା ବିଦାୟୀ ସଭାପତି ଙ୍କ ଦୀର୍ଘଦିନ ର ଦାୟିତ୍ୱ ସମୟ ରେ ସମସ୍ତ ପ୍ରତିବନ୍ଧକ ଓ ବାଧାବିଘ୍ନ ସତ୍ତ୍ୱେ ସଂଗଠନ କୁ ଆଗକୁ ନେବା ର ସମସ୍ତ ଅଭିଜ୍ଞତା କଥା କହିବା ସହ ବାଲେଶ୍ୱର କଂଗ୍ରେସ କୁ ସୁଦୃଢ କରିବାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ର ସଦସ୍ୟ ନବଜ୍ୟୋତି ପଟ୍ଟନାୟକ ଙ୍କ ଅବଦାନ ମନେ ପକାଇଥିଲେ ।ସେତେବେଳକୁ ଉପସ୍ଥିତ କର୍ମୀ ସମସ୍ତେ ଭାବବିହ୍ୱଳ ହୋଇ ପଡ଼ିଥିଲେ ।ସେହିଭଳି ନୂତନ ସଭାପତି ଶ୍ରୀ ଦାସ ଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା କଥା ମଧ୍ୟ କର୍ମୀମାନଂକୁ ଉତ୍ସାହିତ କରିଥିଲା ।ତାଙ୍କ ନିଯୁକ୍ତି ପାଇଁ ଶ୍ରୀ ଦାସ ରାଷ୍ଟ୍ରୀୟ ସଭାପତି ଖଡ଼ଗେ ଜୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଇନଚାର୍ଜ ଅଜୟ ଲଲ୍ଲୁ ଓ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଓ ବାଲେଶ୍ୱର ର ସମସ୍ତ ନେତୃତ୍ୱ ଙ୍କୁ କୃତଜ୍ଞତା ଜଣାଇଥିଲେ ।ଏହି ସମ୍ବର୍ଦ୍ଧନା ସଭାରେ ପୁର୍ବତନ ବିଧାୟକ ସୁଦର୍ଶନ ଜେନା ,ଜଳେଶ୍ୱର କଂଗ୍ରେସ ନେତା ସୁଦର୍ଶନ ଦାସ ,ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ବିଜନ ନାୟକ , ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ ,ବରିଷ୍ଠ ନେତା ପଦ୍ମଲୋଚନ ଲେଙ୍କା,ମହିଳା କଂଗ୍ରେସ ର ଜ୍ୟୋତ୍ସ୍ନା ସେନାପତି ଜିଲ୍ଲା କଂଗ୍ରେସ ର ବରିଷ୍ଠ ପୁର୍ବତନ ଉପସଭାପତି ଗୋପିନାଥ ପାଢୀ, ଯୁବନେତା ସରୋଜ ଲେଙ୍କା, ଜିଲ୍ଲା ପରିଷଦ ସନ୍ତୋଷ ଜେନା, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌତମ ସାହୁ, ରାଜୀବ ପରିଡା, ଜୟକୃଷ୍ଣ ବେହେରା, ଗଦାଧର ପରିଡା,ହରିଶଙ୍କର ଜେନା, ଜୟନ୍ତ ମହାପାତ୍ର, ଅରୁଣ ଜେନା,ଉପେନ୍ଦ୍ର ବେହେରା, ତରୁଣ ଦାସ, ଶ୍ରୀକାନ୍ତ ବାଗୁଡେଇ, ଜୀବନ ମହାପାତ୍ର, ସୌରଭ ବେହେରା, ନବ ଭୂୟାଁ, ଜୁବିଲି ପଣ୍ଡା, କେଶବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲା କଂଗ୍ରେସ କମିଟି ର ପୁର୍ବତନ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବ୍ଲକ ର ନେତୃତ୍ୱ ମାନେ ଉଭୟ ପୁର୍ବତନ ଓ ନୂତନ ସଭାପତି ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା , ୦୫/୧୦ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମା ନନ୍ଦ ମୁନିଜୀଙ୍କ ମଧ୍ୟମା ସୁକନ୍ୟା ଆୟୁଷ୍ମତୀ ପ୍ରମୋଦିନୀ ବାରିକଙ୍କ ୪୬ତମ ଶୁଭ ଜନ୍ମଦିନ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ଏକମନ ଏକପ୍ରାଣ ଏକଆତ୍ମାଏବଂ ଏକଭାବନାରେ ତଲ୍ଲୀନ ହୋଇ ସମୂହ ପ୍ରଣବ ଶୁଭ ଭାବନା ବେଦପାଠ ଶାନ୍ତିପାଠ କରାଯାଇ ଆୟୁଷ୍ମତୀ ପ୍ରମୋଦିନୀଙ୍କୁ ଦୀର୍ଘ୍ୟ ନିରୋଗ ନିରାମୟ ଆନନ୍ଦମୟ ଜୀବନର ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଥିଲେ ବଡ଼ ଭଉଣୀ ଆୟୁଷ୍ମତୀ ମୁନିମତୀ ସୌଦାମିନୀ ବାରିକା, ସାନ ଭଉଣୀ ମୁନିମତୀ ସନ୍ତୋଷିନୀ ବାରିକା, ମୁନିମତୀ ସରସ୍ୱତୀ ନନ୍ଦ, ମୁନିରାଜ୍ଞୀ ସୁମତୀଦଳାଇ, ମୁନିଜଗଦିଶ ପରିଡା, ମୁନିମତୀ ଜାହ୍ନବୀ ଗିରି, ମୁନିମତୀ ଯମୁନା ପାତ୍ର, ମୁନି ସାଧନ ସିଂ, ଯୋଗେନ୍ଦ୍ର ବେହେରା ଏବଂ ମୁନି କୁମାରୀ ମିନତୀ ଦଳାଇ ପ୍ରମୁଖ । ଶେଷରେ ପିତା ଯୋଗୀ ପରମା ନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ୱାର୍ଡ ନମ୍ବର ୨୪ର ବିଭିନ୍ନ ଅଂଚଳ ବୁଲିଲେ ବିଏମସି କମିଶନର

ଭୁବନେଶ୍ୱର, ୦୫/୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମର କମିଶନର ଶ୍ରୀ ଚଂଚଳ ରାଣା ଆଜି କ୍ଷେତ୍ର ପରିଦର୍ଶନରେ ଯାଇ ଆଜି ୱାର୍ଡ ନମ୍ବର ୨୪ ର ବିଭିନ୍ନ ଅଂଚଳ ବୁଲି ଦେଖିଛନ୍ତି । ଏହି ଅବସରରେ ସେ ପରିମଳ ସେବା, ବର୍ଜ୍ୟ ସଂଗ୍ରହ ବ୍ୟାଗ୍ ର ବ୍ୟବହାର, ସଫେଇ ଗାଡିର ନିୟମିତତା ସାଙ୍ଗକୁ ଜବରଦଖଲ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ଓ ଆବଶ୍ୟକତା ବାବଦରେ ମଧ୍ୟ ଆଲୋଚନା କରିଛନ୍ତି।

# ଅସହାୟ ପରିବାରକୁ ସହାୟତାର ହାତ ବଢାଇଲା ଭରସା ପରିବାର ଟ୍ରଷ୍ଟ

ଚମ୍ପୁଆ, ୦୫/୧୦ (ନି.ପ୍ର): ଶୁଦ୍ଧିକ୍ରିୟା ପାଇଁ ଅସହାୟ ପରିବାରକୁ ସହାୟତାର ହାତ ବଢାଇଲା ଭରସା ପରିବାର ଟ୍ରଷ୍ଟ, କେନ୍ଦୁଝର । ଚମ୍ପୁଆ ବ୍ଲକ୍ ସୁନାପଶି ପଂଚାୟତ ଅନ୍ତର୍ଗତ ବାଙ୍କ ଗ୍ରାମର ଲଳିତ ଲୋହାର ଗ୍ୟାସ ରେ ରୋଷେଇ କରୁଥିବା ସମୟରେ ଅତ୍ୟଧିକ ଗ୍ୟାସ ଛାଡିବା ଫଳରେ ହାତ, ଗୋଡ଼, ମୁହଁ, ପିଠି ଆଦି ପୋଡି ଯାଇଥିଲା। ତାଙ୍କୁ ଉଦ୍ଧାର କରି ପଡୋଶୀ ସୁରେଶ ଚନ୍ଦ୍ର ଲୋହାର ୧୦୮ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଛଅ ଦିନ ଧରି ଡାକ୍ତରଖାନାରେ ଚିକିତ୍ସା ହେବା ପରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଲଳିତଙ୍କର ପରିବାରରେ ନିଜର କେହି ନ ଥିବାବେଳେ ପଡୋଶୀ ସୁରେଶଙ୍କ ମଧ୍ୟ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଲଳିତଙ୍କ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କରିବାକୁ ଅସମର୍ଥ ହୋଇପଡିଥିଲେ । ଫଳରେ ଲଳିତଙ୍କର ଶୁଦ୍ଧିକ୍ରିୟା ପାଇଁ ସୁରେଶ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ତାଙ୍କ ଅନୁରାଧ ରକ୍ଷା କରି ଭରସା ପରିବାରର ଉପଦେଷ୍ଟା ଦୁଷ୍ମନ୍ତ କୁମାର ବେହେରାଙ୍କ ସହିତ ସଦସ୍ୟ ଶରତ ଖିଲାର ତାଙ୍କ ବାସଭବନରେ ଯାଇ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକ ସାମଗ୍ରୀ ସହାୟତା ପ୍ରଦାନ କରିଛନ୍ତି । ଭରସା ପରିବାରର ଏତାଦୃଶ୍ୟ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି।

# ନାବାଳିକାକୁ ଅପହରଣ ଅଭିଯୋଗ

ଜୟପୁର, ୦୫/୧୦ (ନି.ପ୍ର): ନାବାଳିକାକୁ ଅପହରଣ ହୋଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି । ଜୟପୁର ସଦର ଥାନା ଅନ୍ତର୍ଗତ କୁମୁଲିପୁଟରେ ସମସ୍ତେ ଶୋଇଥିବା ବେଳେ ନାବାଳିକାକୁ ଅପହରଣ ହୋଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ପୋଲିସ ୨୮୭/୨୫ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ବାସୁଦେବପୁର ଥାନା ପକ୍ଷରୁ ଦୁର୍ଗାପୂଜା ଓ ଦଶହରା ଉତ୍ସବ



ବାସୁଦେବପୁର, ୦୫/୧୦ (ନି.ପ୍ର): ବାସୁଦେବପୁର ଥାନା ପକ୍ଷରୁ ପବିତ୍ର ଦୁର୍ଗାପୂଜା ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହା ବ୍ୟତୀତ ଦଶହରା ପର୍ବ ଓ ବନ୍ଧୁ ମିଳନର ସ୍ୱତନ୍ତ୍ର ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ବ୍ରାହ୍ମଣ ପୁରୋହିତ ଙ୍କ ଦ୍ୱାରା ମନ୍ତ୍ର ପାଠ କରା ଯାଇଥିଲା। ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ଓ ସହକର୍ମୀ ଥାନା ପୋଖରୀ ରେ କଳସ ବୁଡ଼ାଇଥିଲେ। ଏହି ଉତ୍ସବରେ ବାସୁଦେବପୁର ଥାନାର ପୋଲିସ ସବ ଇନ୍ସପେକ୍ଟର ଭାଗ୍ୟଜିତ ନାୟକ, ଶୁଭେନ୍ଦୁ ଭୂଷଣ ମହାନ୍ତି, ଅଧିକାରୀ ଦେବୀ ପ୍ରସାଦ ମହାପାତ୍ର, ପୁନମ ଦେବୀ ବେହେରା, ପୋଲିସ୍ ଏ ଏସ ଆଇ ଅଜୟ କୁମାର ଖଟୁଆ, ବିନୋଦ କୁମାର ସାହୁ, ମୀନକେତନ ସିଂ, ସଞ୍ଜୟ କୁମାର ଲେଙ୍କା, ବୈରାଗୀ ଚରଣ ଏକ୍କା, କନେଷ୍ଟବଳ ଲକ୍ଷ୍ମୀକାନ୍ତ ଉପାଧ୍ୟାୟ, ସଞ୍ଜୟ ମହାନ୍ତ, ଖଗେଶ୍ୱର ଜେନା ଓ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ ଏବଂ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ କବି ଚିତ୍ତ ରଞ୍ଜନ ନାୟକ,ଶିକ୍ଷୟତ୍ରୀ ଅର୍ଚ୍ଚନା ନାୟକ ଓ ସମାଜ ସେବୀ ସୁଗୃହିଣୀ ଜ୍ୟୋସ୍ନାମୟୀ ବେହେରା। କୁନି ଅତିଥି ଭାବେ ଯୋଗ ଦେଇଥିଲେ ମେଧାବୀ ଛାତ୍ର ଛାତ୍ରୀ ବାବୁ, ଗୁଡ଼ି ଓ ଡୁଡୁଲୁ। ଏହି ଉତ୍ସବରେ ବହୁ ସଂଖ୍ୟାରେ ଜ୍ଞାନୀ ଗୁଣୀ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ଜନ ସାଧାରଣ ଯୋଗ ଦେଇଥିଲେ ଏବଂ ଏହି ଅବସରରେ ବନ୍ଧୁ ମିଳନ ପର୍ବରେ ବାସୁଦେବପୁର ପୋଲିସ୍ ଭାଇ ଭଉଣୀ ସମସ୍ତ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ।

# ବାଛୁରିପଡାରେ ଭୟଙ୍କର ବାଣ ବିସ୍ଫୋରଣ: ଜଣେ ଗୁରୁତର, ପରିବାରରେ ପାଞ୍ଚ ଆହତ



ବୈଶିଙ୍ଗା , ୦୫/୧୦ (ନି.ପ୍ର): ପୁଣି ଏକ ଭୟଙ୍କର ବାଣ ବିସ୍ଫୋରଣ ଓ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଆଖପାଖ ଅଞ୍ଚଳ ର ଲୋକେ ଭୟଭୀତ ହୋଇ ଦୌଡିଛନ୍ତି ଘଟଣାସ୍ଥଳକୁ ଓ ଏହିଭଳି ଘଟଣା ଘଟିଛି ବୈଶିଙ୍ଗା ଥାନା ଅଧୀନ ବାଛୁରିପଡା ଗ୍ରାମରେ ଓ ବାଣ ଭିତୁଥିବା ସମୟରେ ଘଟିଛି ଏହିଭଳି ଘଟଣା ଓ ବିସ୍ଫୋରଣ ରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ ପରିବାର ର ଏକାଧିକ ସଦସ୍ୟ ଆହତ ହୋଇଥିବା ସୂଚନା ମିଳିଛି ଓ ଗୁରୁତର ଜଣକ ଙ୍କ ନାମ ପିଙ୍କୁ ବୋଲି ଜଣାପଡିଛି ଓ କିନ୍ତୁ ଘଟଣା କୁ ଚପାଇବା କୁ କିଛି କୁଜି ନେତା ପ୍ରାଣ ପ୍ରଣେ ଉଦ୍ୟମ କରିଥିଲେ ଓ ଘଟଣା ଘଟିଥିବା ସ୍ଥାନର ଭିଜୁଆଲ ସଂଗ୍ରହ କରିବା ସମୟରେ କିଛି ଯୁବକ ବିରୋଧ କରିଥିଲେ ଓ ଯାହାକି ଭିଜୁଆଲରେ କଏଦ ହୋଇଛି ଓ କିଛି ଯୁବକଙ୍କ ମୋବାଇଲ ଫୋନ କୁ ଭାଙ୍ଗିବା ସହିତ ଆକ୍ରମଣ କରିଥିବାର ସୂଚନା ମିଳିଛି ଓ ସରକାରୀ ଦଳ ର ପଦପଦବୀରେ ଥିବା କିଛି ନେତାଙ୍କ ସମ୍ପୃକ୍ତି ଥିବା ନେଇ ଆଲୋଚନା କରାଯାଉଛି ଓ ତେବେ ବାଛୁରୀପଡା ରେ ବେଆଇନ ଭାବେ ବାଣ ପ୍ରସ୍ତୁତି କରାଯାଏ ଏହା ସହ ଅଘଟଣ ମଧ୍ୟ ଘଟିଥାଏ ଓ କେତେ ଧନ ଜୀବନ ନଷ୍ଟ ହୋଇଥାଏ । ସରକାର ବାଣ ତିଆରି ପାଇଁ ପରମିଶନ୍ ଦେଉଥିଲେ ମଧ ବାଣ କାରିଗର ମାନେ ନିର୍ଦ୍ଧାରିତ ନିୟମ କାନୁନ କୁ ଭୃକ୍ଷେପ ନ କରି ବେଆଇନ ଭାବେ ତିଆରି କରିବା ଯୋଗୁଁ ଏଭଳି ଅଘଟଣ ଘଟିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହା ପରେ ବି ପ୍ରଶାସନ ପକ୍ଷରୁ ଥରେ ଅଧେ ଚଢ଼ାଉ କରାଯାଉଥିବା ପ୍ରଶାସନ ର କାର୍ଯ୍ୟାଧାରା ଉପରେ ସନ୍ଦେହ ସୃଷ୍ଟି ହେଉଛି । ଧନ ଜୀବନ ହାନି ପାଇଁ ପ୍ରକୃତ ଦାୟୀ କିଏ ବୋଲି ଲୋକେ ଟୁପୁରୁ ଟାପୁର ହେଉଥିବା ଶୁଣିବାକୁ ମିଳୁଛି ।

# ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ -୨୦୨୫ ପାଳିତ

ଖୋର୍ଦ୍ଧା , ୦୫/୧୦ (ନି.ପ୍ର): ଜିଲ୍ଲା ସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଜିଲ୍ଲାପ୍ରଶାସନ ପକ୍ଷରୁ ପାଳିତ ହୋଇ ଯାଇଅଛି । ମୁଖ୍ୟ ଅତିଥି ଭାବେ , ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରୁପଶ୍ରୀ ରାଣୀ ଗୁମାନ ସିଂହ ଯୋଗଦେଇ ଖୋର୍ଦ୍ଧା ସଦର ମହକୁମାସ୍ଥ ପୂର୍ତ୍ତ ଡାକବଙ୍ଗଳା ସନ୍ନିକଟ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାମୁହିକ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୮ ଘଟିକା ସମୟରେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଉପ ସଭାପତି ଶ୍ରୀଯୁକ୍ତ ଗୋପୀନାଥ ମହାରଣା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଏକ ସର୍ବଧର୍ମ ପ୍ରାର୍ଥନା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ, ସମ୍ମାନିତ ଅତିଥି ଭାବେ ଉପସଭାପତି ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ଗୋପୀନାଥ ମହାରଣା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ,ମୁଖ୍ୟବକ୍ତା ଭାବେ ଡ଼ଃ ପ୍ରଫେସର ନାରାୟଣ ରାଓ ,ହିନ୍ଦୁ ଧର୍ମ ଜାଜକ ଶ୍ରୀ ସୁଶାନ୍ତ ମିଶ୍ର, ଇସଲାମ ଧର୍ମ ଯାଜକ ମୌଲବୀ ମହମ୍ମଦ ତିବୁ ଉଦ୍ଦିନ ଓ ବାଇବେଲ ଧର୍ମଗ୍ରନ୍ଥ ଧର୍ମ ଯାଜକ ଶ୍ରୀ ମାନୁଆଲ କରାଡା ଯୋଗଦେଇ ଗୀତା,କୋରାନ ଓ ବାଇବଲ ପାଠ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ତତ୍ତ୍ୱରେ ନିଜକୁ ଚିହ୍ନିବା ଦରକାର । ଅହିଂସା, ସତ୍ୟ, ନ୍ୟାୟ ରେ କାର୍ଯ୍ୟ କରି ଅନ୍ୟପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିବା ସହ ଈଶ୍ୱର ଭକ୍ତି ଓ ଚେତନା ଶକ୍ତିକୁ ଜାଗ୍ରତ କରି ସଠିକ୍ ମାର୍ଗରେ ଜୀବନର ଅନ୍ୟନାମ ସେବା ବ୍ରତୀରେ ମାନବ ସେବାକରିବାକୁ ଅଭିଭାଷଣ ରଖିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଉପସଭାପତି,ଜିଲ୍ଲା ପରିଷଦ,ଖୋର୍ଦ୍ଧା, ଶ୍ରୀଯୁକ୍ତ ଗୋପୀନାଥ ମହାରଣା ଯୋଗ ଦେଇ କହିଲେ ଯେ ମହାତ୍ମା ଗାନ୍ଧୀ ବିନା ଶସ୍ତ୍ର ରେ ବିନା ଅସ୍ତ୍ରରେ କେବଳ ଅହିଂସା ମନ୍ତ୍ରରେ ଦୁର୍ଦ୍ଦଶ ବ୍ରିଟିଶ ସାମ୍ରାଜ୍ୟର ପତନ ଆଣି ଭାରତ ବର୍ଷକୁ ସ୍ୱାଧୀନତା ଦେଇଥିଲେ ଯାହା ଅବିସ୍ମରଣୀୟ । ଏଣୁ ପ୍ରତ୍ୟେକ ନାଗରିକ ଗାନ୍ଧୀଙ୍କ ଆଦର୍ଶ କୁ ଆପଣେଇ ଅହିଂସା ମନ୍ତ୍ରରେ ରାଷ୍ଟ୍ରର ଦୃତ ବିକାଶ ରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗ ଦେଇ କାହିଲେ ଯେ ଗାନ୍ଧିଜୀଙ୍କ ଜୀବନ ର ସତ୍ୟ , ଅହିଂସା, ସର୍ବଦ୍ୱୟ, ସୁସ୍ଥ ଓ ସମସ୍ତଙ୍କ ବିକାଶ ମୂଳକ କେତେ ଗୋଟି ବହୁମୂଲ୍ୟ ବୋଧ ଭିତ୍ତିକ ନିୟମକୁ ପ୍ରତ୍ୟେକ ଛାତ୍ର ଛାତ୍ରୀ ଓ ବ୍ୟକ୍ତି ଆଦର୍ଶ ମାନିଲେ ଘରେ ଘରେ ବିକାଶ ପହଞ୍ଚି ଅଖଣ୍ଡ ଭାରତ ବର୍ଷର ସୁ ଦୃଢ଼ତା ସମ୍ଭାବନା କରାଯାଇ ପାରିବ ବୋଲି କହିଥିଲେ ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଅକ୍ଟୋବର ମାସ ପାଇଁ ଯୁଗ୍ମ ଜନ ଶୁଣାଣି ଶିବିର ସମ୍ପର୍କୀତ କାର୍ଯ୍ୟସୂଚୀ

ବାରିପଦା , ୦୫/୧୦ (ନି.ପ୍ର): ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଆଗାମୀ ଅକ୍ଟୋବର ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଅକ୍ଟୋବର ମାସର ପ୍ରଥମ ସୋମବାର ତା ୦୬-୧୦-୨୦୨୫ ରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ହେବ,ସେହିପରି ଅକ୍ଟୋବର ମାସର ଦ୍ୱିତୀୟ ସୋମବାର ତା. ୧୩-୧୦-୨୦୨୫ରିଖ ବାମନଘାଟି ଉପଖଣ୍ଡ ପାଇଁ ତିରିଂ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ଆରମ୍ଭ ହେବ , ସେହିପରି ଅକ୍ଟୋବର ମାସ ତୃତୀୟ ସୋମବାର ତା ୨୦-୧୦-୨୦୨୫ ରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ ରରୁଆଁ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ପୂର୍ବାହ୍ନ ୧୦ଘଟିକା ଠାରୁ ଆରମ୍ଭ ହେବ ଏବଂ ଅକ୍ଟୋବର ମାସର ଚତୁର୍ଥ ସୋମବାର ତା ୨୭-୧୦-୨୦୨୫ ରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ବ୍ଲକ ଅଧିନସ୍ଥ ଶରତ ଜି ପି କାର୍ଯ୍ୟାଳୟ ଠାରେ ପୂର୍ବାହ୍ନ ୧୦ ଘଟିକା ଠାରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଜିଲ୍ଲା ସ୍ତରୀୟ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର,ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତି ରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଓ ବ୍ଲକ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓ ମାନଙ୍କ ଉପସ୍ଥିତି ରେ ସାଧାରଣ ଜନତା ଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ ରେ ସମ୍ପୃକ୍ତ ଉପଖଣ୍ଡ ଅଂଚଳ ର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଗୁଡିକ ଉପସ୍ଥିତ ରହି ଜଣାଇ ପାରିବେ।

# ଭାଗବତଟୁଙ୍ଗି ଏବଂ ଲକ୍ଷ୍ମୀମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ନୀଳଗିରି , ୦୫/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୋପ ଗ୍ରାମରେ ଏକକାଳୀନ ୨ଦିବସୀୟ ଭାଗବତ ଟୁଙ୍ଗି ଏବଂ ଲକ୍ଷ୍ମୀମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହେଉଛିକ୍ଷ ପ୍ରଥମ ତଥା ଅଧିବାସ ଅବସରରେ ଗୋପ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପଞ୍ଚଲିଙ୍ଗେଶ୍ୱର ଛକ ସେନାପତି ପୋଖରୀରୁ କଳସ ଶୋଭାଯାତ୍ରାକରି ନଗରପରିକ୍ରମା ସାରି ମନ୍ଦିର ପ୍ରାଙ୍ଗଣରେ ଶୋଭାଯାତ୍ରା ସମାପ୍ତ ହୋଇଥିଲା। ପରେ ବିଧି ଅନୁସାରେ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ପୂଜା ଶୁଭାରମ୍ଭ ହୋଇଥିଲା । ୨ଦିନଧରି ଅନୁଷ୍ଠିତ ହେବାକୁଥିବା ଏହି କାର୍ଯ୍ୟକ୍ରମରେ କର୍ତ୍ତା ବସନ୍ତ ରାଉଳଙ୍କ ସମେତ ହରେକୃଷ୍ଣ ମହାନ୍ତି ଗଜେନ୍ଦ୍ର ଦାସ, ଉମାକାନ୍ତ ଦାସ, ବେଣୁଧର ମହାପାତ୍ର, ରାମହରି ମହାପାତ୍ର,ଲକ୍ଷ୍ମୀଧର ଦାସ, ଜୟନ୍ତ ବେହେରା, କେଶବ ମହାନ୍ତି, କିଶୋର ପରିଡା, ନରୋତ୍ତମ ମହାପାତ୍ର, ବିଷ୍ଣୁ ମୋହନ ପରିଡା, ପ୍ରମୋଦ ମହାପାତ୍ର, ରଂଜିତ ପରିଡା, ଶରତ ରାଉତ,ଦିଲ୍ଲୀପ ବଳ, ତାପସ ରଞ୍ଜନ ବେହେରା, ପ୍ରମୋଦ ମହାପାତ୍ର, ଉଷାରଣୀ ରାଉଳ, ମୁକ୍ତିଲତା ଦଳେଇ, ଆଶୁତୋଷ ଦାସ, ରବିନାରାୟଣ ରାଉତ, ରମାକାନ୍ତ ବେହେରା, ପ୍ରଶାନ୍ତ ବେହେରା, ପୂର୍ଣଚନ୍ଦ୍ର ବେହେରା, ପଦ୍ମଲୋଚନ ପରିଡା,ସୀତାରାମ ଜେନା, ସୁବାସ ଚନ୍ଦ୍ର ବେଜ, ରାଧାକୃଷ୍ଣ ଦାସ, ହରିଶ୍ଚନ୍ଦ୍ର ପରିଡା, ପ୍ରିୟବ୍ରତ ଦାସ, ସୋମ୍ୟରଞ୍ଜନ ବଳ, ସଂଯୁକ୍ତା ନାୟକ, ମଧୁସ୍ମିତା ପ୍ରଧାନ, ସୌଦାମିନୀ ପତ୍ର, ଶରତ ପାତ୍ର ପ୍ରମୁଖ ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ଭାଗନେବା ସହିତ ଏହି ୨ଦିବସୀୟ ମନ୍ଦିରପ୍ରତିଷ୍ଠା ଉତ୍ସବକୁ ସଫଳକରିବା ପାଇଁ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଖୁଆଡ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟର ୨୦୦୯ ବ୍ୟାଚର ବନ୍ଧୁ ମିଳନ ଉତ୍ସବ

ଜଳେଶ୍ୱର , ୦୫/୧୦ (ନି.ପ୍ର): ପୁରୁଣା ଦିନ ଗୁଡ଼ିକର ସ୍ମୃତିକୁ ପୁଣି ଥରେ ଉଜ୍ଜିବିତ କରିବା ପାଇଁ ଏକ ସୁନ୍ଦର ପ୍ରୟାସକୁ ନିଜ ନିଜ ଭିତରେ ସାଇତି ରଖିବାକୁ ଏକ ଛୋଟ ଅଭିଳାଷକୁ ବନ୍ଧୁ ମାନଙ୍କ ମଧ୍ୟରେ ବାଣ୍ଟି ନେବାକୁ ଆଜି ଖୁଆଡ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟର ୨୦୦୯ ଦଶମ ବ୍ୟାଚ ବନ୍ଧୁ ମାନଙ୍କୁ ନେଇ ଖୁଆଡ ଷ୍ଟାଡିୟମ ପରିସରରେ ବିତି ଯାଇଥିବା ସେହି ପିଲାଦିନର ପାଠ ପଢା ସମୟକୁ ୧୬ ବର୍ଷ ତଳର ସ୍ମୃତିକୁ ନିଜ ଭିତରେ ବାନ୍ଧି ରଖିବାକୁ ଏକ ଛୋଟ ପ୍ରୟାସ ପାଇଁ ସମସ୍ତ ସାଙ୍ଗ ମାନେ ଏକତ୍ରିତ ହୋଇ କେକ୍ କାଟି ଓ ଭୋଜି ଭାତର ଆୟୋଜନ କରିଥଲେ । ଏଥିରେ ତାପସ ଦାସ, ଅଶ୍ରୁ ମୋଚନ ଘୋଷ, ଚନ୍ଦ୍ରକାନ୍ତ ପାତ୍ର, ଅଶ୍ରୁ ମୋଚନ ପ୍ରଧାନ, ସ୍ୱାଗତିକା,ସୂର୍ଯ୍ୟକାନ୍ତି , ବିଶ୍ୱଜିତ୍ ମହାନ୍ତି, ବିନ୍ଧୁଶ୍ରୀ, ଅମ୍ବିକା, ବ୍ରଜକିଶୋର, ଶ୍ରାବଣୀ, ଅନିତା, ମଞ୍ଜୁଲତା, ସୁମିତ୍ରା, ପିଙ୍କିରାଣୀ, ସୁପ୍ରଭା, ଚନ୍ଦନ , ରାନୁସୂୟା, ସୁଚିସଞ୍ଚିତା, ସନତପ୍ରିୟ, ବାବୁଲା, ଚିତ, କେଶବ, ପୂର୍ଣ୍ଣ, ସଞ୍ଜୀବ, ଦିନୁ , ଶର୍ମିଷ୍ଠା,



ବାହାଦୁର, ସଞ୍ଜୟ, ମୋନାଲିସା, ଭବାନୀ, ଦିବ୍ୟାଭାରତୀ, ବିଜୁ, ପ୍ରମୁଖ ସାଙ୍ଗ ସାଥୀ ମାନେ ଉପସ୍ଥିତ ରହିଥିଲେ ।

# ରାବଣ ପୋଡ଼ି ମହୋତ୍ସବ ପାଳିତ



ବସ୍ତା, ୦୫/୧୦ (ନି.ପ୍ର): ଚଳିତ ବର୍ଷ ରାବଣ ପୋଡ଼ି ମହୋତ୍ସବ ଲଘୁଚାପ ଜନିତ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ରାବଣ ପୋଡ଼ି ନହୋଇ ବିଭିନ୍ନ ସ୍ଥାନରେ ରବିବାର ପାଳିତ ହେଇଛି ।ପ୍ରବଳ ବର୍ଷାରେ ରାବଣ ପୋଡ଼ି ବନ୍ଦ ଆଶଙ୍କାକୁ ବଢାଇ ଦେଇଥିଲା ଏବଂ ରାବଣ ପୋଡ଼ି ସମୟରେ ବର୍ଷା ନହେବାରୁ ଧୁମଧାମରେ ରାବଣ ପୋଡ଼ି ଅନୁଷ୍ଠିତ ହୋଇ ଥିଲା ।ଚଳିତ ବର୍ଷ ଅମର୍ଦା।ରୋଡ ଶ୍ୟାମସୁନ୍ଦରପୁର ଗ୍ରାମର ଯୁବକ ସଂଘର ପକ୍ଷରୁ ଶ୍ୟାମସୁନ୍ଦରପୁର ଗ୍ରାମ ସ୍ଥିତ ପୋଖରୀ ଆଡିରେ ରାବଣ ପୋଡ଼ି ଉତ୍ସବ ଆୟୋଜିତ ହୋଇଥିଲା । ରାବଣ ପୋଡ଼ି ଉତ୍ସବ ଓ ଭିନ୍ନ ଭିନ୍ନ ଅତିସବାଜି ଦେଖିବା ପାଇଁ ବେଶ ଭିଡ ଜମିଥିଲା ।ଏନେଇ ଏକ ସଭାର ଅୟୋଜନ ହୋଇଥିଲା । ଯୁବକ ସଂଘର ସଭାପତି ଦୀପକ କୁମାର ସାହୁ ପୌରହିତରେ ମୁଖ୍ୟଅତି ଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ ଫିତା କାଟି ରାବଣ ପୋଡ଼ି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ରାବଣ ପୋଡ଼ି ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ରାବଣକୁ ଅଗ୍ନି ସଂଯୋଗ କରିଥିଲେ । ଅନ୍ୟତମ ଅତିଥି ଭାବେ ନଟାକଟା ପଞ୍ଚାୟତର ସରପଞ୍ଚ ବନ୍ଦନା ସେଠୀ, ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶମ୍ଭୁନାଥ ସେଠୀ,ସମିତସଭ୍ୟା ପ୍ରତିନିଧି ଗଣେଶ ଚନ୍ଦ ପ୍ରମୁଖ ଯୋଗଦେଇ ନିଜ ନିଜ ବାକ୍ତବ୍ୟ ପ୍ରଦାନ କରିଥିଲେ । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଥିଲେ ।ରାବଣ ପୋଡ଼ି ଉତ୍ସବ କମିଟିର ଉପସଭାପତି ଜଗତ ବ୍ରହ୍ମ ପାତ୍ର,ସମ୍ପାଦକ ରବୀନ୍ଦ୍ର ପରିଡା,ସଦସ୍ୟ ଲକ୍ଷ୍ମୀ ନାରାୟଣ ଶୂର, ଉତ୍ସବ କୁମାର ପରିଡ଼ା, ଶମ୍ଭୁନାଥ ମହାନ୍ତି,ଶିବ ଶଙ୍କର ଶୂର, ଶମ୍ଭୁନାଥ ପରିଡା,ପ୍ରକାଶ ପାତ୍ର, ଜୀବନ କୁମାର ଶୂର, ଜଗନ ଭଦ୍ର, ଭବେଶ ସାହୁ, ଦିବ୍ୟ ନାରାୟଣ ଶୂର ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ପରିଚାଳ ନାରେ ସହଯୋଗ କରିଥିଲା ବେଳେ ସେଲ୍ଫି ପଏଣ୍ଟ ରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ।

# ଏସଆଇ ପରୀକ୍ଷାରେ ବଡ଼ ଦୁର୍ନୀତି ହୋଇଛି: ଭକ୍ତ ଦାସ

ଭୁବନେଶ୍ୱର, ୦୫/୧୦ (ନି.ପ୍ର): ପୋଲିସ ଏସଆଇ ପରୀକ୍ଷାରେ ବଡ଼ ଦୁର୍ନୀତି ହୋଇଛି ବୋଲି ଅଭିଯୋଗ କରିଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ । ଆଜି ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଶ୍ରୀ ଦାସ କହିଛନ୍ତି ଯେ ଏହି ମାମଲାରେ ସିବିଆଇ ନ ହେଲେ ନ୍ୟାୟିକ ତଦନ୍ତ ହେଉ । ସେ ପ୍ରଶ୍ନ କରିଛନ୍ତି ଯେ, ପ୍ରଶ୍ନ ପତ୍ର କେମିତି ଲିକ ହେଉଛି । ଶ୍ରୀ ଦାସ କହିଛନ୍ତି ଯେ, ବିଜେପି ସରକାର ରେ ସବୁଠି ଦୁର୍ନୀତି ହେଉଛି । ବିଗତ ସରକାର ରେ ଯେଉଁମାନେ ଚାବି ଧରିଥିଲେ ଆଜି ବି ତାଙ୍କ ହାତ ରେ ଚାବି ରହିଛି । ବିଜେପି ର ଓଡିଶା ରେ ୬ ମୁଖ୍ୟମନ୍ତ୍ରୀ । ତେଣୁ ଏଭଳି ସିଷ୍ଟମ ଚାଲିଛି ବୋଲି ସେ କହିଛନ୍ତି ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ବର୍ଷ ପାଳନ ସମାରୋହ ଓ ପଥ ସଂଚାଳନ

ଲଙ୍ଗଳେଶ୍ୱର, ୦୫/୧୦ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବାଲିଆପାଳ ଖଣ୍ଡ ପକ୍ଷରୁ ଆଜି ଶତାବ୍ଦୀ ବର୍ଷ ପୂର୍ତ୍ତି ସମାରୋହ ଓ ପଥ ସଂଚାଳନ ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ଏହି ସମାରୋହରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡାକ୍ତର ପ୍ରୀତମ କୁମାର ସାହୁ ମୁଖ୍ୟ ଅତିଥି , ମୁଖ୍ୟ ବକ୍ତା ଭାବରେ ଜିଲ୍ଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇ ସଂଘର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଶହେ ବର୍ଷର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ । ସହ ଜିଲ୍ଲା ବୌଦ୍ଧିକ ପ୍ରମୁଖ ଅଧାପକ ନିରଞ୍ଜନ



ବେହେରା, ଖଣ୍ଡ ସେବା ପ୍ରମୁଖ ବରୁଣ ହାଇଟି, ଖଣ୍ଡ ବୌଦ୍ଧିକ ପ୍ରମୁଖ ମହେଶ୍ୱର ମିଶ୍ର, ଖଣ୍ଡ କାର୍ଯ୍ୟବାହ ହେମନ୍ତ ମୁଖି, ଖଣ୍ଡ ଶାରୀରିକ ପ୍ରମୁଖ ଗୋପାଳ ଚନ୍ଦ , ପ୍ରଚାର ପ୍ରମୁଖ ଅଜିତ କର, ଜିଲ୍ଲା ଘୋଷ ପ୍ରମୁଖ ଆଙ୍କୁଶ ପଣ୍ଡା, ବାଲିଆପାଳ କେନ୍ଦ୍ର ସଂଯୋଜକ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି, ସହ ସଂଯୋଜକ ଅଦ୍ୱୈତ ବାଗ ପ୍ରମୁଖ ଏହାକୁ ପରିଚାଳନା କରିଥିବାବେଳେ ସଞ୍ଜୟ ପରିଡା, ମନୋଜ ବାରିକ, ଅର୍ଦ୍ଧେନ୍ଦୁ ବାରିକ, ରବୀନ୍ଦ୍ର ନାଥ ଅଣ୍ଡିଆ, ହେମନ୍ତ କୁମାର ଦାସ, ଅରବିନ୍ଦ ବେହେରା, କ୍ଷୀତିଶ ଜେନା, ସୁଦାମ କୁମାର ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ସମାରୋହ ପରେ ସ୍ୱୟଂ ସେବକ ମାନଙ୍କ ଦ୍ୱାରା ବାଲିଆପାଳ ପୁରୁଣା ବସ ଷ୍ଟାଣ୍ଡ ରୁ ପଥ ସଂଚାଳନ ବାହାରି ଜାମକୁଣ୍ଡା ଛକ, ପାରୁଳିଆ ଛକ, ବ୍ଲକ ଛକ, ସିମୁଳିଆ ଛକ, ସିମୁଳିଆ ମାର୍କେଟ, ରାଜା ରାଣୀ ଛକ ଅତିକ୍ରମ କରିଥିଲା । ଏଥିରେ ଶତାଧିକ ସ୍ୱୟଂ ସେବକ ସାମିଲ ହୋଇଥିଲେ ।

# ସ୍ୱର୍ଗତ ବସନ୍ତ କୁମାର ମହାନ୍ତିଙ୍କ ଏକଦଶାହରେ ସ୍ମୃତି ଚାରଣ ସଭା

ବାଲିଆପାଳ , ୦୫/୧୦ (ନି.ପ୍ର): ବାଲିଆପାଳ ବ୍ଲକ୍ ଦେଭୋଗ ଗ୍ରାମର ବିଶିଷ୍ଟ ସମାଜ ସେବୀ ତଥା ଶିକ୍ଷାବିତ୍ ବସନ୍ତ କୁମାର ମହାନ୍ତିଙ୍କ ଏକାଦଶାହ କର୍ମ ଅବସରରେ ଏକ ସ୍ମୃତି ଚାରଣ ସଭା ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ପ୍ରତିଭା ବ୍ରଜେନ୍ଦ୍ର ନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ସ୍ୱର୍ଗତ ମହାନ୍ତି ଦେଭୋଗ ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ଦୀର୍ଘ ପନ୍ଦର ବର୍ଷ କାର୍ଯ୍ୟ କରିଥିଲେ । ଦେଭୋଗ ଶ୍ରୀ ହରି ଚରଣ ହାଇ ସ୍କୁଲ୍ ତଥା ଅନେକ ଅନୁଷ୍ଠାନର ସେ ପ୍ରାଣ ପ୍ରତିଷ୍ଠାତା ଥିଲେ । ସମାଜର ଅବହେଳିତ ବର୍ଗର ଲୋକଙ୍କ



ସେବା କରିବା ତାଙ୍କର ପରମ ବ୍ରତ ଥିଲା । ସଭା ପ୍ରାରମ୍ଭରେ ପୁତ୍ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାନ୍ତି ମଞ୍ଚ ଆହ୍ୱାନ ସହିତ ଦିବଂଗତ ମହାନ୍ତି ଙ୍କର ଗୁଣ ବର୍ଣ୍ଣନା କରି ଭାବ ବିହ୍ୱଳ ହୋଇଯାଇଥିଲେ । ତାଙ୍କ ବିୟୋଗରେ ବାଲିଆପାଳ ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଲା ବୋଲି ବକ୍ତା ମାନେ ମତ ରଖିଥିଲେ । ଶିକ୍ଷାବିତ୍ କୃଷ୍ଣ ଚନ୍ଦ୍ର ପାତ୍ର , ଅସିତ୍ କୁମାର ଦାସ, ବ୍ରଜ କିଶୋର ଭୂୟାଁ, ପ୍ରସୂନ୍ନ ମହାନ୍ତି , ନାରାୟଣ ପାତ୍ର, ତପନ ଦାସ, ଅକ୍ଷୟ କୁମାର ଦାସ ମହାପାତ୍ର, ଅଶ୍ୱିନୀ ଦାସ, ଶୁକଦେବ ମହାନ୍ତି, ଗଦାଧର ଗିରି, ସମାଜ ସେବୀ ବିଜନ ନାୟକ, ପ୍ରଫୁଲ୍ଲ ସାହୁ, ରବି ନାରାୟଣ ମହାନ୍ତି, ନରହରି ଜେନା, ମୃତ୍ୟୁଞ୍ଜୟ ନାୟକ, ଧନଞ୍ଜୟ ଗିରି, ଧୀରେନ୍ଦ୍ର ପାତ୍ର, ଶ୍ରୀକାନ୍ତ ପ୍ରଧାନ, ଦୀପକ କୁମାର ଦାସ, ସତ୍ୟ ସୌରଭ ଦାସ, ନିତାଇ ଚାରଣ ରାଉଳ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୁତ୍ର ମୃତ୍ୟୁଞ୍ଜୟ, ବୋହୂ ଜ୍ୟୋତ୍ସ୍ନା, କନକଲତା, ମଞ୍ଜୁବାଳା, ଜ୍ୱାଇଁ ଅଶୋକ, ଯୋଗେନ୍ଦ୍ର, କନ୍ୟା ଲକ୍ଷ୍ମୀପ୍ରିୟା, ହରିପ୍ରୀୟା, କୃଷ୍ଣପ୍ରିୟା, ଅଞ୍ଜଳି, ନାତି ଦେବବ୍ରତ, ସବ୍ୟସାଚୀ, ଭଜନ, ପତିତପାବନ, କୌସ୍ତଭ, ଦେବାଶିଷ, ନିର୍ମାଲ୍ୟ, ମନୋଜ, ନାତୁଣୀ ସସ୍ମିତା, ଋତୁପର୍ଣ୍ଣା, ଗୀତିକୃଷ୍ଣା, ନିମିଶା ଏବଂ ନାତୁଣୀ ବୋହୂ ସାବର୍ଣୀ ଉପସ୍ଥିତ ଥିଲେ । ବନ୍ଧୁ ବାନ୍ଧବ, ପ୍ରିୟ ପରିଜନ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପରିବେଶ ଶୋକାକୁଳ ହୋଇ ଉଠିଥିଲା ।

# ବଜ୍ରାଘାତ ହେଲା କାଳ: ଛେଳି ଚାରାଉଥିବାବେଳେ ଗଲା ମହିଳାଙ୍କ ଜୀବନ

ନିଳଗିରୀ, ୦୫/୧୦ (ନି.ପ୍ର): ନୀଳଗିରି ବ୍ଲକ ଅଧିନସ୍ଥ ଭଉଁରିଆବାଡ଼ ପଂଚାୟତ କମାରଖାଲିଆ ଗ୍ରାମର ଟୁକୁନୁ ସିଂଙ୍କ ସ୍ତ୍ରୀ ଜୟନ୍ତୀ(୪୭) ଗାଁ ମୁଣ୍ଡ ପଡିଆକୁ ଛେଳି ଚରାଇବାକୁ ଯାଇଥିଲେ । ହଠାତ୍ ଅପରାହ୍ନ ପ୍ରାୟ୨.୩୫ମିନିଟ ସମୟରେ ମେଘ ପବନ ସହ ବ୍ରଜପାତ ହୋଇଥିଲା ।ଉକ୍ତ ବ୍ରଜପାତରେ ପଡିଆରେ ଜୟନ୍ତୀ ଟଳିପଡ଼ିଥିଲେ । ନିକଟରେଥିବା ଲୋକ ଓ ପରିବାର ଲୋକେ ୧୦୮ଯୋଗେ ବାଲେଶ୍ୱର ମେଡ଼ିକାଲ କଲେଜ ନେଇଥିଲେ । ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଉକ୍ତ ଖବର ପ୍ରଚାରିତ ପରେ ପରିବାର ଓ



ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା ।ଖବରପାଇ ଭଉଁରିଆବାଡ଼ ସରପଂଚ ସଂଜୟ କୁମାର ସିଂ, ଭଉଁରିଆବାଡ଼ ସମିତିସଭ୍ୟା ତଥା ନୀଳଗିରି ବ୍ଲକ ଚେୟାରମେନ ଶୁଭଲକ୍ଷ୍ମୀ ମାଝୀ, ବରିଷ୍ଠ ସମାଜସେବୀ ମଦନ ମୋହନ ମାଝୀ ସମେତ ସ୍ଥାନୀୟ ବହୁ ନେତୃବୃନ୍ଦ ତାଙ୍କ ବାସଭବନରେ ପହଁଚି ପରିବାରଙ୍କୁ ସମବେଦନା ଜଣାଇବା ସହିତ କିପରି ସରକାରୀ ସହାୟତା ପାଇପାରିବେ ସେନେଇ ସରପଂଚ ଓ ଚେୟାରମ୍ୟାନ ପ୍ରତିଶ୍ରୁତି ଦେଇଛନ୍ତି । ମୃତ ଜୟନ୍ତୀଙ୍କ ଝିଅ ମିଲି(୧୯) , ପୁତ୍ର ରାଉଳ(୧୩) ଓ ଇଶ୍ୱର(୮) ଅଛନ୍ତି । ତାଙ୍କ ସ୍ୱାମୀ ଜଣେ ଦିନମଜୁରିଆ ଅଟନ୍ତି ।

# ଜନକଲ୍ୟାଣୀ ସେବା ସଂସ୍ଥା 'ସହାୟକ'ର ଉନବିଂଶ ବାର୍ଷିକ ଉତ୍ସବ ପାଳିତ

ବାଲେଶ୍ୱର, ୦୫/୧୦ (ନି.ପ୍ର): ଜାତିର ପିତା ମହାତ୍ମାଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ପବିତ୍ର ଜନ୍ମଦିବସରେ ୨୦୦୬ ଠାରୁ ଏକ ଜନକଲ୍ୟାଣୀ ସେବାସଂସ୍ଥା 'ସହାୟକ' ଗଢ଼ି ଉଠିଥିଲା । ଉକ୍ତ ସଂସ୍ଥାର ଉନବିଂଶ ବାର୍ଷିକ ଉତ୍ସବ ଆଜି 'ଆତିଥ୍ୟ ଭବନ'ରେ ସଭାପତି ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏନ୍.ଡି.ଏ. ପୁନେର ଅବସରପ୍ରାପ୍ତ ପ୍ରଫେସର ଡ. ହରିହର ପଣ୍ଡା ଏହି ଉତ୍ସବର ମୁଖ୍ୟଅତିଥିଭାବେ ଯୋଗ ଦେଇ ଅସହାୟକୁ ସହାୟ ହିଁ ମାନବିକତା ବୋଲି ଉଲ୍ଲେଖ କରି ସଂଗଠନ କାର୍ଯ୍ୟଧାରା ତଥା ଭୂମିକାକୁ ଭୂୟସୀ ପ୍ରଶଂସା କରିବା ସଂଗେସଂଗେ ଇତିହାସ ପୁରାଣର ବହୁତ ଉଲ୍ଲେଖନୀୟ ସେବାକାର୍ଯ୍ୟର ଉଦାହରଣ ଦେଇ ତାଙ୍କ ବକ୍ତବ୍ୟରେ ସଂଗଠନକୁ ଉତ୍ସାହିତ କରିବା ସହିତ ପ୍ରେରଣା ଦେଇଥିଲେ । ସମ୍ମାନନୀୟ ଅତିଥି ଭାବେ ସଂଘର ପ୍ରତିଷ୍ଠାତା ତଥା ବରିଷ୍ଠ ଉପଦେଷ୍ଟା ଦିବାକର ମହାପାତ୍ର ଏବଂ ଇଂ. ବନମାଳୀ ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଏହି



ଅନୁଷ୍ଠାନର ସୃଷ୍ଟି, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ କହିବା ସହିତ ଏ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ପ୍ରଥମେ ସଂଘର ଦିବଂଗତ ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରାକ୍ତନ ସଭାପତି ୰ ଧୀରେନ୍ଦ୍ର ନାରାୟଣ ଦାସଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଆଜିକାର ସଭା ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିଲା । ତତ୍‌ସହିତ ଏବର୍ଷରେ ଆମମାନଙ୍କୁ ଛାଡ଼ି ଚାଲିଯାଇଥିବା ୰ ଅନାଦି ଚରଣ ଚାଟାର୍ଜୀ ଓ ୰ ପ୍ରଣବ କୁମାର ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଇଂ. ଡ. ହୃଷିକେଶ ସାହୁ ବାର୍ଷିକ ବିବରଣୀ ଓ ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ ଆୟବ୍ୟୟର ବିବରଣୀ ପାଠ କରିଥିଲେ । ସଂଗଠନର ବାର୍ଷିକ ମୁଖପତ୍ର ୨୦୨୫କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ସଂଗଠନ, ବ୍ୟକ୍ତିବିଶେଷ, କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର, ଉତ୍ତରୀୟ ଓ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା । ସଭାକାର୍ଯ୍ୟ ଆରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପମାଲ୍ୟ ପ୍ରଦାନ କରି ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ । ସ୍ୱର୍ଗତ ଧୀରେନ୍ଦ୍ରନାରାୟଣ ଓ ଅନ୍ୟ ଦିବଂଗତ ସଭ୍ୟମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସଂଗୀତଗୁରୁ ଭୁବନମୋହନ ପ୍ରଧାନ ଓ ସୁଶାନ୍ତ କୁମାର ଦାସ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ଗାନ କରିଥିଲେ । ଗୋପାଳ ଚନ୍ଦ୍ର ଜେନା ମଞ୍ଚ ଆହ୍ୱାନ କରିଥିବାବେଳେ ଗୁଣାକର ଦେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଶ୍ୟାମସୁନ୍ଦର ଜେନା, ଗଙ୍ଗାଧର ପୃଷ୍ଟି, କଲ୍ୟାଣୀ ନନ୍ଦ, ପ୍ରତିମା ପଣ୍ଡା, ଦୀପ୍ତିଲତା ଦାସ, ଅମିତା ଦାଶ, ରବୀନ୍ଦ୍ରନାଥ ଗିରି, ନିରଞ୍ଜନ ପଣ୍ଡା, ଅକ୍ଷୟ କୁମାର କର, ପ୍ରଣିତା ମିଶ୍ର, ଅବନ୍ତୀ ପ୍ରଧାନ, ଇଂ. କେଶବ ମହାନ୍ତି, ଯଶୋଦା ନନ୍ଦନ ଆଶ୍, ରବିନାରାୟଣ ଭୋଳ, ଶଶାଙ୍କ ଶେଖର ଦତ୍ତ, ସୁଶ୍ରୀ ସାବିତ୍ରୀ ଦାସ ପ୍ରମୁଖ ସହଯୋଗ କରିଥିଲେ । ସଂଗଠନର ପୂର୍ବତନ ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ ଉପସ୍ଥିତ ଥିଲେ । ଉପସଭାପତି ଯୋଗେଶ୍ ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଗାନ୍ଧୀଜୟନ୍ତୀ ଦିନ ସଂଗଠନ ପକ୍ଷରୁ ୨୫ଜଣରୁ ଉର୍ଦ୍ଧ୍ୱ ଦୁଃସ୍ଥ ନରନାରୀଙ୍କୁ ଖାଦ୍ୟ ଓ ନୂତନବସ୍ତ୍ର ବଣ୍ଟନ କରାଯାଇଥିଲା ।

# ହବିଷିଆଳି କେନ୍ଦ୍ରର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଏସପି

ପୁରୀ, ୦୫/୧୦ (ନି.ପ୍ର): ପବିତ୍ର କାର୍ତିକ ମାସରେ ଆସୁଥିବା ହବିଷିଆଳି ମା'ମାନେ ପାଇଁ ଚଳିତବର୍ଷ ପୁରୀ ପୁଲିସ ପକ୍ଷରୁ ବିଶେଷ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏହି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ପାଇଁ ଶନିବାର ଦିନ ଏସପି ପ୍ରତୀକ ସିଂ ପାଂଚଟି ହବିଷିଆଳି କେନ୍ଦ୍ର ବୁଲିବା ସହ ଆଲୋଚନା ଓ ସମୀକ୍ଷା ସହିତ କରିଥିଲେ । ଏସପିଙ୍କ ସହ ଅତିରିକ୍ତ ଏସପି ସୁଶିଲ ମିଶ୍ର ଓ ଦେବ ପ୍ରତାପ, କୁମ୍ଭାରପଡା ଥାନା ଅଧିକାରୀ ସୁଶାନ୍ତ ସାହୁ ଓ ଆଇଇ ଚିତ ରଞ୍ଜନ ମହାନ୍ତି ସାମିଲ ହୋଇଥିଲେ । ନରେନ୍ଦ୍ର କୋଣ ବୃନ୍ଦାବତୀ ନିବାସ, ରେଲୱେ ପର୍ଯ୍ୟଟକ କମ୍ପ୍ଲେକ୍ସ, ରେଲୱେ କଲ୍ୟାଣ ମଣ୍ଡପ, ବଗଲା ଧର୍ମଶାଳା ଓ ମୋଚିସାହି ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ଏସପି ଓ ତାଙ୍କ ଟିମ ପରିଦର୍ଶନ କରିବା ସହ ସୁରକ୍ଷା ବ୍ୟବସ୍ଥା, ଆଲୋକ, ପାଣି, ଶୌଚାଳୟ ଓ ଆବଶ୍ୟକ ସୁବିଧା ଯାଂଚ୍ କରିଥିଲେ । ହବିଷିଆଳି ମା'ମାନଙ୍କ ସୁରକ୍ଷା ଓ ସହାୟତା ପାଇଁ ପୁରୀ ପୋଲିସ୍ ପକ୍ଷରୁ ଯୋଗାଯୋଗ, ପରିଚାଳନା ଓ ନିରୀକ୍ଷଣ ନିମନ୍ତେ ବିଶେଷ ୟୁନିଟ୍ ଗଠିତ ହୋଇଛି ।

# ମୟୁରଭଞ୍ଜ କଳାକାର ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ସମାବେଶ ଆୟୋଜିତ

ବେତନଟୀ, ୦୫/୧୦ (ନି.ପ୍ର): ବେତନଟୀ କଙ୍କାଳିଆଛକସ୍ଥିତ ଦମୟନ୍ତୀ ବିବାହ ମଣ୍ଡପରେ ମୟୁରଭଞ୍ଜ କଳାକାର ସଂଘ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସମାବେଶ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଯାଇଛି । ମୟୂରଭଞ୍ଜ କଳାକାରସଂଘର ସମ୍ପାଦକ ସଞ୍ଜୟ କୁମାର ମହାନ୍ତଙ୍କ ସଂଯୋଜନା ଏବଂ ମଞ୍ଚପରିଚାଳନାରେ ଆୟୋଜିତ ବିଶାଳ ସମାବେଶରେ ସଭାପତି ଡ. କୃପାସୀନ୍ଧୁ ମହାନ୍ତ, କୋଷାଧକ୍ଷ କମଳ ଲୋଚନ ମହାନ୍ତ, କେଶବଚନ୍ଦ୍ର ମହାନ୍ତଙ୍କ ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସୀନ ଥିଲେ । ଏହି ଅବସରରେ ବେତନଟୀ, ବଡ଼ସାହି, ଶାମାଖୁଣ୍ଟା, ବାରିପଦା, ମୋରଡା, ରାସଗୋବିନ୍ଦପୁର, ବାଙ୍ଗିରିପୋଷି, ରାଇରଙ୍ଗପୁର,



ବିଶୋଇ ସମେତ ବିଭିନ୍ନ ବ୍ଲକରୁ ୬ଶହରୁ ଉର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିଥିଲେ ।କଳାକାର ମାନଙ୍କର ବିଭିନ୍ନ ଦାବି ଏବଂ ସମସ୍ୟା ବାବଦରେ ଏହି ସମାବେଶରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଆଗକୁ କଳାକାର ମାନଙ୍କରେ ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସର୍ବାଙ୍ଗୀନ ଉନ୍ନତିକଳ୍ପ ମୟୂରଭଞ୍ଜ କଳାକାର ସଂଘ ଆଗଭର ହୋଇ କାମ କରିବା ସହିତ ବିଭାଗୀୟ ଅଧିକାରୀ ଏବଂ ରାଜ୍ୟସରକାରଙ୍କର ଦୃଷ୍ଟିଆକର୍ଷଣ କରିବା ଉପରେ ମଧ ଆଲୋଚନା ହୋଇଥିଲା । ଏଥିରେ ବ୍ଲକ ସଂଯୋଜକ ଭାବେ ବିରଞ୍ଚି ନାରାୟଣ ମହାନ୍ତ, ଅଶୋକ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ସର୍ବେଶ୍ୱର ମହାନ୍ତ ଏବଂ ସହଯୋଗୀ ଭାବେ ପୀତାମ୍ବର ମହାନ୍ତ, ଅମିତା ମହାନ୍ତ, ତପନ ମହାନ୍ତ, ମହେଶ୍ୱର ମହାନ୍ତ, କାର୍ତ୍ତିକଚନ୍ଦ୍ର ମହାନ୍ତ, ବେଣୁଧର ମହାନ୍ତ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ ସଦସ୍ୟଗଣ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ । ଏହି ଜିଲ୍ଲାମସ୍ତରୀୟ ସମାବେଶର ସଫଳ ସମାପନ ପରେ ସଂଘର ସମ୍ପାଦକ ସଞ୍ଜୟ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ତାରିଣୀଙ୍କ ହୁଣ୍ଡିରୁ ୨୦ ଲକ୍ଷ ୮୧ହଜାର ୫୮୮ ଟଙ୍କା ଆୟ

କେନ୍ଦୁଝର, ୦୫/୧୦ (ନି.ପ୍ର): ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ହୁଣ୍ଡିରୁ ୨୦ ଲକ୍ଷ ୮୧ହଜାର ୫୮୮ ଟଙ୍କା ଆୟ ହୋଇଛି । ଦେବୋତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର, ପୁଲିସ କର୍ମଚାରୀ ମଙ୍ଗଳ ନାଏକଙ୍କ ଉପସ୍ଥିତିରେ ଏହି ଗଣନା କାର୍ଯ୍ୟ ସମ୍ପାଦନ ହୋଇଥିଲା । ସର୍ବମୋଟ ୧୩ଟି ହୁଣ୍ଡି ଖୋଲି ଗଣନା କରାଯାଇଛି । ନଗଦ ପଇସା ସହ ୪୭ ଗ୍ରାମ୍ ୭୧୦ ମିଲିଗ୍ରାମ୍ ସୁନା ଓ ୧ କେଜି ୮୨୨ଗ୍ରାମ୍ ୬ଶହ ମିଲିଗ୍ରାମ୍ ରୁପା ମଧ୍ୟ ମିଳିଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida